# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ନଭେମ୍ବର ୧୬/୨୦୨୨ (୧୬ ପୃଷ୍ଠା) | Balasore, Wednesday, November 16/2022 Page 16 ₹ 7.00 | ★★★★

୪୮ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 350 | ମୂଲ୍ୟ ₹୭/-




**ଅମିତ ହେଲେ ଉପ ଅଧିନାୟକ**

ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ପୁରୁଷ ହକି ଦଳର ଉପ ଅଧିନାୟକ ହୋଇଛନ୍ତି ଓଡ଼ିଶାର ଅମିତ ରୋହିଦାସ।

୧୬

୧୨

**ସାରାଙ୍କୁ ଡେଟ୍ କରୁଛନ୍ତି ଶୁଭମନ୍**

ବଲିଉଡ୍ ଅଭିନେତ୍ରୀ ସାରାଅଲ୍ଲି ଖାନ୍‌ଙ୍କୁ କ୍ରିକେଟର ଶୁଭମନ୍ ଗିଲ୍ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି।



# ଜଙ୍ଗଲ ନିଆଁ: ବାଜିଲାଣି ସତର୍କ ଘଣ୍ଟି

## ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ଓଡ଼ିଶାରେ ୨୨,୦୧୪ ବନାଗ୍ନି

ନଭେମ୍ବରରୁ ଜୁନ୍ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ଅନେକ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜୈବ ବିବିଧତା ନଷ୍ଟ ହୋଇଥାଏ। ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ଓଡ଼ିଶାରେ ୫୧,୯୬୮ ଜଙ୍ଗଲ ନିଆଁ ଘଟଣା ଦେଖିବାକୁ ମିଳିଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୫ ଗୁଣ ଅଧିକ ଥିଲା। ଗତ ସିଜନ ଅର୍ଥାତ୍ ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ରାଜ୍ୟରେ ୨୨,୦୧୪ ବନାଗ୍ନି ଘଟଣା ଦେଖାଯାଇଛି। ଏହାର କ୍ଷତିଭରଣା କରିବା ସମ୍ଭବ ହୋଇପାରୁ ନ ଥିବାବେଳେ ପୁଣି ଆସିଯାଇଛି ନୂଆ ସିଜନ ଏବଂ ଗତ ଶନିବାର ଭୁବନେଶ୍ୱର ନିକଟ ଖୋର୍ଦ୍ଧା ଜିଲାର ବରୁଣେଇ ପାହାଡ଼ରେ ନିଆଁ ଲାଗିଯାଇଥିଲା। ତେବେ ଚଳିତ ସିଜନରେ ବନାଗ୍ନି ଘଟଣାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜରୁରୀ ହୋଇପଡ଼ିଛି। ବନ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେଇ ସଜାଗ ରଖାଯିବା ସହ ଜଙ୍ଗଲ ଅଞ୍ଚଳର ଅଧିବାସୀ, ସାମାଜିକ ସଂଗଠନ ଏବଂ ପରିବେଶବିତ୍‌ମାନଙ୍କୁ ନେଇ ସମ୍ମିଳିତ ପ୍ରୟାସ କରାଯିବା ଆବଶ୍ୟକ ହୋଇଛି। ସତର୍କତା ହିଁ ଜଙ୍ଗଲ ବଞ୍ଚାଇବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।



ଅସମାପିକା ସାହୁ, ନୀଳାଦ୍ରି ବିହାରୀ ଦଣ୍ଡପାଟ, ପ୍ରଭାତ ପାଣିଗ୍ରାହୀ, ଲୋକନାଥ ମିଶ୍ର

ଭୁବନେଶ୍ୱର (ବ୍ୟୁରୋ)/ବାରିପଦା ଅଫିସ୍/ଖୋର୍ଦ୍ଧା ଅଫିସ୍/ନୟାଗଡ଼ ଅଫିସ୍, ୧୫।୧୧

ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ-୨୦୨୧ ଅନୁଯାୟୀ ଦେଶର ପ୍ରାୟ ୨୨% ଜଙ୍ଗଲ ହେଉଛି 'ଅତିଉଚ୍ଚ' ଏବଂ 'ଚରମ' ଅଗ୍ନିପ୍ରବଣ ବର୍ଗର। ପୂର୍ବରୁ ସେଣ୍ଟ୍ରାଲ ଓଡ଼ିଶା ଅତିଉଚ୍ଚ ଅଗ୍ନିପ୍ରବଣ ବର୍ଗରେ ଯାଉଥିବାବେଳେ ୨୦୨୧ ରିପୋର୍ଟରେ ଏହା ଚରମ ଅଗ୍ନିପ୍ରବଣ ବର୍ଗକୁ ଆସିଯାଇଛି। ଦିନକୁ ଦିନ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଓ ତାପମାତ୍ରା ବୃଦ୍ଧିପାଇବା ଯୋଗୁ ପ୍ରତିବର୍ଷ ଫେବୃୟାରୀ ଶେଷ ସପ୍ତାହରୁ ଜୁନ୍ ଯାଏ ବିଭିନ୍ନ ସ୍ଥାନରେ ଜଙ୍ଗଲ ଜଳିଉଠୁଛି। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ବନାଗ୍ନି ସିଜନ ଆରମ୍ଭ (ନଭେମ୍ବର) ହେବା ପୂର୍ବରୁ ନିଆ ନ ଗଲେ ନିଆଁ ଆଁରେ ଧ୍ୱଂସ ପାଇଯିବ ରାଜ୍ୟର ଜଙ୍ଗଲ ସମ୍ପଦ। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ☞ ପୃଷ୍ଠା-୪

# ମରୁଡ଼ି ପ୍ରଭାବିତ ଚାଷୀଙ୍କୁ ସବ୍‌ସିଡି

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

ରାଜ୍ୟର ମରୁଡ଼ି ପ୍ରଭାବିତ ଅଞ୍ଚଳର ପୀଡ଼ିତ ଚାଷୀଙ୍କୁ ୨୦୦ କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା(ସବ୍‌ସିଡି) ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏ ନେଇ ଘୋଷଣା କରିଛନ୍ତି। ଏହି ସମସ୍ତ ଅର୍ଥ ରାଜ୍ୟ ସରକାର ନିଜ ରାଜକୋଷରୁ ପ୍ରଦାନ କରିବେ।

ମିଳିଥିବା ରିପୋର୍ଟ ଅନୁଯାୟୀ, ବର୍ଷା ଅଭାବରୁ ରାଜ୍ୟର ୧୨ ଜିଲାର ୬୪ ବ୍ଲକ୍ ଏବଂ ୧୫ ପୌରାଞ୍ଚଳରେ ଥିବା ପ୍ରାୟ ୨, ୬୩,୫୬୦ ହେକ୍ଟର ଚାଷଜମିରେ ୩୩ ପ୍ରତିଶତ କିମ୍ବା ଏହାଠାରୁ ଅଧିକ ଫସଲହାନି ହୋଇଛି। ଅଥଚ ଏ ପର୍ଯ୍ୟନ୍ତ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ବହୁସଂଖ୍ୟକ ଚାଷୀ ଫସଲ ବୀମା ରାଶି ପାଇପାରି ନାହାନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ବୈଷୟିକ ଉପଦେଷ୍ଟା କମିଟିକୁ ଜଣାଇବା ସହ ଅନୁରୋଧ କରିଥିଲେ ☞ ପୃଷ୍ଠା-୪

# ଫସଲ ବୀମା ଅର୍ଥ ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ

## ତୋମାର ସ୍ପଷ୍ଟ କଲେ କେନ୍ଦ୍ର ଦେଇ ନ ଥିଲା: ବିଜେଡି

ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ପୂର୍ବରୁ ଚାଷୀ ପ୍ରସଙ୍ଗକୁ ନେଇ ଏହି ଅଞ୍ଚଳରେ ରାଜନୀତି ଜୋରଦାର ହୋଇଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କୁ ବୀମା ରାଶି ମିଳୁ ନ ଥିବା ନେଇ କୃଷକମାନେ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ସୋମବାର ପଦ୍ମପୁର ଉପନିର୍ବାଚନ ଲାଗି ଭାଜପା ପ୍ରାର୍ଥୀ ହୋଇଥିବା ପ୍ରଦୀପ ପୁରୋହିତ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହ ନାମାଙ୍କନ ଦାଖଲ ଲାଗି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ସେଠାରୁ ଫେରି ଆସିଥିଲେ। ଚାଷୀଙ୍କୁ ବୀମା ରାଶି ନ ମିଳିବା କଥାରେ ଚାଷୀଙ୍କ ସହ ଆଲୋଚନା କରିବା ପରେ ସେ ନାମାଙ୍କନ ଦାଖଲ କରି ନ ଥିଲେ। ଏହି ପ୍ରସଙ୍ଗରେ ମଙ୍ଗଳବାର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରତିକ୍ରିୟା ଦେବାପରେ ରାଜ୍ୟ ରାଜନୀତି ଆହୁରି ସରଗରମ ହୋଇଛି। ☞ ପୃଷ୍ଠା-୪

# ମହୁମାଛିଙ୍କ ଆୟୁଷ କମୁଛି

**୩୪ ପରିବର୍ତ୍ତେ ୧୮ ଦିନ**

ୱାଶିଂଟନ୍, ୧୫।୧୧

ଆମ ପାଇଁ ଫୁଲରୁ ମହୁ ସଂଗ୍ରହ କରି ଫେଣାରେ ସଂରକ୍ଷିତ ରଖୁଥିବା ମହୁମାଛିର ଆୟୁଷ ଅଧା କମିଯାଇଛି। ପୂର୍ବରୁ ମହୁମାଛି ୩୪ ଦିନ ବଞ୍ଚୁଥିବାବେଳେ ଏବେ ୧୮ ଦିନ ଜୀବିତ ରହୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି।



ଗଛରେ ଫୁଲ ଫୁଟିବା ଓ ଫଳ ଫଳିବା ପ୍ରକ୍ରିୟା ପଲିନେଶନ୍ ଦ୍ୱାରା ସମ୍ଭବ ହୋଇଥାଏ। ଏହି ପଲିନେଶନ୍ (ଅଣ୍ଡିରା ଫୁଲର ପରାଗରେଣୁକୁ ମାଈ ଫୁଲକୁ ସ୍ଥାନାନ୍ତର କରିବା) ଭଳି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ପାଇଁ ମହୁମାଛି ଏକ ମାତ୍ର ମାଧ୍ୟମ। ମହୁମାଛିଙ୍କ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସଚେତନ ହେଲେ ସୁରକ୍ଷିତ










**ପ୍ରତ୍ୟେକ ଭାରତୀୟ ହିନ୍ଦୁ: ଭାଗବତ**

ଭାରତରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ହିନ୍ଦୁ। ସବୁ ଭାରତୀୟଙ୍କ ଡିଏନ୍ଏ ସମାନ। ହିନ୍ଦୁତ୍ୱ ବିଚାରାଧାରା ବିବିଧତାକୁ ସ୍ୱୀକୃତି ଦେବା ସହ ଲୋକଙ୍କ ଏକତା ଉପରେ ବିଶ୍ୱାସ କରେ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଛତିଶଗଡ଼ର ଅମ୍ବିକାପୁରରେ ମଙ୍ଗଳବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱୟଂସେବକମାନଙ୍କୁ ସମ୍ବୋଧିତ କରି ସମସ୍ତଙ୍କ ଧର୍ମୀୟ ଆସ୍ଥା ଓ ରୀତିନୀତିକୁ ସଭିଏ ସମ୍ମାନ ଦେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।



**ସଂକ୍ଷେପରେ**

## ଅଚଳ ହୋଇଯିବ ଇନ୍ସାଇଟ୍ ଲ୍ୟାଣ୍ଡର

**ୱାଶିଂଟନ୍, ୧୫।୧୧:** ମଙ୍ଗଳ ଗ୍ରହ ଉପରେ ଗବେଷଣା କରିବା ଲାଗି ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ପଠାଉଥିବା ଇନ୍ସାଇଟ୍ ଲ୍ୟାଣ୍ଡର କାମ କରିବା ବନ୍ଦ କରିଦେବ । ଏହାର ସୋଲାର ପ୍ୟାନେଲରେ ମହାକାଶ ଧୂଳି ଜମା ହୋଇଯିବା କାରଣରୁ ଏହାର ବ୍ୟାଟେରି ଚାର୍ଜ କାପାସିଟି କ୍ରମାଗତ କମିବାରେ ଲାଗିଛି। ଡଷ୍ଟ ୱାଇପର ଦ୍ୱାରା ଇନ୍ସାଇଟ୍ ଲ୍ୟାଣ୍ଡର ସୋଲାର ପ୍ୟାନେଲରୁ ଧୂଳି ହଟାଯାଇପାରିବ ବୋଲି ଅନେକ ବୈଜ୍ଞାନିକ ମତ ଦେଇଥିଲେ ହେଁ ଏଥିରେ ବହୁ ଅର୍ଥ ଖର୍ଚ୍ଚ କରିବା ସାଙ୍ଗକୁ ଏହି ପ୍ରକ୍ରିୟା ଜଟିଳ ହୋଇଥିବା ନାସା ପକ୍ଷରୁ କୁହାଯାଇଛି।

## ସାଉଥ୍ ସୁପରଷ୍ଟାର କ୍ରିଷ୍ଣାଙ୍କ ପରଲୋକ



**ହାଇଦ୍ରାବାଦ୍, ୧୫।୧୧:** ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରଷ୍ଟାର କ୍ରିଷ୍ଣାଙ୍କର ପରଲୋକ ବୁଧବାର ହୋଇଯାଇଛି। ଅସୁସ୍ଥତା କାରଣରୁ କିଛିଦିନ ହେବ ହାଇଦ୍ରାବାଦସ୍ଥିତ କଣ୍ଟିନେଣ୍ଟାଲ ହସ୍ପିଟାଲରେ କ୍ରିଷ୍ଣା ଚିକିତ୍ସିତ ହେଉଥିଲେ। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ଅଭିନୟ ସାଙ୍ଗକୁ ଫିଲ୍ମ ନିର୍ଦ୍ଦେଶନାରେ କ୍ରିଷ୍ଣା ଖୁବ୍ ଦକ୍ଷ ଥିଲେ। ଅନେକ ସୁପରହିଟ୍ ଫିଲ୍ମ ସେ ସିନେପ୍ରେମୀଙ୍କୁ ଭେଟି ଦେଇଛନ୍ତି। ତାଙ୍କ ବିୟୋଗରେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳିଯାଇଛି। ସୁପରଷ୍ଟାର ରଜନୀକାନ୍ତଙ୍କ ସମେତ ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ବହୁ କଳାକାର କ୍ରିଷ୍ଣାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି। ଲୋକପ୍ରିୟ ସାଉଥ୍ ଇଣ୍ଡିଆନ୍ ଫିଲ୍ମ ନାୟକ ପ୍ରିନ୍ସ ମହେଶଙ୍କ ବାପା ହେଉଛନ୍ତି କ୍ରିଷ୍ଣା।

## ଅବୁ ଆଜମିଙ୍କ ସହଯୋଗୀଙ୍କ ଘର ସମେତ ୩୦ ସ୍ଥାନରେ ଆଇଟି ଚଢ଼ାଉ

**ମୁମ୍ବାଇ, ୧୫।୧୧:** ବେନାମୀ ସମ୍ପତ୍ତି ଏବଂ କଳାଧନ ମାମଲାରେ ଆୟକର ବିଭାଗ ମଙ୍ଗଳବାର ସମାଜବାଦୀ ପାର୍ଟି ନେତା ଅବୁ ଆଜମିଙ୍କ ସହଯୋଗୀଙ୍କ ଘରେ ଚଢ଼ାଉ କରିଛି। ଅବୁଙ୍କ ସହଯୋଗୀ ସ୍ୱର୍ଗତ ଗଣେଶ ଗୁପ୍ତାଙ୍କ ସ୍ତ୍ରୀ ଆଭା ଗୁପ୍ତାଙ୍କ ଘର ସମେତ ମୁମ୍ବାଇ, ବାରାଣସୀ, କାନପୁର,ଦିଲ୍ଲୀ,କୋଲକାତା ଏବଂ ଲକ୍ଷ୍ନୌ ସହରରେ ପାଖାପାଖି ୩୦ ସ୍ଥାନରେ ଏହି ଚଢ଼ାଉ ହୋଇଛି। ମାମଲା ସଂକ୍ରାନ୍ତରେ ବହୁ ରାଜନେତାଙ୍କୁ ଯାଞ୍ଚ ପରିସରଭୁକ୍ତ କରାଯିବ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି।

## ଆଜିଠୁ ଯୁଦ୍ଧ ଅଭ୍ୟାସ

**ନୂଆଦିଲ୍ଲୀ, ୧୫।୧୧:** ବୁଧବାରଠାରୁ ଆମେରିକା ଓ ଭାରତ ପକ୍ଷରୁ ମିଳିତ ସମରାଭ୍ୟାସ 'ଯୁଦ୍ଧ ଅଭ୍ୟାସ' ଆରମ୍ଭ ହେବ। ଆମେରିକୀୟ ସେନାର ୧୧ତମ ଏୟାରବର୍ନ ଡିଭିଜନ୍‌ର ୨ୟ ବ୍ରିଗେଡ୍ ଏବଂ ଆସାମ ରେଜିମେଣ୍ଟ ମଧ୍ୟରେ ଏହି ଯୁଦ୍ଧାଭ୍ୟାସ କରାଯିବ । ମାନବୀୟ ସହାୟତା ଓ ବିପର୍ଯ୍ୟୟ ରିଲିଫ୍ (ଏଚ୍ଏଆର୍ଡି) ଅପରେଶନ ଉପରେ ଏହି ମିଳିତ ସମରାଭ୍ୟାସ କରାଯାଉଥିବା କୁହାଯାଉଛି।

# ୟୁକ୍ରେନ୍ ଆକ୍ରମଣକୁ ନିନ୍ଦା

## ଜି୨୦ରେ ମିଳିତ ଚିଠା ଘୋଷଣାନାମା

**ନୁସା ଦୁଆ, ୧୫।୧୧**

ଇଣ୍ଡୋନେସିଆର ବାଲିସ୍ଥିତ ନୁସା ଦୁଆରେ ଚାଲିଥିବା ଜି୨୦ ସମ୍ମିଳନୀରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ମଙ୍ଗଳବାର ଅଧିକାଂଶ ବିଶ୍ୱନେତା ନିନ୍ଦା କରିଛନ୍ତି। ଏହି ସମ୍ମିଳନୀରେ କ୍ଷୁଧା ଓ ଆଣବିକ ଅସ୍ତ୍ର ପ୍ରୟୋଗଜନିତ ବିପଦ ନେଇ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଛି। ବିଶ୍ୱ ଅର୍ଥନୀତି କୋଭିଡ୍-୧୯ ମହାମାରୀଜନିତ ସଙ୍କଟରୁ ମୁକୁଳି ଅଣ୍ଟା ସଳଖି ଛିଡ଼ା ହେବାକୁ ଉଦ୍ୟମ କରୁଥିବାବେଳେ ଗତ ଫେବୃୟାରୀ ୨୪ରେ ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧ ଯୋଗୁ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ବୈଶ୍ୱିକ ଅର୍ଥନୀତିକୁ ଦୁର୍ବଳ କରିଦେଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ତଥାକଥିତ ସ୍ପେଶାଲ ମିଲିଟାରି ଅପରେଶନ ବିରୋଧରେ ଦୁଇଦିନିଆ ଜି୨୦ରେ ଦୃଢ଼ ନିନ୍ଦା କରାଯାଇଛି। ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଯୋଗଦେଇଛନ୍ତି। ପୁଟିନ୍ ଜାଣିଶୁଣି ବାଇଡେନ୍‌ଙ୍କ ସହ ସାମ୍ନାସାମ୍ନି ହେବା ଏଡ଼ାଇବା ଲାଗି ଏଥିରେ ସାମିଲ ହୋଇ ନ ଥିବା କୁହାଯାଉଛି। ତେବେ ଜି୨୦ରେ ଯୋଗଦେଇଥିବା ତାଙ୍କ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ କହିଛନ୍ତି, ଏହି ସମ୍ମିଳନୀର ରାଜନୀତିକରଣ ଦୁର୍ଭାଗ୍ୟଜନକ। ୟୁକ୍ରେନ୍‌ରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଯୋଗୁ ହାଇବ୍ରିଡ୍ ଯୁଦ୍ଧ ଚାଲିଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ବିସ୍ତାର ରୁଷିଆ ପ୍ରତି ବିପଦ ସୃଷ୍ଟି କରିଥିବା ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ରାଷ୍ଟ୍ରର କୂଟନୀତିଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ ୧୬ ପୃଷ୍ଠା ସମ୍ବଳିତ ଚିଠା ଘୋଷଣାନାମାକୁ ଗୃହୀତ କରିବା ନେଇ ନିଷ୍ପତ୍ତି ହୋଇଥିଲା। ତେବେ ବିଶ୍ୱନେତାଙ୍କ ମଧ୍ୟରେ ମତଭେଦ ଯୋଗୁ ଏହା ଗୃହୀତ ହୋଇପାରି ନାହିଁ। ଏହି ରାଷ୍ଟ୍ର ସମୂହର ଅଧିକାଂଶ ସଦସ୍ୟ ୟୁକ୍ରେନ୍ ଆକ୍ରମଣକୁ ନିନ୍ଦା କରିବା ସହ ଏହାଦ୍ୱାରା ବିଶ୍ୱବାସୀ ଭୋଗୁଥିବା ଦୁର୍ଦ୍ଦଶା ସମ୍ପର୍କରେ ଆଲୋଚନା କରିଛନ୍ତି। ସାମ୍ପ୍ରତିକ ସ୍ଥିତିର ଅନୁଶୀଳନ ଏବଂ ରୁଷିଆ ଉପରେ କଟକଣା ଜାରିକୁ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ଜି୨୦ର ଆୟୋଜକ ରାଷ୍ଟ୍ର ଇଣ୍ଡୋନେସିଆ ମୁଦ୍ରାସ୍ଫୀତି, କ୍ଷୁଧା, ଶକ୍ତିର ଉଚ୍ଚ ମୂଲ୍ୟ ଏବଂ ୟୁକ୍ରେନ୍ ଆକ୍ରମଣ ପ୍ରସଙ୍ଗରେ ଏକାଠି ହୋଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଛି। ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ କହିଛନ୍ତି, ଆମ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ। ବିଶ୍ୱକୁ ରକ୍ଷା କରିବାକୁ ହେଲେ ସମନ୍ୱୟ ଆବଶ୍ୟକ। ବିଶ୍ୱକୁ ଆଉ ଏକ ଶୀତଳ ଯୁଦ୍ଧରେ ପଡ଼ିବାକୁ ଦେବା ନାହିଁ। ଇତିମଧ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଭିଡିଓ ଲିଙ୍କ୍ ଜରିଆରେ ଜି୨୦କୁ ସମ୍ବୋଧିତ କରି କହିଛନ୍ତି, ରୁଷିଆର ଆକ୍ରମଣକୁ ବନ୍ଦ କରିବା ସମୟ ଆସିଛି। ଏଥିସହ ୧୦ ସୂତ୍ରୀ ଶାନ୍ତି ଯୋଜନା କାର୍ଯ୍ୟକାରୀ କରିବା ଉଚିତ। ୟୁକ୍ରେନ୍ ଭୂଖଣ୍ଡରୁ ରୁଷିଆ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯାଉ। ଏଥି ସକାଶେ ମସ୍କୋ ଉପରେ ଅନ୍ତର୍ଜାତୀୟ ସମୁଦାୟ ଚାପ ସୃଷ୍ଟି କରନ୍ତୁ ବୋଲି ଜେଲେନ୍‌ସ୍କି ଅନୁରୋଧ କରିଥିଲେ। ଜେଲେନ୍‌ସ୍କିଙ୍କ ସମ୍ବୋଧନକୁ ଲାଭ୍ରୋଭ୍ ଶୁଣିବା ପରେ କହିଥିଲେ, ୟୁକ୍ରେନ୍ ରାଷ୍ଟ୍ରପତି ପାଶ୍ଚାତ୍ୟର ପରାମର୍ଶକୁ ମାନୁନାହାନ୍ତି। ତାଙ୍କ ଯୋଗୁ ଯୁଦ୍ଧର ଅବସାନ ଘଟୁନାହିଁ। ଅନ୍ୟପକ୍ଷେ ରୁଷିଆକୁ ନିନ୍ଦା କରାଯିବା ପ୍ରସ୍ତାବକୁ କେତେକ ରାଷ୍ଟ୍ର ସମର୍ଥନ କରିଥିବାବେଳେ ଆଉ କେତେକ ଦେଶ ଏହି ବିବାଦରେ ଛନ୍ଦି ହେବାକୁ ଚାହିଁନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହି ଅବସରରେ ବାଇଡେନ୍, ଜିନ୍‌ପିଙ୍ଗ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସମେତ ଅନ୍ୟ ରାଷ୍ଟ୍ରମୁଖ୍ୟମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏଥିସହ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ବାଟ ବାହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ୨୦୨୩ରେ ଭାରତ ଜି୨୦ର ଅଧ୍ୟକ୍ଷତା କରିବ। ଭଗବାନ ବୁଦ୍ଧ ଓ ଗାନ୍ଧିଜୀଙ୍କ ଭୂମିରେ ଜି୨୦ର ଆୟୋଜନ ବିଶ୍ୱକୁ ଶାନ୍ତିର ଏକ ମଜଭୁତ ସନ୍ଦେଶ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରକାଶ ଯେ, ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଏହା ହେଉଛି ଜି୨୦ ନେତାଙ୍କ ପ୍ରଥମ ସମ୍ମିଳନୀ। ବିଶ୍ୱର ମୋଟ ଘରୋଇ ଉତ୍ପାଦର ୮୦%ରୁ ଊର୍ଦ୍ଧ୍ୱ ଜି୨୦ରୁ ଆସିଥାଏ। ସେହିପରି ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଏହି ରାଷ୍ଟ୍ରଗୋଷ୍ଠୀର ୭୫ ପ୍ରତିଶତ ଅବଦାନ ରହିଛି। ବିଶ୍ୱ ଜନସଂଖ୍ୟାର ୬୦% ହେଉଛି ଜି୨୦ ରାଷ୍ଟ୍ର ସମୂହର।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରୁଛନ୍ତି।

## ବାଲିରେ ବାଲିଯାତ୍ରାକୁ ସ୍ମରଣ କଲେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଇଣ୍ଡୋନେସିଆର ବାଲିରେ କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାକୁ ସ୍ମରଣ କରିଛନ୍ତି। ଜି୨୦ ସମ୍ମିଳନୀ ପରିପ୍ରେକ୍ଷୀରେ ମୋଦି ସେଠାରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରି କହିଛନ୍ତି, କଟକର ମହାନଦୀ କୂଳରେ ପ୍ରତିବର୍ଷ ଆୟୋଜିତ ହେଉଥିବା ବାଣିଜ୍ୟ ମେଳା ଏକ ପ୍ରଶଂସନୀୟ ଉଦ୍ୟମ। ବାଲି ଯାତ୍ରା ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ଏବଂ ଦକ୍ଷିଣପୂର୍ବ ଏସିଆ ଓ ଶ୍ରୀଲଙ୍କା ସହ ବାଣିଜ୍ୟିକ ସମ୍ପର୍କକୁ ମନେପକାଇଦିଏ। ମୁଁ ଆପଣମାନଙ୍କ ସହ ବାଲିରେ କଥା ହେଉଛି ଏବଂ ଆମେ ଇଣ୍ଡୋନେସୀୟ ପରମ୍ପରାର ଗୀତ ଗାଉଛୁ। ଏଠାରୁ ୧,୫୦୦ କି.ମି. ଦୂରରେ ଅବସ୍ଥିତ କଟକରେ ବାଲିଯାତ୍ରା ମହୋତ୍ସବ ଚାଲିଛି। ଭାରତ-ଇଣ୍ଡୋନେସିଆ ମଧ୍ୟରେ ରହିଥିବା ଅନେକ ହଜାର ବର୍ଷର ବାଣିଜ୍ୟିକ ସମ୍ପର୍କକୁ ବାଲିଯାତ୍ରାରେ ସ୍ମରଣ କରାଯାଏ। ଇଣ୍ଡୋନେସିଆର ଲୋକେ ଚଳିତ ବର୍ଷର ବାଲିଯାତ୍ରା ଫଟୋ ଇଣ୍ଟରନେଟରେ ଦେଖି ଗର୍ବିତ ଓ ଖୁସି ହେବେ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୋଦି ଆହୁରି କହିଛନ୍ତି, କୋଭିଡ୍-୧୯ ମହାମାରୀ ଭଳି କେତେକ ଅସୁବିଧା ଯୋଗୁ ମଝିରେ ବାଲିଯାତ୍ରା ହୋଇପାରି ନ ଥିଲା। ଅନେକ ବର୍ଷ ପରେ ଓଡ଼ିଶାର କୋଣ ଅନୁକୋଣରୁ ଲୋକେ ଆସି ଏଥିରେ ସାମିଲ ହୋଇଛନ୍ତି। ଏବର୍ଷ ଏହି ମହୋତ୍ସବକୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ଏହି ଅବସରରେ ସେ ଇଣ୍ଡୋନେସିଆକୁ ସମୃଦ୍ଧ କରିଥିବା ଭାରତୀୟ ସମୁଦାୟକୁ ପ୍ରଶଂସା କରିଛନ୍ତି।

# ଜ୍ୟାକ୍‌ଲିନ୍‌ଙ୍କୁ ଜାମିନ

**ନୂଆଦିଲ୍ଲୀ, ୧୫।୧୧**



**ସୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଠକେଇ ମାମଲା**

୨୦୧୭ରୁ ଦିଲ୍ଲୀର ତିହାର ଜେଲରେ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖରଙ୍କ ୨୦୦ କୋଟି ଟଙ୍କାର ଠକେଇ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍‌ଙ୍କୁ ଆଶ୍ୱସ୍ତି ମିଳିଛି। ଦିଲ୍ଲୀର ଏକ କୋର୍ଟ ମଙ୍ଗଳବାର ଜ୍ୟାକ୍‌ଲିନ୍‌ଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ତଦନ୍ତ ଶେଷ ହୋଇଛି। ଚାର୍ଜଶିଟ୍ ମଧ୍ୟ ଦାଖଲ ହେଲାଣି। ତେଣୁ ସେ ହାଜତରେ ରହିବା ଅନାବଶ୍ୟକ ଦର୍ଶାଇ ଜ୍ୟାକ୍‌ଲିନ ଜାମିନ ଆବେଦନ କରିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଦାଖଲ ସପ୍ଲିମେଣ୍ଟାରି ଚାର୍ଜଶିଟ୍‌କୁ ଅଗଷ୍ଟ ୩୧ରେ କୋର୍ଟ ଗ୍ରହଣ କରିବା ସହ ଜ୍ୟାକ୍‌ଲିନ୍‌ଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ବେଳେ ଇଡି ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା ଯେ ଅଭିନେତ୍ରୀ ଏହି ଆର୍ଥିକ ଅପରାଧର ତଦନ୍ତରେ ସହଯୋଗ କରୁନାହାନ୍ତି। ତାଙ୍କୁ ଜାମିନ ଦେଲେ ସେ ଦେଶ ଛାଡ଼ି ଚାଲିଯାଇପାରନ୍ତି। ଏଥିଲାଗି ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କ୍ୟୁଲାର ମଧ୍ୟ ଜାରି କରାଯାଇଥିଲା। ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ ସୁକେଶଙ୍କଠାରୁ ଲକ୍ଜ୍ୟୁରି କାର୍, ଅଳଙ୍କାର ସମେତ ଅନେକ ଦାମୀ ଉପହାର ଗ୍ରହଣ କରିଥିବା ଅଭିଯୋଗ ରହିଛି। ଏପରିକି ସୁକେଶ ତାଙ୍କ ପାଇଁ କେତେକ ଘରୋଇ ଜେଟ୍ ଟ୍ରିପ୍ ଓ ହୋଟେଲରେ ରହଣି ବ୍ୟବସ୍ଥା କରିଥିବା କୁହାଯଉଛି।



ତୁର୍କୀର ଇସ୍ତାନବୁଲସ୍ଥିତ ଇସ୍ତିକ୍‌ଲାଲ୍‌ରେ ରବିବାର ବିସ୍ଫୋରଣରେ ୬ ଜଣ ପ୍ରାଣ ହରାଇଥିଲେ। ମୃତକ ମୁକାଦେସ୍ ଏଲିଫ୍ ଟୋପ୍‌କାରା ଏବଂ ଆଡେମ୍ ଟୋପ୍‌କାରାଙ୍କୁ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଦେବାବେଳେ ଦୁଃଖରେ ଭାଙ୍ଗିପଡୁଛନ୍ତି ଆତ୍ମୀୟସ୍ୱଜନ।

## ଆଜି ଚନ୍ଦ୍ରକୁ ଆର୍ଟେମିସ୍-୧ ପଠାଇବ ନାସା



**ୱାଶିଂଟନ୍, ୧୫।୧୧:** ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ବୁଧବାର ଚନ୍ଦ୍ରକୁ ଆର୍ଟେମିସ୍ -୧ ସ୍ପେସ୍ ଫ୍ଲାଇଟ୍ ପଠାଇବ। ଆଡଭାନ୍ସ ଟେକ୍ନୋଲୋଜିରେ ତିଆରି ହୋଇଥିବା ଆର୍ଟେମିସ୍-୧ ମହାକାଶରେ ଥିବା ଅନ୍ତରୀକ୍ଷ ଯାନ ପାଇଁ ଲାଇଫ୍ ସପୋର୍ଟ ଭଳି କାର୍ଯ୍ୟ କରିବ। ଚନ୍ଦ୍ରଠାରୁ ୬୦, ୦୦୦୦ କିଲୋମିଟର ଦୂରରେ ଅବସ୍ଥାପିତ ହେବାକୁ ଥିବା ଆର୍ଟେମିସ୍-୧ ଡିସେମ୍ବରରେ ପୃଥିବୀରେ ସ୍ପ୍ଲାସ୍‌ଡାଉନ୍ କରିବ। ଆମେରିକା କେପ୍ କାନାଭେରାଲସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ସକାଳ ୧୧ଟା ୩୪ ମିନିଟରେ ସ୍ପେସ୍ ଲଞ୍ଚ ସିଷ୍ଟମ ଜରିଆରେ ଆର୍ଟେମିସ୍‌କୁ ଚନ୍ଦ୍ରକୁ ଛଡ଼ାଯିବ।

## ଯୁଦ୍ଧବନ୍ଦୀଙ୍କୁ ଅତ୍ୟାଚାର କରୁଛନ୍ତି ରୁଷିଆ, ୟୁକ୍ରେନ୍ : ଜାତିସଂଘ

**ଜେନେଭା, ୧୫।୧୧**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୯ମାସରୁ ଅଧିକ ଦିନ ବିତିଯାଇଛି। ଦେଶର ନାଗରିକ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବାବେଳେ ଯୁଦ୍ଧକାଳୀନ ବନ୍ଦୀମାନଙ୍କ ଉପରେ ଉଭୟ ଦେଶର ସୈନ୍ୟ ଅକଥନୀୟ ଅତ୍ୟାଚାର କରୁଥିବା ଜାତିସଂଘ ମାନବାଧିକାର ଅଫିସର (ଓଏଚ୍‌ସିଏଚ୍‌ଆର୍) କହିଛନ୍ତି। ବନ୍ଦୀମାନଙ୍କୁ ଇଲେକ୍ଟ୍ରିକ୍ ସକ୍ ଦେବା ସହ ସେମାନଙ୍କୁ ଉଲଗ୍ନ ହେବାଲାଗି ବାଧ କରାଯାଉଛି। ଏ ନେଇ ୟୁକ୍ରେନ୍‌ରେ ଥିବା ଜାତିସଂଘର ପର୍ଯ୍ୟବେକ୍ଷଣ ଦଳ ୧୦୦ ବନ୍ଦୀଙ୍କ ପ୍ରତିକ୍ରିୟା ନେଇଛନ୍ତି। ୟୁକ୍ରେନୀୟ ବନ୍ଦୀଙ୍କୁ ରୁଷିଆ ପକ୍ଷରୁ ମୁକ୍ତ କରାଯାଇଥିଲେ ହେଁ ସେମାନଙ୍କ ପାଇଁ ପଥ ଉନ୍ମୁକ୍ତ କରାଯାଇନାହିଁ। ଅନ୍ୟପକ୍ଷେ ୟୁକ୍ରେନୀୟ ବନ୍ଦୀମାନଙ୍କ ପ୍ରତି ରୁଷିଆ ସୈନ୍ୟ କୌଣସି ଅତ୍ୟାଚାର କରୁ ନ ଥିବା ସିଧା ମନା କରିଦେଇଛି।

# ଷ୍ଟିଭ୍ ଜବ୍ସଙ୍କ ସାଣ୍ଡାଲ ୧.୭୭ କୋଟି

**ୱାଶିଂଟନ୍, ୧୫।୧୧**

ହଲେ ଜୋତାର ଦାମ୍ ସର୍ବାଧିକ କେତେ ହୋଇପାରେ? ୧,୦୦୦, ୫,୦୦୦ କି ୧୦,୦୦୦ ଟଙ୍କା। କିନ୍ତୁ ଗୋଟିଏ ପେୟାର୍ ଜୋତା ୧.୭୭ କୋଟି ଟଙ୍କାରେ ବିକ୍ରି ହୋଇଥିବା ଶୁଣିଲେ ଯେକେହି ବିସ୍ମିତ ହେବେ। ତାହା ପୁଣି ପୁରୁଣା ସାଣ୍ଡାଲ। ବିଶ୍ୱାସ ହେଉ ନ ଥିଲେ ବି ଏହା ସତ। ଆଣ୍ଡ୍ରଏଡ୍ ଫୋନ୍ କମ୍ପାନୀ ଆପଲର ସହପ୍ରତିଷ୍ଠାତା ଷ୍ଟିଭ୍ ଜବ୍ସଙ୍କ ସାଣ୍ଡାଲ୍ ୧.୭୭ କୋଟି (୨୧୮,୭୫୦ ଡଲାର) ଟଙ୍କାରେ ନିଲାମ ହୋଇଛି। ଆମେରିକାର କାଲିଫର୍ନିଆସ୍ଥିତ ଜୁଲିଏନ୍‌ଅକ୍ସନ୍‌ହାଉସ୍‌ରେ ନିଲାମ ପାଇଁ ଜୋବ୍ସଙ୍କ ବିରକେନ୍ ଷ୍ଟୋକ୍ ସାଣ୍ଡାଲ ରଖାଯାଇଥିଲା। ଏହାର ନିଲାମୀ



ମୂଲ୍ୟ ୬୦,୦୦୦ ଡଲାରରୁ ୮୦,୦୦୦ ଡଲାର ଧାର୍ଯ୍ୟ କରାଯାଇଥିଲା। ଏଥିରେ ସାମିଲ ଥିବା ଜଣେ ବ୍ୟକ୍ତି ଷ୍ଟିଭ୍‌ଙ୍କ ବ୍ୟବହୃତ ଚପଲକୁ ୨୧୮,୭୫୦ ଡଲାରରେ ନିଲାମୀ ଡାକି ଏହାର ହକ୍‌ଦାର ହୋଇଛନ୍ତି। ୧୯୭୦ରୁ ୧୯୮ ଦଶକରେ ଷ୍ଟିଭ୍ ଏହି ଚପଲ ପିନ୍ଧୁଥିଲେ। ଆପଲ କମ୍ପାନୀର ଅନେକ କାର୍ଯ୍ୟକ୍ରମରେ



ଷ୍ଟିଭ୍ ଏହାକୁ ପିନ୍ଧିଥିବା ଅକ୍ସନ ହାଉସ୍ ପକ୍ଷରୁ କୁହାଯାଇଛି। ଷ୍ଟିଭ୍‌ଙ୍କ ହାଉସ୍ ମ୍ୟାନେଜର ବିରକେନ୍‌ଷ୍ଟୋକ ପୂର୍ବରୁ ଏହି ଚପଲକୁ ନିଲାମୀ ଜରିଆରେ ଅଧିକାର କରିଥିଲେ। ଏକାଧିକ ପ୍ରଦର୍ଶନୀରେ ଷ୍ଟିଭ୍‌ଙ୍କ ଏହି ଚପଲକୁ ସାମିଲ କରାଯାଇଛି। ମାଟିଆ ରଙ୍ଗର ବିରକେନ୍ ଷ୍ଟୋକ୍ ସାଣ୍ଡାଲ ଷ୍ଟିଭ୍‌ଙ୍କର ଅତି ପ୍ରିୟ ଥିବା ତାଙ୍କ ପୂର୍ବତନ ସ୍ତ୍ରୀ ଲିସା ବ୍ରାନନ ଜବ୍ସ କହିଛନ୍ତି।

# ପ୍ରିନ୍ସେସ୍ ଏନି, ପ୍ରିନ୍ସ ଏଡ୍‌ୱାର୍ଡଙ୍କୁ ଡେପୁଟି ଭୂମିକା

**ଲଣ୍ଡନ, ୧୫।୧୧**

ବ୍ରିଟେନ କିଙ୍ଗ୍ ଚାର୍ଲ୍ସ ୩ୟ ତାଙ୍କ ଭଉଣୀ ପ୍ରିନ୍ସେସ୍ ଏନି (ରୟାଲ ପ୍ରିନ୍ସେସ୍) ଏବଂ ଭାଇ ପ୍ରିନ୍ସ ଏଡ୍‌ୱାର୍ଡ (ୱେସେକ୍ସ)ଙ୍କୁ ଡେପୁଟି ଭୂମିକା ଦେଇଛନ୍ତି। ଉଭୟେ ତାଙ୍କ ପକ୍ଷରୁ ରାଜକୀୟ ଦାୟିତ୍ୱ ନିର୍ବାହ କରିପାରିବେ। ଏନେଇ ବ୍ରିଟେନ ପାର୍ଲାମେଣ୍ଟରେ ଥିବା ତାଲିକାରେ ଦୁହିଁଙ୍କ ନାମ ଯୋଡ଼ିବା ପାଇଁ ଚାର୍ଲ୍ସ ବ୍ୟକ୍ତିଗତ ଭାବେ ଅନୁରୋଧ କରିଛନ୍ତି। ସୋମବାର ଚାର୍ଲ୍ସ ନିଜ ୭୪ତମ ଜନ୍ମଦିନ ପାଳନ କରିବା ଅବସରରେ ଏକ ବିବୃତି ଜାରି କରିଛନ୍ତି। ଏଥିରେ ସେ ତାଙ୍କ ଭଉଣୀ ଓ ଭାଇଙ୍କୁ 'କାଉନ୍‌ସେଲର୍ସ ଅଫ୍ ଷ୍ଟେଟ୍' ସାମିଲ କରିବା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ବ୍ରିଟେନ୍‌ର ରିଜେନ୍ସି ଆକ୍ଟ ଅନୁସାରେ ବର୍ତ୍ତମାନ ଯାଏ ସମ୍ରାଟଙ୍କ ସ୍ତ୍ରୀ ଏବଂ ସିଂହାସନର ପରବର୍ତ୍ତୀ ୪ ଜଣ ୨୧ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଉତ୍ତରାଧିକାରୀଙ୍କୁ କାଉନ୍‌ସେଲର୍ସ ମାନ୍ୟତା ଦିଆଯାଉଥିଲା। ସେମାନେ ହେଲେ କିଙ୍ଗ୍ ଚାର୍ଲ୍ସଙ୍କ ସ୍ତ୍ରୀ କାମିଲା(କୁଇନ୍ କନ୍‌ସର୍ଟ), ପ୍ରିନ୍ସ ୱିଲିୟମ୍ (ପ୍ରିନ୍ସ ଅଫ୍ ୱେଲ୍ସ)। ରାଜାଙ୍କ ସାନପୁଅ ପ୍ରିନ୍ସ ହ୍ୟାରି (ଡ୍ୟୁକ୍ ଅଫ୍ ସସେକ୍ସ) ରାଜ କାର୍ଯ୍ୟରୁ ଅବ୍ୟାହତି ନେଇଥିବାବେଳେ ସାନଭାଇ ପ୍ରିନ୍ସ ଆଣ୍ଡ୍ର୍ୟୁ (ଡ୍ୟୁକ୍ ଅଫ୍ ୟର୍କ) ଏକ ସେକ୍ସ ସ୍କାଣ୍ଡାଲ ମାମଲାରେ ଛନ୍ଦିହେବା ପରେ ନିଜ ରୟାଲ ଡ୍ୟୁଟି ପରିତ୍ୟାଗ କରିଛନ୍ତି। ଚାର୍ଲ୍ସ ଦୁହିଁଙ୍କ ନାମକୁ ବାଦ୍ ଦେବା ପରିବର୍ତ୍ତେ କାଉନ୍‌ସେଲର୍ସ ଅଫ୍ ଷ୍ଟେଟ୍ ତାଲିକାକୁ ପ୍ରଶସ୍ତ କରିଛନ୍ତି। ରାଜାଙ୍କ ଏହି ନିଷ୍ପତ୍ତି ପରେ ଉକ୍ତ ଆଇନରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏଥି ସକାଶେ ସରକାର ହାଉସ୍ ଅଫ୍ କମନ୍ସରେ ଏକ ବିଧେୟକ ଆଣିବେ। ରାଜା ବିଦେଶ ଯାତ୍ରା କରିଥିଲେ କିମ୍ବା ଅସୁସ୍ଥ ହୋଇପଡ଼ିଲେ ତାଙ୍କ ପକ୍ଷରୁ କାଉନ୍‌ସେଲରମାନେ ରାଜକୀୟ ଉତ୍ତରଦାୟିତ୍ୱ ନିର୍ବାହ କରିଥାଆନ୍ତି।





**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୦୮,୦୧,୪୫୧ | ୬୬,୧୬,୯୩୧ | ୬୨,୦୪,୮୮,୦୦୬ |
| ଭାରତ | ୪,୪୬,୬୭,୨୫୧ | ୫,୩୦,୫୩୩ | ୪,୪୧,୨୭,୭୨୪ |
| ଓଡ଼ିଶା | ୧୩,୩୬,୩୫୦ | ୯୨୦୪(+୫୩) | ୧୩,୨୭,୦୧୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ କଟକ ବାଲିଯାତ୍ରା

**କଟକ ଅଫିସ, ୧୫।୧୧**

୩୫ ମିନିଟ୍‌ରେ ୨୨,୪୭୩ କାଗଜ ଡଙ୍ଗା ପ୍ରସ୍ତୁତ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି କଟକ ବାଲିଯାତ୍ରା। ଐତିହାସିକ କଟକ ବାଲିଯାତ୍ରା ଅବସରରେ ମଙ୍ଗଳବାର ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ କାଗଜ ଡଙ୍ଗା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ୨୨ଟି ସ୍କୁଲର ୨୧୨୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ୧୫ ମିନିଟ୍‌ରେ ୧୦,୦୦୦ କାଗଜ ଡଙ୍ଗା ପ୍ରସ୍ତୁତି ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଢେର ଅଧିକ ଡଙ୍ଗା ପ୍ରସ୍ତୁତ କରାଯାଇଥିଲା, ଯାହାକି କଟକର ଗରିମାକୁ ବିଶ୍ୱ ଦରବାରରେ ପୁଣି ଥରେ ଉଜ୍ଜୀବିତ କରିଛି। ଏହି ଅବସରରେ ବାରବାଟି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର କର୍ତ୍ତୃପକ୍ଷ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡେପୁଟି କମିଶନର ସଞ୍ଜୀବିତା ରାଏ, ଅଜୟ ମହାନ୍ତି, ଡେପୁଟି ମେୟର ଦମୟନ୍ତୀ ମାଝି,



କଟକ ବାରବାଟୀ ଷ୍ଟାଡିୟମରେ ଛାତ୍ରୀଛାତ୍ରମାନେ କାଗଜ ଡଙ୍ଗା ତିଆରି କରୁଛନ୍ତି।

ଡିସିପି ପିନାକ ମିଶ୍ର ଉପସ୍ଥିତ ଥିଲେ।

ଡଙ୍ଗା ତିଆରି ପାଇଁ ପୂର୍ବରୁ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମଙ୍ଗଳବାର ସକାଳେ ବିଭିନ୍ନ ସ୍କୁଲର ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବସ୍‌ରେ ଷ୍ଟାଡିୟମକୁ ଅଣାଯାଇଥିଲା। ସେମାନେ ଡଙ୍ଗା ପ୍ରସ୍ତୁତିରେ ଲାଗି ପଡିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର ୬୦ ଜଣିଆ ଟିମ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ୪ ଜଣ ବିଶେଷଜ୍ଞ ଡଙ୍ଗା ପ୍ରସ୍ତୁତିର ମୂଲ୍ୟାୟନ କରିଥିଲେ। ଏହାପରେ ସିଏମ୍‌ସି ଉକ୍ତ ରେକର୍ଡର ଅଧିକାରୀ ହୋଇଥିଲା।

ଏ ସମ୍ପର୍କରେ ମେୟର ସିଂ କହିଥିଲେ, କାଗଜ ଡଙ୍ଗା ପ୍ରସ୍ତୁତି କ୍ଷେତ୍ରରେ ସିଏମ୍‌ସି ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ଏହା କେବଳ କଟକ ନୁହେଁ, ସମଗ୍ର ରାଜ୍ୟ ପାଇଁ

- ୩୫ ମିନିଟ୍‌ରେ ୨୨,୪୭୩ କାଗଜ ଡଙ୍ଗା ପ୍ରସ୍ତୁତ
- ସାମିଲ ହୋଇଥିଲେ ୨୧୨୧ ଛାତ୍ରୀଛାତ୍ର

ଗର୍ବ ଓ ଗୌରବର ବିଷୟ। ନିଗମ ପକ୍ଷରୁ ଦୀର୍ଘ ଦିନ ଧରି ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ସଫଳ ହୋଇଛି। ଆମର ଅତୀତର ନୌବାଣିଜ୍ୟ ପରମ୍ପରାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଏହା ଏକ ନମୁନା ବୋଲି ସେ କହିଥିଲେ। ସେହିପରି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ। କଳିଙ୍ଗର ନୌବାଣିଜ୍ୟ ପରମ୍ପରା ଓ ସଂସ୍କୃତି ବହୁ ପ୍ରାଚୀନ। ତେଣୁ ଏହାକୁ ଆଧାର କରି ଛାତ୍ରୀଛାତ୍ରମାନଙ୍କୁ ନେଇ କାଗଜ ଡଙ୍ଗା ପ୍ରସ୍ତୁତ କାର୍ଯ୍ୟକ୍ରମ କରାଯାଇଥିଲା, ଯାହା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛି। ପୂର୍ବରୁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ୧୩୨୦ ଡଙ୍ଗା ତିଆରିର ରେକର୍ଡକୁ ଭାଙ୍ଗି ସିଏମ୍‌ସି ଏହି ନୂତନ ରେକର୍ଡ ସ୍ଥାପନ କରିଛି।

# ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା

**କଟକ ଅଫିସ,୧୫।୧୧**

ଐତିହାସିକ କଟକ ବାଲିଯାତ୍ରା ଆଉ ଗୋଟିଏ ଦିନ ବଢ଼ିଛି। ଏଥିପାଇଁ ରାଜ୍ୟ ସରକାର ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଫଳରେ ୧୬ ତାରିଖରେ ଶେଷ ହେବାକୁ ଥିବା ଏହି ବାଲିଯାତ୍ରା ୧୭ ତାରିଖରେ ଉଦ୍‌ଯାପିତ ହେବ। ତେଣୁ ଏଥର ୧୦ ଦିନ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଲୋକଙ୍କ ଉତ୍କଣ୍ଠା ଓ ବ୍ୟବସାୟୀମାନଙ୍କ ଦାବିକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ପକ୍ଷରୁ ବାଲିଯାତ୍ରାକୁ ଅଧିକ ୨ ଦିନ ବଢ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଥିଲା। ରାଜ୍ୟ ସରକାର ସବୁ ଦିଗକୁ ବିଚାରକରି ବାଲିଯାତ୍ରାକୁ ଗୋଟାଏ ଦିନ ବଢ଼ାଇବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଏହାଦ୍ୱାରା ବ୍ୟବସାୟୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ, ମାତ୍ର ସେମାନଙ୍କଠାରୁ ଆଉ କୌଣସି ଦେୟ ଆଦାୟ ହେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପ୍ରତିବର୍ଷ ବାଲିଯାତ୍ରା ୮ ଦିନ ଅନୁଷ୍ଠିତ ହେଉଥିବାବେଳେ ଚଳିତବର୍ଷ ଏହାକୁ ୯ ଦିନ କରାଯାଇଥିଲା। ଗତ ବର୍ଷଗୁଡିକରେ ଉଦ୍‌ଘାଟନୀ ଦିବସରେ ଗୋଟିଏ ଦିନ ବଢ଼ିବା ନେଇ ଘୋଷଣା କରାଯାଇଆସୁଥିଲା। ହେଲେ ଏଥର ୮ ଦିନ ବାଲିଯାତ୍ରା ଚାଲିବା ପରେ ଗୋଟାଏ ଦିନ ବଢ଼ିବା ନେଇ ଘୋଷଣା କରାଗଲା। ନଭେମ୍ବର ୮ରୁ ଆରମ୍ଭ ହୋଇଥିବା ବାଲିଯାତ୍ରା ଦେଖିବାକୁ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଛି। ଚିରାଚରିତ ବାଲିଯାତ୍ରାଠାରୁ ଏଥରର ଆୟୋଜନ ସମ୍ପୂର୍ଣ୍ଣ ନିଆରା ରହିଛି। ଲେଜର ଲାଇଟ୍ ଶୋ, କଟକ ଇନ୍ କଟକ, ମହାନଦୀ ଜଳରାଶିରେ ପାୱାର ବୋଟ ଦ୍ୱାରା ଭ୍ରମଣ, ଅକ୍ଷୟ ମହାନ୍ତି ମଞ୍ଚରେ ବଲିଉଡ୍ କଳାକାରଙ୍କ ସଙ୍ଗୀତ ପରିବେଷଣ ଭଳି ଅନେକ ଆକର୍ଷଣ ଚଳିତ ବାଲିଯାତ୍ରାକୁ ନୂତନତାରେ ଭରିଦେଇଛି।

# ‘କିଛି ବିଦେଶୀ ଶକ୍ତି ରାଜ୍ୟ ସମ୍ପଦ ଲୁଟ୍ କରିବାକୁ ଚାହୁଁଛନ୍ତି’

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

## ସଞ୍ଜୟଙ୍କ ବିସ୍ଫୋରକ ବୟାନ

ଧାମନଗର ଉପନିର୍ବାଚନରେ ପରାଜୟ ପରେ ବିଜେଡିରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବର୍ଷ ବର୍ଷ ଧରି ବିଭିନ୍ନ ପଦବୀରେ ଥିବା ପୁରୁଖା ନେତାମାନଙ୍କୁ ଦଳ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଦଳୀୟ ନେତାମାନେ ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ୍ୟ ବିଭିନ୍ନ ସଭା ସମିତିରେ ଦଳର ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ପରୋକ୍ଷରେ ଇସାରା କଲେଣି। ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ସଞ୍ଜୀୟ ଦାସବର୍ମାଙ୍କ ବୟାନ ଦଳୀୟ ରାଜନୀତିକୁ ଉଷ୍ମ କରିଛି। ପୁରୀ ଜିଲା ବ୍ରହ୍ମଗିରି ସଦର ବ୍ଲକର ମାଳସାହିରେ ବିଜେଡି ପଦଯାତ୍ରା ଆୟୋଜନ କରି ସଞ୍ଜୀୟ କହିଛନ୍ତି ‘‘କିଛି ବିଦେଶୀ ଶକ୍ତି ଚାହୁଁଛନ୍ତି ଓଡ଼ିଶାର ଖଣିଜ ସମ୍ପଦ, ପ୍ରାଚୁର୍ଯ୍ୟ, ରତ୍ନଭଣ୍ଡାର ସବୁକୁ ଲୁଣ୍ଠନ କରି ପଳେଇବେ। ମୁଁ କହିବାକୁ ଚାହେଁ ଏ ଜାତି ଭିତରେ କିଛି ଶିଖି ମନେଇ ଥିଲେ। ଯେଉଁମାନେ ସେହି ନିର୍ଜନ ରାତିରେ ବ୍ରିଟିଶଙ୍କୁ ଦେଖାଉଥିଲେ ତମେ ଏଇ ବାଟେ ଗଲେ ଓଡ଼ିଶାକୁ ଦଖଲ କରିବ। ଓଡ଼ିଶାରେ ଏବେ ଏଭଳି ଶକ୍ତିମାନେ ସକ୍ରିୟ ଅଛନ୍ତି। ସେମାନଙ୍କୁ ପରାହତ କରିବାକୁ ପଡ଼ିବ। ପ୍ରଥମେ ବିଧାୟକ ହେଲା ପରେ ମୋତେ ଉପମୁଖ୍ୟ ସଚେତକ ଦାୟିତ୍ୱ ଦିଆଯାଇଥିଲା। ଏହା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଦକ୍ଷତା ବିକାଶ ମନ୍ତ୍ରୀ କରାଗଲା। ଗତ ନିର୍ବାଚନରେ ହାରିଗଲା ପରେ ଯୋଜନା ବୋର୍ଡର ଉପାଧ୍ୟକ୍ଷ କରାଯାଇଥିଲା। ଆଜି ସ୍ଥିତି ବଦଳି ଯାଇଛି। କିଛି ଲୋକ ଭାବୁଛନ୍ତି ଆମେ ଯାହା କରିବୁ, ଯାହା ନିଷ୍ପତ୍ତି ନେବୁ, ସମସ୍ତେ ତାକୁ ଗ୍ରହଣ କରିନେବେ। ସମୟ ଆସିଛି ଆମକୁ ସତର୍କ ରହିବାକୁ ପଡ଼ିବ। ବ୍ରହ୍ମଗିରି ବିକାଶକୁ ପଛକୁ ନେବାକୁ ଯେଉଁମାନେ ଷଡ଼ଯନ୍ତ୍ର କରୁଛନ୍ତି ତା’ର ଉଚିତ ଜବାବ ଏଇ ଜାଗାରୁ ଦିଆଯିବ। କିନ୍ତୁ ମୁଁ କହି ରଖିବାକୁ ଚାହେଁ ଆମେ ଯେଉଁମାନେ ପ୍ରବାଦପୁରୁଷ ବିଜୁବାବୁଙ୍କ ସ୍ୱାଭିମାନ ସହିତ ଆନ୍ଦୋଳନରେ ବ୍ରତୀ ଥିଲୁ ମରିଯିବୁ ପଛେ ସାଲିସ କରିବୁ ନାହିଁ।’’

ଏଠାରେ ସୂଚନାଯୋଗ୍ୟ, ଦାସବର୍ମା ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଖାଦ୍ୟ ଯୋଗାଣ, ଦକ୍ଷତା ବିକାଶ ମନ୍ତ୍ରୀ ଥିଲେ। ୨୦୧୯ରେ ନିର୍ବାଚନ ହାରିଯିବା ପରେ ବି ତାଙ୍କୁ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ନିକଟରେ ରାଜ୍ୟ ସରକାର ସମସ୍ତ ନିଗମ ଓ ବୋର୍ଡକୁ ଭାଙ୍ଗି ଦେଇ ପୁନଃ ନିଯୁକ୍ତି ଦେଇଛନ୍ତି। ମାତ୍ର ଦାସବର୍ମାଙ୍କୁ କୌଣସି ପଦପଦବୀ ମିଳି ନାହିଁ। ସଞ୍ଜୟଙ୍କ ଏଭଳି ବୟାନ ଦଳର ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ପରୋକ୍ଷରେ ଇଙ୍ଗିତ କରୁଥିବା ନେଇ ଚର୍ଚ୍ଚା ହେଉଛି।


KT GLOBAL SCHOOL
TRANSFORMING MINDS
CBSE PATTERN
ADMISSIONS OPEN SESSION2023
Nursery - STD VIII (CBSE)
Bhubaneswar Odisha - 752057
9090 1111 77





ଧରିତ୍ରୀ
DHARITRI
ବୁଧବାର, ୧୬ ନଭେମ୍ବର, ୨୦୨୨

**ଆଜିର ମନ୍ତବ୍ୟ**

"ଦେଶକୁ ସ୍ୱାଧୀନ କରିବାରେ ଆଦିବାସୀମାନଙ୍କ ବଡ଼ ଅବଦାନ ରହିଛି। ବର୍ତ୍ତମାନ ଏହି ସମୁଦାୟ ନିଜ କଳା ଜରିଆରେ ଦେଶକୁ ଅଧିକ ସମୃଦ୍ଧ କରିଛନ୍ତି।

– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତଲା ଭାତରେ ଘିଅ;**
**ଚିତା କୁଟିଦେବି ମନକୁ ଚାହିଁ**
**ଝଟକ ଦିଶିବ ଦିହ ।**

ଆଗକାଳରେ ଗାଁ ଗହଳିରେ ଝିଅ ବୋହୂମାନେ ଦେହରେ ଚିତା କୁଟାଉଥିଲେ । ସେତେବେଳେ ଦେହରେ ଚିତା କୁଟେଇବା ଏକପ୍ରକାର ଫେଶନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ମନଲାଖି ଦେହରେ ଚିତା କୁଟେଇ ଶରୀରକୁ ଆକର୍ଷଣୀୟ କରିବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ତୋଡି ମାଛ ଥାଇ ବୋଇଲା

**ମୋ ମୁହଁଟି ବଳିତା**
**ମୋର ମଜା ମାରି ନେଉଥାଏ**
**ବାଡ଼ି ଆଡେ ଯେଉଁ ନଳିତା ।**

ତୋଡି ମାଛର ମୁହଁ ସରୁ। ବାଡ଼ି ନଳିତା କିଆରୀରେ ଥିବା ଅଳ୍ପ ପାଣିରେ ତୋଡି ମାଛ ସରୁ ମୁହଁ କାଢି ଖେଳିବାର କୌତୂହଳ ଅବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୮ ଶିଳ୍ପ ପ୍ରକଳ୍ପ ଅନୁମୋଦିତ

## ନିର୍ଦ୍ଧାରିତ ସମୟରେ ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ୍ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ରାଜ୍ୟରେ ଶିଳ୍ପାୟନର ବିକାଶ ପାଇଁ ପ୍ରକଳ୍ପ ନିର୍ଦ୍ଧାରଣ ନିମନ୍ତେ ବିଭିନ୍ନ ବିଭାଗରୁ ବରିଷ୍ଠ ବୈଷୟିକ ଅଧିକାରୀ ଏବଂ କଳିଙ୍ଗନଗର, ପାରାଦୀପ, ଝାରସୁଗୁଡ଼ା ଓ ରାୟଗଡ଼ା ଶିଳ୍ପାଞ୍ଚଳରୁ ଶିଳ୍ପାନୁଷ୍ଠାନ ପ୍ରତିନିଧିମାନଙ୍କୁ ନେଇ ଗୋଟିଏ ବୈଷୟିକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୦୮.୬୭ କୋଟି ଟଙ୍କା ଆକଳନରେ ୧୮ଟି ପ୍ରକଳ୍ପ ସୁପାରିସ କରିଛି। ସୁପାରିସ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଡ଼କ ଯୋଗାଯୋଗ, ବାହ୍ୟ ଜଳ ଯୋଗାଣ ଏବଂ ଭଣ୍ଡାରଘର ନିର୍ମାଣ ଆଦି ପ୍ରକଳ୍ପ ରହିଛି। ସେଥିରେ ଇଡ୍‌କୋର ୩୦୨.୯୫ କୋଟି ଟଙ୍କା ଆକଳନରେ ୧୨ଟି ପ୍ରକଳ୍ପ, ପୂର୍ତ୍ତ ବିଭାଗର ୩୮୬.୬୪ କୋଟି ଟଙ୍କା ଆକଳନରେ ୪ଟି ପ୍ରକଳ୍ପ ଏବଂ ଓଡ଼ିଶା ରାଜ୍ୟ ଓ୍ୱାର ହାଉସିଂ ନିଗମର ୧୯.୦୮ କୋଟି ଟଙ୍କା ଆକଳନରେ ୨ଟି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ କଳାହାଣ୍ଡି, ଯାଜପୁର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନବରଙ୍ଗପୁର, ଢେଙ୍କାନାଳ,ପୁରୀ ଜିଲା ସହିତ ରାଜ୍ୟ ଓ୍ୱାର ହାଉସିଂ ନିଗମର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯିବ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ଷମତାସମ୍ପନ୍ନ କମିଟି ବୈଠକରେ ଏହାକୁ ଅନୁମୋଦନ କରାଯାଇଛି।

ଏହି ପ୍ରକଳ୍ପଗୁଡ଼ିକ ଶିଳ୍ପାୟନ ଭିତ୍ତିଭୂମି ବିକାଶ ନିମନ୍ତେ ଏକାନ୍ତ ଆବଶ୍ୟକ ହୋଇଥିବାରୁ ପୁଞ୍ଜି ନିବେଶ ନିମନ୍ତେ ରାଜ୍ୟ ପାଇଁ ସ୍ୱତନ୍ତ୍ର ସହାୟତା ସ୍କିମ୍‌ର ଅନ୍ତର୍ଭୁକ୍ତ ହୋଇପାରିବ। ଏଥିନିମନ୍ତେ ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଧାନମନ୍ତ୍ରୀ ଗତି–ଶକ୍ତି ପୋର୍ଟାଲରେ ଅପଲୋଡ୍ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



କଟକ ବାଲିଯାତ୍ରା ପଡିଆ ଅକ୍ଷୟ ମହାନ୍ତି ମଞ୍ଚରେ ମଙ୍ଗଳବାର ଆୟୋଜିତ ପଥ ଉତ୍ସବରେ ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍

# ଆଉ ବଢ଼ି ନ ପାରେ ଅବଧି

- ନିର୍ଦ୍ଧାରିତ ସମୟ ପୂର୍ବରୁ ନ ଲଗାଇଲେ ଜରିମାନା
- ସ୍ଲଟ୍ ବୁକିଂ କଲେଣି ୩୧.୨୫ ଲକ୍ଷ ଗାଡ଼ି ମାଲିକ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ଯେଉଁ ସବୁ ଗାଡିର ଶେଷ ନମ୍ବର ୧,୨,୩,୪ ହୋଇଥିବ ସେହି ଯାନବାହନଗୁଡ଼ିକର ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ୍ ପ୍ଲେଟ୍ (ଏଚ୍ଏସ୍ଆର୍‌ପି) ଲଗେଇବାର ସମୟସୀମା ନଭେମ୍ବର ୩୦ରେ ଶେଷ ହେବ। ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ଯାନବାହନ ମାଲିକ ସେମାନଙ୍କ ଗାଡ଼ିରେ ଏଚ୍ଏସ୍ଆର୍‌ପି ସଂଲଗ୍ନ କରିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ପକ୍ଷରୁ ସଚେତନ କରାଯାଇଛି। ଏହି ସମୟ ସୀମା ପରେ ଜରିମାନା ଆଦାୟ କରାଯିବ। ପରିବହନ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି, ନଭେମ୍ବର ୧୪ ତାରିଖ ସୁଦ୍ଧା ରାଜ୍ୟରେ ମୋଟ ୩୧,୨୫,୨୩୬ ଗାଡ଼ି ମାଲିକ ସ୍ଲଟ୍ ବୁକ୍ କରିଛନ୍ତି। ସେଥିରୁ ୧୫,୩୦,୫୭୬ ଯାନରେ ଏଚ୍ଏସ୍ଆର୍‌ପି ଲଗାଯାଇଛି। ଗାଡ଼ି ମାଲିକଙ୍କ ସୁବିଧା ପାଇଁ ବିଭାଗ ସମୟସୀମାକୁ ୩ ଥର ବୃଦ୍ଧି କରାଯାଇଛି। ଯେଉଁ ଗାଡ଼ି ମାଲିକମାନଙ୍କର ଇଣ୍ଟରନେଟର ବ୍ୟବହାର କିମ୍ବା ଟେକ୍ନୋଲୋଜି ବିଷୟରେ କୌଣସି ଜ୍ଞାନ ନାହିଁ, ସେମାନଙ୍କ ସୁବିଧା ଅନୁଯାୟୀ ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ଏଚ୍ଏସ୍ଆର୍‌ପି ସୁବିଧା କେନ୍ଦ୍ରରେ ଆରଟିଓ ମାଧ୍ୟମରେ ଆବେଦନ କରିପାରିବେ। ଓଇଏମ୍(ଯାନ ନିର୍ମାତା) ସେମାନଙ୍କର ପ୍ରାଧିକୃତ ବିକ୍ରେତାଙ୍କ ମାଧ୍ୟମରେ ୮୮ ଟି ସ୍ଥାନରେ ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ କ୍ୟାମ୍ପ ଫିଟ୍‌ମେଣ୍ଟ ସେଣ୍ଟର/ଅସ୍ଥାୟୀ ଫିଟ୍‌ମେଣ୍ଟ ସେଣ୍ଟର ଖୋଲିଛନ୍ତି। ଏହାଛଡ଼ା କେତେକ ଆରଟିଓ କାର୍ଯ୍ୟାଳୟରେ ଏହି ଫିଟ୍‌ମେଣ୍ଟ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ତଥା ସ୍ଥାନୀୟ ଉତ୍ପାଦିତ ଟ୍ରେଲର ଏବଂ ଯାନ ସହିତ ଏଚ୍ଏସ୍ଆର୍‌ପିର ଫିଟ୍‌ମେଣ୍ଟ, ଯାହାର ଉତ୍ପାଦକମାନେ ସେମାନଙ୍କ ବ୍ୟବସାୟ ବନ୍ଦକରି ଦେଇଛନ୍ତି ସେହି ସ୍ଥାନରୁ କିଣାଯାଇଥିବା ଗାଡି ଆରଟିଓରେ କରାଯାଇପାରିବ। ଆରଟିଓ କାର୍ଯ୍ୟାଳୟରେ କେବଳ ବାହାନ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରାଯାଇ ପାରିବ। ଏଚ୍ଏସ୍ଆରପି ନମ୍ବର ପ୍ଲେଟ ବଦଳାଇବା ସମୟରେ କିମ୍ବା ଅନ୍ୟ କୌଣସି କାରଣବଶତଃ ଏଥିରେ କିଛି କ୍ଷତି ହେଲେ ଯାନବାହନ ମାଲିକ ଏହାର ରିପ୍ଲେସମେଣ୍ଟ ପାଇଁ ବୁକିଂ କରିପାରିବେ। ସମସ୍ତ ଅଟୋ ମୋବାଇଲ୍ ନିର୍ମାତା ଏବଂ ଓଇଏମ୍‌ର ପ୍ରାଧିକୃତ ବିକ୍ରେତାମାନଙ୍କୁ ଏ ବିଷୟରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ (ଏସଓପି) ପ୍ରଣାଳୀ ପ୍ରଦାନ କରାଯାଇଛି।

# ଖସୁଛି ପାରଦ: ଫୁଲବାଣୀ ୧୦.୫

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଫୁଲବାଣୀରେ ତାପମାତ୍ରା ୧୦.୫ ଡିଗ୍ରୀ ସେଲ୍‌ସିୟସକୁ ହ୍ରାସ ପାଇଛି। ସେହିପରି ରାଜ୍ୟର ୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀକୁ ଖସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭବାନୀପାଟଣା, କୋରାପୁଟ ଓ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୧୨.୬, କେନ୍ଦୁଝର ୧୩, ହୀରାକୁଦ ୧୨.୨, ସମ୍ବଲପୁର ୧୪.୯, ସୁନ୍ଦରଗଡ଼ ୧୪, ବୌଦ୍ଧ ୧୩.୫, ଦେବଗଡ଼ ୧୩, ସୋନପୁର ୧୪.୬ , ଅନୁଗୋଳ ୧୪, ବାରିପଦା ୧୫, ବାଲେଶ୍ୱର ୧୫.୨, କଟକ ୧୬.୪ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ର ୧୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଜଙ୍ଗଲ ନିଆଁ...

ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍ଏସ୍ଆଇ)ର ତଥ୍ୟାନୁସାରେ, ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ଦେଶରେ ୩,୪୫,୯୮୯ ଜଙ୍ଗଲ ନିଆଁ ଲାଗିଥିଲା। ଏହିବର୍ଷ ଓଡ଼ିଶା ଜଙ୍ଗଲ ନିଆଁ କ୍ଷେତ୍ରରେ ସାରା ଦେଶରେ ଶୀର୍ଷରେ ରହିଥିଲା। ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ମଧ୍ୟରେ ସାରା ଦେଶରେ ୨, ୨୩, ୩୩୩ ବନାଗ୍ନି ଦେଖିବାକୁ ମିଳିଛି। ଏହିବର୍ଷ ଓଡ଼ିଶା ଦେଶରେ ୪ର୍ଥ ସ୍ଥାନରେ ରହିଛି। ଏହା ପୂର୍ବାପେକ୍ଷା ହ୍ରାସ ପାଇଥିଲେ ବି ଚିନ୍ତାଜନକ। କାରଣ ମୋଟ ଜଙ୍ଗଲ ନିଆଁର ୯୦% କେବଳ ମନୁଷ୍ୟକୃତ ବୋଲି କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନରୁ ଜଣାପଡ଼ିଛି। ଜଙ୍ଗଲ ନିଆଁ ଯେ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ତାହା କେହି ବି ଅସ୍ୱୀକାର କରିବେ ନାହିଁ। ପରିବେଶ, ଜୀବଜଗତ, ଜଙ୍ଗଲ, ବନ୍ୟପ୍ରାଣୀ ଏବଂ ସମଗ୍ର ମାନବ ସମାଜ ପ୍ରତି ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିପାରେ। ଗତବର୍ଷ ଜଙ୍ଗଲ ନିଆଁକୁ ନେଇ ଓଡ଼ିଶା ଚର୍ଚ୍ଚାରେ ରହିଥିଲା। ରାଜ୍ୟର ଅନେକ ଜଙ୍ଗଲରେ ନିଆଁ ଲାଗିଥିଲା। ଲଗାତର ଦୁଇ ସପ୍ତାହ ଯାଏ ଶିମିଳିପାଳ ଜଙ୍ଗଲ ଭିତରେ ନିଆଁ ନ ଲିଭିବା ଜନମାନସକୁ ବ୍ୟଥିତ କରିଥିଲା। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏହାକୁ ଗୁରୁତ୍ୱର ସହ ନେଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ଚଳିତବର୍ଷ ଶିମିଳିପାଳରେ ବନାଗ୍ନି ରୋକିବା ପାଇଁ ଡିସେମ୍ବର ପହିଲାରୁ ଆକ୍ସନ ପ୍ଲାନ୍ ଆରମ୍ଭ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏକ ଜିଲାସ୍ତରୀୟ କମିଟି ଗଠନ କରାଯିବ। ଏଥିରେ ଜିଲାପାଳ ଅଧ୍ୟକ୍ଷ ରହିବା ସହିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ସାମିଲ କରାଯାଇ ଅଗ୍ନିକାଣ୍ଡ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କହିଛନ୍ତି। ସେହିପରି ଶିମିଳିପାଳ ସଂଲଗ୍ନ ଗ୍ରାମବାସୀଙ୍କୁ ଜଡ଼ିତ କରି ବନାଗ୍ନି ରୋକିବା ଓ ଅଭୟାରଣ୍ୟକୁ ସୁରକ୍ଷା କରିବାରେ ପ୍ରୟାସ କରାଯିବ। ଅନ୍ୟପକ୍ଷରେ ବନ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ଜାନୁୟାରୀ ୧୫ରୁ ଜୁନ୍ ଶେଷ ପର୍ଯ୍ୟନ୍ତ ଅଗ୍ନି ନିର୍ବାପକ ସ୍କ୍ୱାଡ୍‌ରେ ଆଖପାଖ ଗ୍ରାମର ଯୁବପିଢ଼ିଙ୍କୁ ସାମିଲ କରାଯିବାର ଯୋଜନା ରହିଥିବା ଟି.ଅଶୋକ କୁମାର କହିଛନ୍ତି। ଅଗ୍ନିକାଣ୍ଡ ପ୍ରତି ସତର୍କ ଦୃଷ୍ଟି ଦିଆଯାଉଥିବା ବେଳେ ଅଘଟଣ ହେବା ମାତ୍ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ପର୍ଯ୍ୟଟକମାନଙ୍କୁ ଶିମିଳିପାଳ ପ୍ରବେଶ ସମୟରେ କଡ଼ାକଡ଼ି ଯାଞ୍ଚ କରାଯିବା ସହ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ବିଭାଗୀୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି।

ନିକଟରେ ଖୋର୍ଦ୍ଧା ଜିଲାର ଜଟଣୀ ପଟୁ ବରୁଣେଇ ପାହାଡ଼କୁ ସଂଯୋଗ କରୁଥିବା ରାସ୍ତାରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଥିବା ସ୍ଥାନ ପାହାଡ଼ିଆ ଥିବା ଏବଂ ଚଲା ରାସ୍ତା ନ ଥିବାରୁ ଅଗ୍ନିଶମ କର୍ମଚାରୀ ପହଞ୍ଚିବାରେ ବିଳମ୍ବ ଘଟିଥିଲା। ଫଳରେ ନିଆଁକୁ ଆୟତ୍ତ କରିବାରେ ବିଳମ୍ବ ହୋଇଥିଲା। ଏନେଇ ଖୋର୍ଦ୍ଧା ରେଞ୍ଜର ଜୟପ୍ରକାଶ ପଣ୍ଡା କୁହନ୍ତି, ପ୍ରାୟ ୪୮୦ ହେକ୍ଟର ବିଶିଷ୍ଟ ବରୁଣେଇ ଜଙ୍ଗଲରେ ଶତାଧିକ ଔଷଧୀୟ ଗୁଳ୍ମ ସହ ଅନେକ ମୂଲ୍ୟବାନ ଗଛ ରହିଛି। ଏହାର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ଜଙ୍ଗଲରେ ନିଆଁକୁ ଆୟତ୍ତ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବରୁଣେଇ ଚାରିପଟ ବୁଲି ତଦାରଖ କରୁଛନ୍ତି। ପାଦଚଲା ରାସ୍ତାରେ ଜଙ୍ଗଲରେ ଫାୟାର ଲାଇନ କଟାଯାଇଛି। ଏହାଦ୍ୱାରା ନିଆଁକୁ ସହଜରେ ଆୟତ୍ତ କରାଯାଇପାରିବ। ଯେଉଁ ସ୍ଥାନରେ ନିଆଁ ଲାଗିବାର ଆଶଙ୍କା ଅଧିକ ରହିଛି, ସେଠି ଅଧିକ ଗୁରୁତ୍ୱ ଦିଆଯାଉଛି। ସେହି ସ୍ଥାନଗୁଡ଼ିକରେ ପଡ଼ିଥିବା ଶୁଖିଲା ପତ୍ର ଏକାଠି କରି ଜାଳି ଦିଆଯାଉଛି। ଜଙ୍ଗଲରେ ଜଗୁଆଳି ରହିଛନ୍ତି। ସେମାନେ ବିଭିନ୍ନ ସ୍ଥାନକୁ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବିଶେଷକରି ସକାଳ, ଅପରାହ୍ନ ଏବଂ ସନ୍ଧ୍ୟା ସମୟରେ ତଦାରଖ କରିବାକୁ ଜଗୁଆଳିମାନଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ଜଙ୍ଗଲ ନିଆଁ ନ ଲଗାଇବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ କହିଛନ୍ତି। ଏନେଇ ଏସିଏଫ୍ ଅସିତ୍ ମିଶ୍ର କୁହନ୍ତି, ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ବନାଞ୍ଚଳ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ପିକନିକ କରିବାକୁ ଗଲେ ଦିଆସିଲି, ବିଡ଼ି, ସିଗାରେଟ୍ ଜଳାଇ ନ ପକାଇବା ପାଇଁ ସଚେତନ କରାଯାଉଛି।

ନୟାଗଡ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) କ୍ଷମା ଷଡ଼ଙ୍ଗୀ କୁହନ୍ତି, ମଳୟ ପବନ ବହିଲେ ଗଛ ପତ୍ରଝଡ଼ା ଦେଇଥାଏ। କୌଣସି ଶୁଖିଲା ପତ୍ରରେ ନିଆଁ ଲାଗିଲେ ତାହା ବ୍ୟାପିଯାଏ ଏବଂ ଲିଭାଇବା କଷ୍ଟକର ହୋଇଥାଏ। ସାଧାରଣତଃ ଫେବୃୟାରୀ ୧୫ରୁ ଜୁନ ୧୫ ପର୍ଯ୍ୟନ୍ତ ଅଗ୍ନିକାଣ୍ଡ ଭୟ ଅଧିକ ରହୁଛି। ଏହାକୁ ରୋକିବା ପାଇଁ ନିଆଯାଉଥିବା ପଦକ୍ଷେପ ନିମନ୍ତେ ସରକାରୀ ଅନୁଦାନ ଆସିଥାଏ। କିନ୍ତୁ ତାହା ଏଯାଏ ଆସିନାହିଁ। ତେବେ ବନ ବିଭାଗ କର୍ମଚାରୀଙ୍କୁ ଜଙ୍ଗଲ ନିଆଁ ପ୍ରତି ସତର୍କ ରହିବାକୁ କୁହାଯାଇଛି। ଗତବର୍ଷ ଜଙ୍ଗଲରେ ନିଆଁ ଲିଭାଇବା କାଠିକର ପାଠ ହୋଇଥିଲା ବୋଲି ଷଡ଼ଙ୍ଗୀ କହିଛନ୍ତି।

ରାଜ୍ୟରେ ଜଙ୍ଗଲ ନିଆଁ ଲାଗିବା ଖବର ଠିକ୍ ସମୟରେ ପାଇବା ସବୁଠୁ ବଡ଼କଥା। ଏଥିପାଇଁ ବନ ବିଭାଗ ଆପ୍ରାଣ ଉଦ୍ୟମ କରିବା ଆବଶ୍ୟକ। ସେହି ଅନୁସାରେ ନିଆଁକୁ ଲିଭାଗଲା କି ନାହିଁ, ତାହାର ଖବର ମଧ୍ୟ ଉପଗ୍ରହ ମାଧ୍ୟମରେ ନିଆଯିବା ଜରୁରୀ। ପରିବେଶବିତ୍ ଶୁଭେନ୍ଦୁ ମଲ୍ଲିକଙ୍କ କହିବାନୁସାରେ, ଜଙ୍ଗଲ ନିଆଁର ସଫଳ ପରିଚାଳନା ପାଇଁ ସମସ୍ତଙ୍କୁ କାନ୍ଧରେ କାନ୍ଧ ମିଶେଇ ମିଳିତ ମୁକାବିଲା କରିବାକୁ ପଡ଼ିବ। ଖାଲି ବନ ବିଭାଗ ଉପରେ ଦୋଷ ବା ଦାୟିତ୍ୱ ଲଦିଦେଲେ ହେବନାହିଁ। ଜଙ୍ଗଲ ନିଆଁକୁ କାବୁ କରିବା ପାଇଁ ଅନେକ ଖସଡ଼ା କେନ୍ଦ୍ର ସରକାରଙ୍କ ତରଫରୁ ପ୍ରସ୍ତୁତ କରାଯାଇଛି। ସେଗୁଡିକୁ ଠିକ୍ ଭାବେ କାମରେ ଲଗେଇବା ଦରକାର। କେଉଁ ଗୋଟିଏ ବିଭାଗରେ ଦୁର୍ବଳତା ରହିଗଲେ ଜଙ୍ଗଲ ନିଆଁ ସହ ଲଢ଼େଇ ସହଜ ହେବନାହିଁ। ଏଥିନିମନ୍ତେ ଆଧୁନିକ ପ୍ରଣାଳୀ ବ୍ୟବହାର କରି କିଛି କାମ କଲେ ନିଶ୍ଚୟ ସଫଳତା ମିଳିବ।

### ଜଙ୍ଗଲ ନିଆଁର ପ୍ରମୁଖ କାରଣ

ଜଙ୍ଗଲ ନିଆଁର ୨ ସମ୍ଭାବ୍ୟ କାରଣ ହେଉଛି ପ୍ରାକୃତିକ ଏବଂ ମନୁଷ୍ୟକୃତ। ପ୍ରାକୃତିକ କାରଣଗୁଡ଼ିକ ହେଲା ବଜ୍ରପାତ, ପଥର ବା ବାଲିଗରଡ଼ା ଘଷି ହୋଇ ଅଗ୍ନିକଣା ବାହାରିବା, ଥୁଣ୍ଟା ଗଛ ଡାଳ ବା ବାଉଁଶ ପରସ୍ପର ଘଷି ହୋଇ ନିଆଁ ଝୁଲ ବାହାରିବା ଓ ଆଗ୍ନେୟଗିରି ଉଦ୍‌ଗିରଣ। ତେବେ ମନୁଷ୍ୟକୃତ କାରଣ ହେଉଛି ଇଚ୍ଛାକୃତ ଏବଂ ଦୁର୍ଘଟଣା ଜନିତ। ଯେମିତିକି ପୋଡୁଚାଷ, ଘାସ ଓ ଜାଳେଣି, ବନ କର୍ମଚାରୀଙ୍କ ଉପରେ କୌଣସି ରାଗ ଶୁଝାଇବା ପାଇଁ ନିଆଁ ଲଗେଇବା, ଗାଁ ଲୋକଙ୍କ ପାଇଁ ରାସ୍ତା ଫିଟେଇବା, ଜଙ୍ଗଲ ଜମି ଜବରଦଖଲ, ବେଆଇନ ଗଛକଟାକୁ ଲୁଚେଇବା, ଆଦିବାସୀ ପରମ୍ପରା ଆଦି ସବୁ ଇଚ୍ଛାକୃତ ଅଗ୍ନିକାଣ୍ଡ। କିନ୍ତୁ ମହୁଲ ଆଦି ଅଣକାଠ ଜାତୀୟ ଜଙ୍ଗଲ ଦ୍ରବ୍ୟ ସଂଗ୍ରହ, ଫସଲ ଅବଶିଷ୍ଟକୁ ପୋଡ଼ିବା, ବନ୍ୟପ୍ରାଣୀଙ୍କୁ ଶିକାର ପାଇଁ ନିର୍ଦ୍ଦିଷ୍ଟ ଦିଗକୁ ଘଉଡ଼େଇବା, ଜଳନ୍ତା ବିଡ଼ି ବା ସିଗାରେଟ ଫୋପାଡ଼ିବା, ମୋଟର ଯାନର ନିଆଁ ସ୍ପାର୍କ, ଟ୍ରାନ୍ସଫର୍ମରରୁ ନିଆଁ ସ୍ପାର୍କ, କାଠ କୋଇଲା ସଂଗ୍ରହ, ଜଙ୍ଗଲ ମଧ୍ୟରେ ରୋଷେଇ, ରାସ୍ତା କାମ ପାଇଁ ପିଚୁ ଗରମ କରିବା ଆଦି ଯୋଗୁ ଘଟୁଛି ଦୁର୍ଘଟଣାଜନିତ ଅଗ୍ନିକାଣ୍ଡ।

### କେଉଁ ସବୁ କ୍ଷତି

୧୯୯୫ରେ ଇଣ୍ଡୋନେସିଆର ପୂର୍ବ କାଲିମାନନ୍ତରେ ଭୟାବହ ଅଗ୍ନିକାଣ୍ଡରେ ୩ ନିୟୁତ ହେକ୍ଟର ନଷ୍ଟ ହେବା ସହିତ ପଡୋଶୀ ଦେଶଗୁଡ଼ିକରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥିଲା। ଜଙ୍ଗଲ ନିଆଁର ପ୍ରଭାବରେ ଏକ ଦଶନ୍ଧି ପରେ ମଧ୍ୟ ନାନା ରୋଗ ସୃଷ୍ଟି ହେବା ସହ କୀଟପତଙ୍ଗ ଆକ୍ରମଣ ବୃଦ୍ଧି ଏବଂ ଜଳସ୍ତରର ହ୍ରାସ ହୋଇଥାଏ। ତେବେ ଅତ୍ୟଧିକ ଜଙ୍ଗଲ ନିଆଁରୁ ଯେଉଁସବୁ ମୁଖ୍ୟ କ୍ଷତି ଘଟିଥାଏ ସେଗୁଡ଼ିକ ହେଲା, ମୂଲ୍ୟବାନ କାଠ ଉତ୍ସଗୁଡ଼ିକର କ୍ଷତି, ଇକୋ–ସିଷ୍ଟମ ଉପରେ ଜଙ୍ଗଲ ନିଆଁର ପ୍ରଭାବ, ବନ୍ୟଜନ୍ତୁଙ୍କ ସଂଖ୍ୟା ଏବଂ ବାସସ୍ଥାନ ହ୍ରାସ, ଜଙ୍ଗଲ ଆବରଣ ହ୍ରାସ, ବିଶ୍ୱତାପନ, ମୃତ୍ତିକା କ୍ଷୟ, ସାମାଜିକ–ଅର୍ଥନୈତିକ ପ୍ରଭାବ ଏବଂ ପର୍ଯ୍ୟଟନ କ୍ଷେତ୍ର ଅନାକର୍ଷଣ ହେବା।

## ମରୁଡ଼ି ପ୍ରଭାବିତ...

ମଧ୍ୟ କିଛି ସୁଫଳ ମିଳିନାହିଁ। ପରିସ୍ଥିତିର ଗମ୍ଭୀରତା ଏବଂ ମରୁଡ଼ି ପୀଡ଼ିତ କୃଷକଙ୍କ ଦାବି ଏବଂ ଜିଲାପାଳମାନେ ଦେଇଥିବା ଫସଲହାନି ରିପୋର୍ଟକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ପୀଡ଼ିତ ଏବଂ ବଞ୍ଚିତ ଚାଷୀଙ୍କୁ ରାଜ୍ୟର ନିଜସ୍ୱ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପୀଡ଼ିତ ଚାଷୀଙ୍କୁ ତତ୍କାଳ ସହାୟତା ରାଶି ପ୍ରଦାନ ଲାଗି ଏହିସବୁ ପ୍ରଭାବିତ ଜିଲାର ଜିଲାପାଳଙ୍କୁ ଆବଶ୍ୟକ ସହାୟତା ରାଶି ସମ୍ପର୍କରେ ଏସ୍ଆରସିଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୀଡ଼ିତ ଚାଷୀଙ୍କ କଷ୍ଟ ଦୂର କରିବାକୁ ଏବେ ୨୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ଆକଳନ କରାଯାଉଛି।

ବରଗଡ଼ ଜିଲା ପଦ୍ମପୁରରେ ଚାଷୀମାନେ ଇନ୍‌ପୁଟ୍ ସବ୍‌ସିଡି, ବୀମା କ୍ଷତିପୂରଣ ଓ ଶୀଘ୍ର ଧାନ କିଣା ଦାବିରେ ନଭେମ୍ବର ୧ତାରିଖରୁ ଧାରଣାରେ ବସି ରହିଛନ୍ତି। ସେମାନଙ୍କର ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ଚାଷୀଙ୍କ ଆନ୍ଦୋଳନକୁ ପ୍ରଶମିତ କରିବା ନିମନ୍ତେ ବିଜେଡି, ଭାଜପା ଓ କଂଗ୍ରେସ ସମର୍ଥନ ଜଣାଇଥିଲେ ମଧ୍ୟ ଚାଷୀମାନେ ସେଥିରେ ପ୍ରଭାବିତ ନ ହୋଇ ଓଲଟା ଉପନିର୍ବାଚନକୁ ବର୍ଜନ କରିବା ନିମନ୍ତେ ଅନୁରୋଧ କରିଛନ୍ତି। ପଦ୍ମପୁର ଉପନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଏହି ଘୋଷଣା କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି।

## ଫସଲ ବୀମା ଅର୍ଥ...

ତୋମାର ଟୁଇଟ୍ କରି କହିଛନ୍ତି ଯେ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ବରଗଡ଼ ଜିଲାର ଝାଡବନ୍ଧ, ପଦ୍ମପୁର ଏବଂ ପାଇକମାଳ ବ୍ଲକର ଚାଷୀ ଫସଲ ବୀମା ରାଶି ନ ପାଇବା ବିଷୟରେ ଆଲୋଚନା କରିଛନ୍ତି। ଏନେଇ ଗଠିତ ହୋଇଥିବା ସମିତି ସହ ଏ ବାବଦରେ ନିର୍ଣ୍ଣୟ ନିଆଯାଇସାରିଛି। ଉଭୟ ବୀମା କମ୍ପାନୀ ଏବଂ ରାଜ୍ୟ ସରକାରଙ୍କୁ ତୁରନ୍ତ କ୍ଲେମ୍ ଜାରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାର ଚାଷୀଙ୍କ କ୍ଲେମ୍ ଅତିଶୀଘ୍ର ପ୍ରଦାନ କରିବା ଦିଗରେ ଚିନ୍ତିତ ଥିବା ସେ ଉଲ୍ଲେଖ କରିଛନ୍ତି।

ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କେନ୍ଦ୍ରମନ୍ତ୍ରୀଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ବରଗଡ଼ ଜିଲା ବିଶେଷ କରି ପଦ୍ମପୁର ନିର୍ବାଚନମଣ୍ଡଳୀର ଚାଷୀଙ୍କୁ ବକେୟା ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ତୁରନ୍ତ ପ୍ରଦାନ ନେଇ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଯେଉଁ ଟୁଇଟ୍ କରିଛନ୍ତି, ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି, ଏଯାଏ ଏହା କେନ୍ଦ୍ର ସରକାର ହିଁ ଦେଇ ନ ଥିଲେ। ତେଣୁ ଏବେ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବାକୁ କେନ୍ଦ୍ର କୃଷି ମନ୍ତ୍ରୀ ବୀମା କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦେଉଛନ୍ତି। ଚଳିତ ବର୍ଷ ଅଗଷ୍ଟ ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରିବାକୁ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ନଭେମ୍ବର ୭ ତାରିଖ ଦିନ ବୈଷୟିକ ପରାମର୍ଶଦାତା କମିଟି ଏ ନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାର ଦୁଇଦିନ ପରେ ଓଡ଼ିଶାର ସମବାୟ ମନ୍ତ୍ରୀ ନଭେମ୍ବର ୯ରେ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ସାକ୍ଷାତ କରି ତୁରନ୍ତ ରାଜ୍ୟର ବଞ୍ଚିତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏହା ପ୍ରଦାନ କରିବା ବୀମାକମ୍ପାନିଗୁଡ଼ିକର କାମ। ଏଥିରେ ରାଜ୍ୟ ସରକାରଙ୍କର କେଣସି ଭୂମିକା ନାହିଁ। ଯଦି କେନ୍ଦ୍ର ସରକାର ପୂର୍ବରୁ ଏହି ନିଷ୍ପତ୍ତି ନେଇଥାନ୍ତେ, ତେବେ ବରଗଡ଼ ଜିଲା ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ଚାଷୀଙ୍କୁ ଏତେ ଦିନ ଧରି ଦୁର୍ଦ୍ଦଶାରେ କାଳ କାଟିବାକୁ ପଡ଼ି ନ ଥାନ୍ତା ବୋଲି ସେ କହିଛନ୍ତି।

## ମହୁମାଛିଙ୍କ ଆୟୁଷ...

ସହଯୋଗ ବିନା ଗଛରେ ଫୁଲ କିମ୍ବା ଫଳ ଫଳିବା ପ୍ରାୟ ଅସମ୍ଭବ ବୋଲି 'ସାଇନ୍ସ ଆଲର୍ଟ ମାଗାଜିନ୍'ରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରକାଶିତ ରିପୋର୍ଟରେ ବୈଜ୍ଞାନିକମାନେ ଉଲ୍ଲେଖ କରିଛନ୍ତି, ଖାଦ୍ୟ ଉତ୍ପାଦନର ମୁଖ୍ୟ ମାଧ୍ୟମ ପାଲଟିଥିବା ମହୁମାଛିଙ୍କ ଆୟୁଷ କ୍ରମାଗତ କମିବାରେ ଲାଗିଛି। ବୈଜ୍ଞାନିକଙ୍କ ମତରେ ସେମାନଙ୍କ ଆୟୁ ୫୦% ହ୍ରାସ ପାଇଛି। ଅର୍ଥାତ୍ ପୂର୍ବରୁ ଗୋଟିଏ ମହୁମାଛି ହାରାହାରି ୩୪ ଦିନ ବଞ୍ଚୁଥିବାବେଳେ ଏବେ ମାତ୍ର ୧୮ ଦିନ ଜୀବିତ ରହୁଛି।

ମହୁମାଛିଙ୍କ ୧୦ ପ୍ରଜାତି ଭିତରୁ ଗୋଟିଏ ପ୍ରଜାତି ସମ୍ପୂର୍ଣ୍ଣ ଭାବେ ପରିବେଶରୁ ଉଭାନ ହୋଇଯିବା ପରେ ୟୁରୋପୀୟ ଦେଶଗୁଡ଼ିକ ମହୁମାଛିଙ୍କୁ 'ରେଡ୍ ଲିଷ୍ଟ' (ବିପଜ୍ଜନକ ତାଲିକା)ରେ ଅନ୍ତର୍ଭୁକ୍ତ କରିଛନ୍ତି। ମହୁମାଛିଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ଲାଗି ଜଳବାୟୁ ପରିବର୍ତ୍ତନକୁ ମୁଖ୍ୟତଃ ଦାୟୀ କରାଯାଉଛି। ଆମେରିକାରେ ୨୦୧୮ ଅକ୍ଟୋବରରୁ ୨୦୧୯ ଏପ୍ରିଲ ମଧ୍ୟରେ ୪୦% ମହୁମାଛିଙ୍କ ମୃତ୍ୟୁ ଘଟିଥିଲା। କାନାଡା, ଅଷ୍ଟ୍ରେଲିଆ, ବେଲଜିୟମ୍, ପର୍ତ୍ତୁଗାଲ, ସ୍ପେନ୍, ସୁଇଜରଲାଣ୍ଡ, ଜର୍ମାନୀ, ଫିନ୍‌ଲାଣ୍ଡ ଓ ପୋଲାଣ୍ଡରେ ମହୁମାଛି ବଂଶ ନିପାତ ହେବାରେ ଲାଗିଛି। ୨୦୧୨–୨୦୧୩ର ପ୍ରବଳ ଶୀତରେ ବ୍ରିଟେନ୍‌ରେ ୨୯% ମହୁମାଛିଙ୍କ ମୃତ୍ୟୁ ଘଟିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ଶୁକ୍ର ନକ୍ଷତ୍ରସ୍ଥ ଚନ୍ଦ୍ର ସାମାଜିକ ସ୍ତରରେ ସମ୍ମାନ, ଆର୍ଥିକ ଅଭିବୃଦ୍ଧି, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ପ୍ରଦାନ କରିବ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାରରେ ଅନ୍ୟକୁ ଆପଣାର କରିବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ**
ପାପଯୁକ୍ତ ନୀଚସ୍ଥ ରବିଜନିତ ସମସ୍ୟା ଜାଲରେ ଛନ୍ଦି ହୋଇପାରନ୍ତି। ଅଟକିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଶିଳ୍ପ,ବାଣିଜ୍ୟ,ପରିବହନ ଓ ବ୍ୟବସାୟ ଭଲରେ ଚାଲିବ । ପରିବହନ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଝଗଡାର ଆଶଙ୍କା ରହିଛି।

**ମିଥୁନ**
ଧନାଧିପତିଙ୍କ ଶୁଭତ୍ୱ କାରଣରୁ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ବିଭିନ୍ନ ଯୋଜନା ଆରମ୍ଭ କରି ଖୁସି ହୋଇପାରନ୍ତି। ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଫଳରେ ଦୁଶ୍ଚିନ୍ତା ବଢିଯାଇପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ଖୁସି ରହିବେ। ବ୍ୟବସାୟୀମାନେ ପରିଶ୍ରମ ଅନୁସାରେ ଫଳ ଲାଭ ନ କରି ନିରାନନ୍ଦ ରହିପାରନ୍ତି।

**କର୍କଟ**
ଏକାଦଶରେ ମଙ୍ଗଳ ଥିବାରୁ ଜମିଜମା, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଶୁଭଫଳ ମିଳିବ। ଦାୟିତ୍ୱ ନେଇଥିବା କାମଟିକୁ ସୁରୁଖୁରୁରେ କରିବା କାରଣରୁ ଟେନସନ୍ କମିଯିବ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ପଡୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିବେ । ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାହେତୁ ସାମୟିକ ଖୁସି ହେବେ।

**ସିଂହ**
ରବିଙ୍କ ସମ୍ମୁଖରେ ବୁଧ ଯୋଗୁ ନିକଟସ୍ଥ ବ୍ୟକ୍ତି ସାହାଯ୍ୟ ସହଯୋଗ କରିପାରନ୍ତି। ଆର୍ଥିକ ଦିଗରୁ ଉପକୃତ ହୋଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ପରିବାରରେ ପାରସ୍ପରିକ ସହଯୋଗ ଜୀବନକୁ ରସାଣିତ ଓ ମଧୁମୟ କରିବ। ସାମାଜିକ ସ୍ତରରେ ସାହିତ୍ୟ, କଳା, ସାମ୍ବାଦିକତା ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଚନ୍ଦ୍ରଙ୍କ ସହ ପ୍ରତ୍ୟେକ କେନ୍ଦ୍ରରେ ଗ୍ରହଥିବାରୁ ଦୁର୍ଲଭ ଯୋଗ ଆପଣଙ୍କ ସାମଗ୍ରିକ ଆଶା ପୂରଣରେ ସାହାଯ୍ୟ କରିବ। ଆତ୍ମୀୟଙ୍କ ସହଯୋଗ, ସମ୍ମାନ ପାଇ ଖୁସି ରହିବେ। ପାରିବାରିକ ସ୍ତରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ ନେଇ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ସୁଫଳ ପାଇବେ।

**ତୁଳା**
ମଙ୍ଗଳ ଓ ବୃହସ୍ପତି ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ସୃଷ୍ଟି ହେବ। ଆଜି ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ । ଜଣେ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ଉତ୍ସାହିତ ରହିବେ।

**ବିଛା**
ରାଶିକୁ ରାଶ୍ୟାଧିପ ମଙ୍ଗଳ ଦେଖୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ। ରୋଗପୀଡା ଲାଘବ ହେବା କାରଣରୁ ଆନନ୍ଦ ଅନୁଭବ କରିବେ। ଯଥା ସମୟରେ ସବୁ କାମଗୁଡିକ ସମ୍ପନ୍ନ ହେବାରୁ ମନ ଏକ ପ୍ରକାର ଖୁସୀ ହୋଇଯିବ । ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ୍ ବଢିପାରେ।

**ଧନୁ**
କେନ୍ଦ୍ରସ୍ଥ ଗୁରୁ ହେତୁ ପୂର୍ବ ପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ମନ ବଳାଇ ପାରନ୍ତି। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂଆ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଆଜି ଦିନରେ ସବୁଠି ଆଦର, ସମ୍ମାନ ପାଇବେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇବେ। ସମ୍ପର୍କୀୟମାନେ ପ୍ରତ୍ୟେକ ସ୍ତରରେ ସାହାଯ୍ୟ କରିବେ। ତଥାପି ଅଶ୍ଳେଷାର କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡିକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**କୁମ୍ଭ**
କର୍ମସ୍ଥାନଟି କର୍ମାଧିପତିଙ୍କ ଦୃଷ୍ଟି ହେତୁ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ , ଅନ୍ୟଥା ହରାଇବାକୁ ପଡିପାରେ।

**ମୀନ**
ଚତୁର୍ଥାଧିପ ଭାଗ୍ୟସ୍ଥ ହେତୁ ପରିବାରର ଅଶାନ୍ତ ପରିବେଶକୁ ସ୍ୱାଭାବିକ କରିବାରେ ବନ୍ଧୁମାନଙ୍କର ଭୂମିକା ଅବିସ୍ମରଣୀୟ ରହିବ । ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି । ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବ।

ଆଜି ନଭେମ୍ବର ୧୬ ତାରିଖ, ବିଛା ସଂକ୍ରାନ୍ତି, ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ବୁଧବାର, ଶ୍ରୀଲିଙ୍ଗରାଜଦେବଙ୍କ ଯାତ୍ରା, ଜାତୀୟ ପ୍ରେସ୍ ଦିବସ, ରାଶିନକ୍ଷତ୍ର–ଅଶ୍ଳେଷା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୫୯ମି. ଗତେ ଘ.୦୮.୧୨ମି. ମଧ୍ୟେ, ଘ.୧୦.୨୪ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୧ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁକାଳ।

## କ୍ଲାଇମେଟ୍ ଚେଞ୍ଜ: ଦି ପାୱାର ଅଫ୍ ୟୁଥ୍

# ଘରୁ ଆରମ୍ଭ ହେଉ ପରିବେଶ ସୁରକ୍ଷା

ଜଳବାୟୁପରିବର୍ତ୍ତନ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଥିବାବେଳେ ଯୁବପିଢ଼ି କିପରି ଏ ଦିଗରେ ସଚେତନ ହେବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍-୨୦୨୨'। ନଭେମ୍ବର ୨୪ ତାରିଖ 'ଧରିତ୍ରୀ'ର ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜନ ହେବାକୁ ଥିବା ଏହି ଯୁବ ସମ୍ମିଳନୀରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ। ଏଥିସହିତ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରୁ ଯୁବବକ୍ତା ଅଂଶଗ୍ରହଣ କରି ସେମାନଙ୍କ ସୁଚିନ୍ତିତ ମତାମତ ଦେବେ। ଯୁବ ପରିବେଶବିତ୍‌ଙ୍କ ସମ୍ପର୍କରେ...

DHARITRI YOUTH CONCLAVE 2022 CLIMATE CHANGE: THE POWER OF YOUTH

**ନୀଳିମା ମିଶ୍ର**



ଇଞ୍ଜିନିୟରିଂ ପାଠ ପଢ଼ି କ୍ୟାରିୟର ଆରମ୍ଭ କଲେ। କିନ୍ତୁ ପରିବେଶ ପ୍ରତି ରହିଥିଲା ବିଶେଷ ଦୁର୍ବଳତା। ତେଣୁ ଇଞ୍ଜିନିୟରିଂ ବୃତ୍ତି ଛାଡ଼ି ସେ ପରିବେଶ କ୍ଷେତ୍ରରେ ଉଚ୍ଚଶିକ୍ଷା କଲେ। ଏବେ ଯୁବ ପରିବେଶବିତ୍ ଭାବେ ସେ କେବଳ ଓଡ଼ିଶା ନୁହେଁ, ସାରା ବିଶ୍ୱରେ ପରିଚିତ। ସେ ହେଉଛନ୍ତି ବାଲିଅନ୍ତାର ଝିଅ ନୀଳିମା ମିଶ୍ର। ଜାମଶେଦପୁରରେ ଜନ୍ମଗ୍ରହଣ କରିଥିବା ନୀଳିମାଙ୍କ ଛୋଟ ବେଳରୁ ପରିବେଶ ପ୍ରତି ରହିଥିଲା ଦୁର୍ବଳତା। ଭୁବନେଶ୍ୱରରେ ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଇଞ୍ଜିନିୟରିଂ ଶେଷ କରିବା ପରେ ସେ ଦୀର୍ଘ ୪ବର୍ଷ ଏ ଦିଗରେ କାର୍ଯ୍ୟ କରିଥିଲେ। କିନ୍ତୁ ଉଚ୍ଚଶିକ୍ଷା କରିବାର ଇଚ୍ଛା ଏବଂ ପ୍ରାକୃତିକ ସମ୍ପଦ ଉପରେ ଦୁର୍ବଳତା ରହିଥିବାରୁ ଇଞ୍ଜିନିୟରିଂ ଛାଡ଼ିଦେଲେ। ଭୋପାଳସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫରେଷ୍ଟ ମ୍ୟାନେଜ୍‌ମେଣ୍ଟରୁ ଫରେଷ୍ଟ ମ୍ୟାନେଜମେଣ୍ଟରେ ଏମ୍‌ବିଏ କଲେ। ଚଳିତବର୍ଷ ସେ ବ୍ରିଟେନ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଏନ୍‌ଭାଇରନ୍‌ମେଣ୍ଟାଲ ପଲିସିରେ ଏମ୍‌ଫିଲ ଶେଷ କରିଛନ୍ତି। ୨୦୧୯ରେ ହୋଇଥିବା କ୍ଲାଇମେଟ୍ ଫୋର୍ସ ଆର୍କଟିକ୍ ଏକ୍ସପେଡିଶନରେ ଅଂଶଗ୍ରହଣ କରି ଓଡ଼ିଶା ତଥା ଦେଶକୁ ଗୌରବାନ୍ୱିତ କରିଥିଲେ। ସାରା ବିଶ୍ୱରେ ଏହି ଆର୍କଟିକ୍‌ରେ ୮୦ଜଣ ଅଂଶଗ୍ରହଣ କରିଥିବାବେଳେ ସେ ଏକମାତ୍ର ଅଂଶଗ୍ରହଣକାରୀ ଭାବେ ଓଡ଼ିଶାରୁ ମନୋନୀତ ହୋଇଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଥିଲା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପ୍ରଶଂସା କରିଥିଲେ। ନୀଳିମା ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱ ଦେଇଥାନ୍ତି। ନିଜ ବ୍ୟକ୍ତିଗତ ସାମର୍ଥ୍ୟରେ ସେ ସବୁବେଳେ ପରିବେଶ ସଚେତନତା ପ୍ରସାର ପାଇଁ କାର୍ଯ୍ୟ କରନ୍ତି। ଏପରିକି ସେ ବିଭିନ୍ନ କର୍ପୋରେଟ୍ ହାଉସ୍‌ରେ ମଧ୍ୟ ପରିବେଶ ସଚେତନତା ଦିଗରେ ଅଭିଭାଷଣ ଦେଇଛନ୍ତି। ସେ ନିଜ ଘରେ ଆବର୍ଜନାକୁ ପୃଥକ୍ କରି ରଖନ୍ତି, ବର୍ଜ୍ୟବସ୍ତୁକୁ ପୁନଃ ବ୍ୟବହାର କରନ୍ତି ଏବଂ ଘରେ କମ୍ପୋଷ୍ଟ ମଧ୍ୟ ପ୍ରସ୍ତୁତ କରନ୍ତି। ବର୍ଜ୍ୟବସ୍ତୁ ପୃଥକୀକରଣ, କମ୍ପୋଷ୍ଟ ତିଆରି କରିବା, ଲୋକମାନେ କିପରି ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ କମ୍ ବ୍ୟବହାର କରିବେ ସେ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି। 'ସିବା ଗ୍ରୀନ ସଲ୍ୟୁଶନ' ନାମରେ ଏକ ସଂସ୍ଥା ମାଧ୍ୟମରେ ସେ ବିଭିନ୍ନ କର୍ପୋରେଟ୍ ହାଉସ୍ ସମେତ ସ୍କୁଲ, କଲେଜ ଏବଂ ସ୍ଥାନୀୟ ଲୋକଙ୍କୁ ସଚେତନ କରାଉଛନ୍ତି। ନୀଳିମାଙ୍କ କହିବା ହେଲା ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ଆହ୍ୱାନ। ସବୁ କ୍ଷେତ୍ରରେ ଆମେ ପରିବର୍ତ୍ତନ କରିପାରିବା ନାହିଁ। ତେବେ ଗୋଟେ ଜିନିଷରୁ ଆମେ ଘରୁ ଆରମ୍ଭ କରିପାରିବା। ତାହା ହେଉଛି ବର୍ଜ୍ୟବସ୍ତୁ। ଆମ ଘରେ ଯଦି ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ରଖିବା ଏବଂ ଓଦା ବର୍ଜ୍ୟବସ୍ତୁକୁ ଖତ କରିପାରିବା, ତେବେ ଗ୍ରୀନ ହାଉସ୍ ଏମିଶନକୁ ହ୍ରାସ କରିପାରିବା। ଆମର ବର୍ଜ୍ୟବସ୍ତୁ ଯେପରି ମାଟିକୁ ନ ଯାଇ ତାକୁ କିପରି ପୁନଃବ୍ୟବହାର କରାଯାଇପାରିବ, ସେ ଦିଗରେ ଚିନ୍ତା କରିବା ଦରକାର। ଲୋକମାନେ ନିଜ ବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପାଇଁ ଚାହୁଁ ନାହାନ୍ତି। କିନ୍ତୁ ସେହି ବର୍ଜ୍ୟବସ୍ତୁକୁ ଯଦି ସେମାନେ ପୁନଃବ୍ୟବହାର କରିପାରିବେ, ତାହା ସେମାନଙ୍କ ପାଇଁ ଏକ ସମ୍ବଳ ହୋଇପାରିବ। ଆମର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଲୋକେ ଏହାକୁ ଆଗ୍ରହ ପ୍ରକାଶ କରି ଖତ କିପରି ତିଆରି ହେବ ଜାଣିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଆମେ ତାଙ୍କୁ ଶିଖାଉଛୁ। ଖୁବ୍‌ଶୀଘ୍ର ଆପାର୍ଟମେଣ୍ଟଗୁଡ଼ିକରୁ ଆମେ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରିବାର ଯୋଜନା ରଖିଛୁ ବୋଲି ନୀଳିମା କହିଛନ୍ତି।

# ସୁପ୍ରିମକୋର୍ଟ ନିର୍ଦ୍ଦେଶକୁ ଓକିଲ ସଂଘର ବେଖାତିର



ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଆଇନଜୀବୀମାନେ।

## 'ମାଟି ପାଇଁ ସମୂହ ବଳିଦାନ ଦେବାକୁ ପ୍ରସ୍ତୁତ'

**ସମ୍ବଲପୁର,୧୫।୧୧(ବ୍ୟୁରୋ)**

ଲଢ଼େଇ ଜାରି ରହିବ। ହାରିବାର ଭୟ ମଧ୍ୟ ଆଉ ନାହିଁ। ମାଟି ମା' ପାଇଁ ସମୂହ ବଳିଦାନ ଦେବାକୁ ପ୍ରସ୍ତୁତ ଅଛୁ। ଏକସଙ୍ଗରେ ଜିଲାର ୧୬୦୦ ଆଇନଜୀବୀ ସେମାନଙ୍କ ଲାଇସେନ୍ସ ସରେଣ୍ଡର କରିବାକୁ ପଛଘୁଞ୍ଚା ଦେବେ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ନ ମାନି ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ଦେଇ ଆନ୍ଦୋଳନ ଚାଲୁ ରହିବ ବୋଲି ମଙ୍ଗଳବାର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମତପ୍ରକାଶ ପାଇଥିଲା। ସଭାପତି ସୁରେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓକିଲ ସଂଘର ସଦସ୍ୟମାନେ ଉପସ୍ଥିତ ରହି ନିଜ ମତ ପ୍ରକାଶ କରିଥିଲେ। ଶେଷରେ ପ୍ରତି ବୁଧବାର ଆନ୍ଦୋଳନ ଚାଲୁରହିବ ବୋଲି ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା। ଆନ୍ଦୋଳନ କରି କୋର୍ଟ କାର୍ଯ୍ୟ ବନ୍ଦ କଲେ ଲାଇସେନ୍ସ ରଦ୍ଦ କରିବାକୁ ସୁପ୍ରିମକୋର୍ଟ ତାଗିଦା କରିଛନ୍ତି। ଏହାକୁ ବେଖାତିର କରି ଜିଲା ଓକିଲ ସଂଘ ବନ୍ଦ ପାଳନ ଜାରି ରଖିବାକୁ ସ୍ଥିର କରିଛି।

ସଭାପତି ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ଜଣେ କନଷ୍ଟେବଳଙ୍କ ଗଣ୍ଡଗୋଳକୁ ନେଇ ହାଇକୋର୍ଟ ୮୬ଦିନ ପର୍ଯ୍ୟନ୍ତ ଅଚଳ ରହିଥିଲା। ସେ ସମୟରେ ସୁପ୍ରିମକୋର୍ଟ କାହିଁକି ନୀରବ ରହିଥିଲେ। ଏବେ ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ଆନ୍ଦୋଳନ ସମୟରେ ମୁହଁ ଖୋଲୁଛନ୍ତି। ଆନ୍ଦୋଳନ ଭଣ୍ଡୁର କରିବାକୁ ଚକ୍ରାନ୍ତ କରାଯାଉଛି। ଏଥିରେ କେହି ସଫଳ ହେବେନାହିଁ। ଏବେ ଏହା ଜନ ଆନ୍ଦୋଳନରେ ପରିଣତ ହୋଇସାରିଛି। ବାସ୍ତବରେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥପାଇଁ ଏଭଳି କରୁଛନ୍ତି। ସରକାର ବିଳମ୍ବ ନ କରି ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ। ନ ହେଲେ ଆନ୍ଦୋଳନ ଥମିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଥିଲେ। ବୈଠକ ପରେ ଓକିଲ ସଂଘ କର୍ମକର୍ତ୍ତା ବାଣ ଫୁଟାଇ ଉତ୍ସାହିତ ହୋଇଥିଲେ। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସହମତିରେ ସମ୍ବଲପୁର ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ନଭେମ୍ବର ପହିଲାରୁ ପ୍ରତି ବୁଧବାର ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, କୋର୍ଟ, ରାଜସ୍ୱ ଅଫିସ ଆଗରେ ପିକେଟିଂ କରୁଛନ୍ତି।

## ବନ୍ଧା ବସ୍ତାରୁ ଗୁରୁତର ମହିଳା ଉଦ୍ଧାର

**ଗୁଡାରୀ,୧୫।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡାରୀ ବ୍ଲକ୍ ସାନହୁମା ପଞ୍ଚାୟତର କିନିଡ଼ି ଗ୍ରାମ ନିକଟ କପାବାଡ଼ରୁ ବନ୍ଧା ହୋଇଥିବା ବସ୍ତାରୁ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ମଙ୍ଗଳବାର ଉଦ୍ଧାର କରାଯାଇଛି। ସେ ହେଲେ କିନିଡ଼ି ଗ୍ରାମର ମାୟାଦେବୀ ପାଣିଗ୍ରାହୀ(୫୧)। କୌଣସି ବ୍ୟକ୍ତିଙ୍କ ଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚି ମହିଳାଙ୍କୁ କପାବାଡ଼ରୁ ଉଦ୍ଧାର କରି ଗୁଡାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ଗୁଣପୁର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ବିଷୟରେ ମାୟାଦେବୀଙ୍କ ମା' ଗଙ୍ଗଦେବୀ ପାଣିଗ୍ରାହୀ ଗୁଡାରୀ ଥାନାରେ ଏତଲା ଦେଇଛନ୍ତି।

## କମ୍ପାନୀ କର୍ମଚାରୀଙ୍କଠୁ ୫ଲକ୍ଷ ଲୁଟ

**ରାଉରକେଲା ଅଫିସ,୧୫।୧୧**

ରାଉରକେଲା ସହରରେ ଦିନକୁ ଦିନ ଲୁଟତରାଜ ବଢ଼ିବାରେ ଲାଗିଛି। ଗତ ସୋମବାର ଆରଏମ୍‌ସି ନିକଟସ୍ଥ ରିଂରୋଡ୍‌ରେ ଜଣେ ବ୍ୟବସାୟୀଙ୍କଠାରୁ ୧୪ଲକ୍ଷ ଟଙ୍କା ଲୁଟ୍ ହେବାର ୨୪ ଘଣ୍ଟା ନ ବିତୁଣୁ ମଙ୍ଗଳବାର ଦିନ ସାଢେ ୧୨ଟାରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରାଉରକେଲା ରିଂରୋଡ ସାତତାଲା ସମ୍ମୁଖରେ ପୁଣି ଲୁଟ୍ ହୋଇଛି। ଶିବାନୀ ମେଟାଲ ଇଣ୍ଡଷ୍ଟ୍ରିର ହିସାବରକ୍ଷକ କର୍ମଚାରୀମାନଙ୍କ ଦରମା ଟଙ୍କା ବ୍ୟାଙ୍କରୁ ଉଠାଇ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କଠାରୁ ଉକ୍ତ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୪୫୫।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁସାରେ, ବନ୍ଧମୁଣ୍ଡା ଗୁଣ୍ଡିଚାପାଲି ବସ୍ତିର ପ୍ରଦୀପ ଛେଲ(୩୩) ଆଇଡିସି କଲୁଙ୍ଗା ଅଞ୍ଚଳରେ ଥିବା ଶିବାନୀ ମେଟାଲ ଇଣ୍ଡଷ୍ଟ୍ରିରେ ହିସାବରକ୍ଷକ ଭାବେ କାମ କରନ୍ତି। ସେ ଚଳିତ ମାସରେ ଇଣ୍ଡଷ୍ଟ୍ରିର କର୍ମଚାରୀମାନଙ୍କ ଦରମା ପ୍ରଦାନ ପାଇଁ ରାଉରକେଲା ବିଶ୍ରା ରୋଡ ଅଞ୍ଚଳରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୫ଲକ୍ଷ ଟଙ୍କା ଉଠାଇଥିଲେ। ପ୍ରଦୀପ ତାଙ୍କ ବାଇକ୍‌ରେ ଉକ୍ତ ଟଙ୍କାକୁ ନେଇ କୁଲୁଙ୍ଗା ସ୍ଥିତ ଆଇଡିସି ଫାକ୍ଟ୍ରିକୁ ଯିବାବେଳେ ଦୁଇଜଣ ଦୁର୍ବୃତ୍ତ ଏକ କଳାପଲସରରେ ଆସି ରାଉରକେଲା ରିଂରୋଡ୍ ସାତ ତାଲା ସମ୍ମୁଖରେ ତାଙ୍କ ଟଙ୍କା ବ୍ୟାଗକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏହାପରେ ପ୍ରଦୀପ ଶିବାନୀ ମେଟାଲ ଇଣ୍ଡଷ୍ଟ୍ରିର ମାଲିକ ସଞ୍ଜୟ ଜସୱାଲଙ୍କ ସହ ପ୍ଲାଣ୍ଟସାଇଟ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ।


## ODISHA JOINT ENTRANCE EXAMINATION-2022 (OJEE - 2022)

### NOTICE REGARDING REGISTRATION FOR B. PHARM AND M. PHARM COURSES

No.OJEE/558 Date:14.11.2022

**No.h-15:** It is for the information of all the candidates who have qualified in OJEE-2022/NEET-2022/JEEMAIN-2022 examinations and are interested to take admission into B.PHARM/M.PHARM courses offered by various accredited institutes in Odisha for the session 2022-23, that the process of registration is scheduled to start from 15th November 2022, 5.00 PM. Candidates are advised to visit OJEE websites (www.ojee.nic.in / www.odishajee.com) and carefully read the "Counselling Brochure - 2022". The detailed schedule of choice filling and subsequent round-wise counselling process shall be notified later.

OIPR-14020/11/0026/2223 **Sd./- CHAIRMAN, OJEE, Odisha**

## P.G. CENTRAL OFFICE FAKIR MOHAN UNIVERSITY

**VYASA VIHAR, NUAPADHI, BALASORE,ODISHA-756089**

## ADMISSION NOTICE 2022-2023

**No: FMU/PGC-I -01/2022/2187 Date: 15.11.2022**

Fakir Mohan University, Balasore is inviting **CPET-2022** appeared students interested for admission in following Post Graduate Programmes for the session 2022-23 against the vacant seats in the subject mentioned below, following the guidelines of Department of Higher Education, Govt. of Odisha vide its letter No. 45064/HE, dated 29.10.2022.

- Environmental Sci.
- Applied Microbiology
- Anthropology
- PMIR
- Education
- Population Studies
- Urdu
- Sanskrit
- Applied Psychology
- MSW
- Commerce
- LLM
- Journalism & Mass Communication
- Library & Information Science
- Geography
- Biotechnology
- Sociology
- Economic
- English
- History

The CPET- 2022 appeared students are required to report to the Head of the concerned P.G. Departments with following documents for admission on **18th, 19th & 21st November 2022**, between at **10.00 A.M. to 4.00 P.M.** on the basis of first come first service till all vacancy seats are filled up.

1. Print out of the Common Application Form (CAF) .
2. All originals & Xerox copy of Certificates from H.S.C. to qualifying Examination.
3. All originals & Xerox copy of Marksheets from H.S.C. to qualifying Examination
4. College Leaving Certificate in Original.
5. Original Certificate relating to Reserve Category.
6. Eight copies of recent passport size Photograph.
7. Aadhar Card & Blood Group Report (Xerox copy)
8. Migration Certificate in Original.
9. Course Fee as uploaded on the F.M. University website: **www.fmuniversity.nic.in** in the form of Bank Draft/ Bank Challan/through Online to be deposited on the same day of report on **18th, 19th & 21st November 2022.**

Further, students interested to take admission in **5 year Integrated BA-LLB/BBA-LLB**, apply within **30.11.2022.**

**By the Order of Vice Chancellor**
**Chairman, P.G. Council**
**Fakir Mohan University, Balasore-756089, Odisha**

## CAREER APPOINTMENT

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

### ନିଯୁକ୍ତି

ଓଡ଼ିଶାର ଏକ ସୁନାମଧନ୍ୟ My Shop Company ସବୁ ଜିଲ୍ଲାରୁ ପୁଅ, ଝିଅ ଆବଶ୍ୟକ କରୁଛି । (ଯୋଗ୍ୟତା ୮ମରୁ +୩ ପର୍ଯ୍ୟନ୍ତ) । ଅଭିଜ୍ଞତା ଥିବା ମାର୍କେଟିଂ ଟ୍ରେନର ଆବଶ୍ୟକ । ଦରମା: **7000 to 25000.**
Address: ସାମନ୍ତରାପୁର, ମାରୁତି ନଗର,ଭୁବନେଶ୍ୱର
**Ph:9040339519, 9348879126**

### WANTED

Lady Office Assistant for Office Work, At-Phulnakhara, Cuttack, Free Fooding + Free Room + 10,000/-.
**8249851363**

### REQUIRED

We require Computer knowing person for our Surgical and Medicine wholeselling outlets **having knowledge of Tally and Accounting**. Preference will be given to experienced person in the relevant field.
We require Salesman/Office Boy for our firm. (Freshers can also apply)
Salary Negotiable for Right Candidate
Contact/Whatsapp **7338439548**
**OM SURGICAL AND CHEMICALS**
Bapuji Nagar and Ashok Nagar

### REQUIRED

Need experienced Civil Engineer having experience of Client/Govt. billing for a reputed construction company based in Sambalpur,
**Contact:S M Ventures**
**Mo.- 97703-03683**
**E-mail:smventures.cg@gmail.com**

### GREEN TRENDS UNISEX SALOON

PATRAPADA
**STAFF REQUIREMENT**
Hair and beauty (Male/Female)
Makeup & beauty (Female)
**9078426667,7325932612**

### ELECTRICIAN WANTED

Electricians and plumbers for interior company, Bangalore, minimum one year experience, Excellent salary, motorcycle and benefits, Call Rakesh
**7760923260**

### WANTED

**CA Firm Audit experienced Staffs** including **CA inter** partly or fully qualified, qualified **CA/ICWA** for **Mumbai Office** of Odisha based leading CA firm at attractive terms. Apply to : **bhagi1982@yahoo.co.in** with full resume immediately.

### JOB VACANCY

Applications are invited from interested eligible candidates between 21 yrs to 65 yrs for Techno Managerial posts **(Pharmacist, Staff Nurse, Radiographer, Technicians for Laboratory, ECG, Audiometry and Dental, Asst. Librarian, Store Keeper cum Record Clerk/Computer Operator, DEO, Medical Record Keeper, PSA Plant Operator, Fire Safety Assistant etc.)** under DMF to be deployed at **GMCH, Keonjhar** and other health institutions of Keonjhar Dist. on outsourcing basis. The candidates may upload their applications with Bio-Data, pass port size photo, all academic certificates and mark sheets, Experience certificate if any, Aadhar card in a single PDF format in our website www.lkservices.in and follow the link career or submit a hard copy in the address given below by 21.11.2022. Preference will be given to existing experienced candidates with satisfactory performance.

**L & K Services**
**Plot No-17, Rajarani Colony,Tankapani Road, Bhubaneswar-751014**
**Mail id - hr.lkservices@gmail.com, Mob-7978753498**

### नालको NALCO

National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**NEEDS EXECUTIVES IN VARIOUS DISCIPLINES**

**National Aluminium Company Limited (NALCO)**, a Leading Navratna PSU is the largest integrated Alumina-Aluminium complex of Asia having state of art technology with its Corporate Office at Bhubaneswar, Odisha.

NALCO is looking for committed, promising and result oriented professionals in the following grades of various disciplines for its production units / offices in different locations.

| Discipline | Name of the Post / Grade | No. of Posts |
|---|---|---|
| H&A | Dy. Manager (HRD) /E02 | 10 |
| Environment | Asst.General Manager(Environment)/E05 | 1 |
| Mechanical-Maintenance | Asst.General Manager (Mechanical) / E05 | 1 |
| Despatch | Asst.General Manager (Despatch) /E05 | 1 |
| Electronics & Instrumentation | Asst.General Manager (E&I) / E05 | 1 |
| Refractory | Dy. Manager(Refractory)/ E02 | 3 |
| Finance | Dy. Manager( Finance) /E02 | 4 |
| Safety | Dy. Manager(Safety) /E02 | 3 |
| | Asst. General Manager( Safety ) /E05 | 1 |
| Systems | Dy.Manager (Systems)/ E02 | 1 |
| Geology | Dy. Manager (Geology) /E02 | 1 |
| | Asst.General Manager (Geology)/ E05 | 1 |
| Survey | Dy. Manager (Survey)/E02 | 1 |
| Materials | Dy. Manager (Materials)/ E02 | 6 |
| Horticulture | Dy. Manager(Horticulture)/ E02 | 4 |

**Important Dates :**

| | |
|---|---|
| Opening of online Submission of application | 11/11/2022 |
| Last date of Submission of online application | 10/12/2022 |

The interested candidates may visit the **Career Section** of company's website **www.nalcoindia.com** for further details and apply online.
**Advt. No.10220914, Dt. 03/11/2022**

### NATIONAL PROJECTS CONSTRUCTION CORPORATION LIMITED

(A Govt. of India Enterprise)
NPCC SOUTH EASTERN ZONE, BHUBANESWAR
Plot No.: HIG/166, Sailashree Vihar, Bhubaneswar-751021
Ph.: 0674-3510414, Email-ID: npccbbsr@gmail.com

**WALK-IN-INTERVIEW**

**Advt. No: SEZ/Contract Basis/1014 Dated :15.11.2022**

NPCC Ltd. a schedule "B" Premier Central Public Sector Enterprise, Miniratna, Category-1 Company invites applications for the post of Site Engineer (Civil) & (Electrical) on Contract basis.

For details, please visit our Website : **www.npcc.gov.in**

**Zonal Manager**

### WANTED

ଧରିତ୍ରୀ DHARITRI Oriya daily is looking for

**CIRCULATION MANAGERS**

**Roles and Responsibilities:-**
- Lead market related needs of the company - Distributor and Agents.
- Competitive tracking and analysis to identify and pursue sales targets.
- Achieve sales targets to drive circulation.

**Requirements:-**
- 3 years frontline sales experience in print media.

Apply immediately to :
recruitment@dharitri.com
Attractive salary commensurate with experience

### STEEL AUTHORITY OF INDIA LIMITED

**Rourkela Steel Plant**
Rourkela - 769 011, Odisha, India

Advt. No.: 03/2022 Date: 14/11/2022

Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites applications from eligible candidates for the following posts :

| Post | Vacancy | Maximum Age as on 14/12/2022 |
|---|---|---|
| Manager (Boiler Operation) (E-3) | 09 | 37 years |
| Manager (Projects) (E-3) | 04 | 35 years |
| Manager (Automation) (E-3) | 04 | 35 years |

For full details of the advertisement regarding qualification, experience, reservation & relaxation, application & processing fee etc. please visit Company's website www.sail.co.in at the link "Careers" or www.sailcareers.com.

- Closing Date of receiving of applications through Registered Post / Speed Post / Courier is 14/12/2022.

DGM (PL) Rectt. & Gen.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା



# ସଚେତନ ହେଲେ ସୁରକ୍ଷିତ

୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ ପରେ ଭାରତରେ ସରକାରଙ୍କ ତରଫରୁ ଡିଜିଟାଲ ଆର୍ଥିକ କାରବାର ପାଇଁ ପ୍ରବଳ ଚାପ ପକାଯାଉଛି। କୁହାଯାଉଛି ଯେ, ସବୁ ନେଣଦେଣ ଯଦି ଡିଜିଟାଲ ହୋଇଯିବ ତେବେ କଳାଧନ ଅର୍ଜନର ଉପାୟ ଶେଷ ନ ହେଲେ ମଧ୍ୟ ସୀମିତ ରହିବ। ଆଜିର ସ୍ଥିତିକୁ ଦେଖିଲେ ଏହିଭଳି ଧାରଣା ଅତ୍ୟନ୍ତ ଭ୍ରମାତ୍ମକ ବୋଲି କୁହାଯାଇପାରେ। ପ୍ରାରମ୍ଭିକ ସ୍ତରରେ ଏବଂ ସୀମିତ ଭାବେ ଡିଜିଟାଲ ଅର୍ଥନୀତି ଅତ୍ୟନ୍ତ ସୁବିଧା ଏବଂ ସ୍ୱଚ୍ଛଳ ବୋଲି ମନେହେଉଛି। କିନ୍ତୁ ଆମେରିକା ଭଳି ଦେଶକୁ ଦେଖିଲେ ଏହି ଧାରଣା ଭ୍ରାନ୍ତ ବୋଲି ମଧ୍ୟ କୁହାଯାଇପାରେ।

ନିକଟରେ, ଅର୍ଥାତ୍ ଚଳିତ ନଭେମ୍ବର ୧୦ ତାରିଖରେ, ଆମେରିକାର ଏଫ୍‌ଟିଏକ୍ସ କ୍ରିପ୍ଟୋ କମ୍ପାନୀ ତତ୍‌କ୍ଷଣାତ୍ ଭୁଶୁଡ଼ି ପଡ଼ିଯିବା ସମସ୍ତଙ୍କ ଦୃଷ୍ଟିକୁ ଆସିଛି। ଡିଜିଟାଲ ଅର୍ଥନୀତିର ସ୍ୱାଭାବିକ ବିବର୍ତ୍ତନରେ କ୍ରିପ୍ଟୋ ଅର୍ଥନୀତି ଅନିବାର୍ଯ୍ୟ। ଏହି ଅର୍ଥନୈତିକ ବ୍ୟବସ୍ଥାକୁ କେଉଁଭଳି ଏବେ ମୋଡ଼ି ବିରାଟକାୟ ସ୍କାମ୍ ଘଟାଯାଇପାରେ ତାହା ଏଫ୍‌ଟିଏକ୍ସର ବଡ଼ ପତନରୁ ସ୍ପଷ୍ଟ ବୁଝାପଡୁଛି। କ୍ରିପ୍ଟୋ କମ୍ପାନୀର ମାଲିକ ୩୦ ବର୍ଷୀୟ ସାମ୍ ବ୍ୟାଙ୍କମ୍ୟାନ୍ ଫ୍ରେଏଡ୍ ତାଙ୍କର ଏକ ସହଯୋଗୀ କମ୍ପାନୀ ଆଲ୍‌ମେଡା ରିସର୍ଚ୍ଚକୁ କ୍ଷତିରୁ ଉଦ୍ଧାର କରିବା ପାଇଁ ୧୦ ବିଲିୟନ ଡଲାର ଏଫ୍‌ଟିଏକ୍ସରୁ କାଢ଼ିନେଲେ। ଏହି ଅର୍ଥ ବ୍ୟାଙ୍କମ୍ୟାନ୍ ଫ୍ରେଏଡ୍‌ଙ୍କର ନ ଥିଲା। ସଫ୍ଟବ୍ୟାଙ୍କ ଏବଂ ସିଙ୍ଗାପୁରର ଟିମାସେକ୍ ଭଳି ପୃଥିବୀର ବଡ଼ କମ୍ପାନୀଗୁଡ଼ିକ ଏଫ୍‌ଟିଏକ୍ସରେ ଲଗାଇଥିବା ଅର୍ଥକୁ ବାଟମାରଣା କରିଦିଆଯାଇଥିଲା। ଏହି ବିଷୟ ଯେତେବେଳେ ପଦାକୁ ଆସିଲା ଜମାକାରୀମାନେ ଭୟଭୀତ ହୋଇ ନିଜ ଅର୍ଥ ଉଠାଣ ଆରମ୍ଭ କଲେ। ଜମାକାରୀମାନଙ୍କୁ ବାଉଳା କରିବା ପାଇଁ ଏଫ୍‌ଟିଏକ୍ସ ତରଫରୁ ଅନେକ ଟୁଇଟ୍ ମାଧ୍ୟମରେ ଆଶ୍ୱାସନା ଦେବାର ଉଦ୍ୟମ ହେଲା, ଯେଉଁଥିରେ କୁହାଗଲା ଯେ ପରିସ୍ଥିତିକୁ ଭୟ କରିବାର କାରଣ ନାହିଁ; ଯେହେତୁ ଏଫ୍‌ଟିଏକ୍ସର ଅନ୍ୟ କ୍ରିପ୍ଟୋ ସଂସ୍ଥା ବିଟ୍‌କଏନ ଏବଂ ଇଥିରିୟମ୍ ପାଖରେ ଅର୍ଥ ଲଗାଣ ହୋଇଛି। ଏଫ୍‌ଟିଏକ୍ସ ମାଲିକଙ୍କର ଦୁଷ୍ଟ ଚିନ୍ତା ଧରାପଡ଼ିଲା ଯେତେବେଳେ ଅନ୍ୟ ଏକ ବଡ଼ କମ୍ପାନୀ ବାଇନାନ୍ସ ଘୋଷଣା କଲା ଯେ ଏଫ୍‌ଟିଏକ୍ସକୁ କିଣିବାର ଉଦ୍ୟମରୁ ବାଇନାନ୍ସର ବୋର୍ଡ ନିଜକୁ ଦୂରେଇ ନେଇଛି। କାରଣ ଭାବେ ଦର୍ଶାଗଲା ଯେ ଏଫ୍‌ଟିଏକ୍ସର ଆଭ୍ୟନ୍ତରୀଣ ହିସାବ ଖାତାରେ ବୃହତ୍ କାରସାଦି ହୋଇଛି। ଏହି ଖବର ନଭେମ୍ବର ୬ ତାରିଖରେ ପ୍ରକାଶ ପାଇବା ମାତ୍ରକେ କ୍ରିପ୍ଟୋ ବଜାରରେ ନିଆଁ ଲାଗିଗଲା। ନଭେମ୍ବର ୧୧ ତାରିଖରେ ବାଧ୍ୟହୋଇ ଏଫ୍‌ଟିଏକ୍ସ ମାଲିକ ଦେବାଳିଆ ଆଇନର ଶରଣ ପଶିଲେ। ଏହି କାହାଣୀରେ ଆହୁରିଅନେକଛୋଟବଡ଼ତଥ୍ୟରହିଛି,ଯାହାକୁଏଠାରେଉଲ୍ଲେଖକରିବାରପ୍ରୟୋଜନନାହିଁ।

> **ଆସନ୍ତା କେତୋଟି ବର୍ଷ ମଧ୍ୟରେ ଯେତେବେଳେ ଏହି ଡିଜିଟାଲ ଅର୍ଥନୀତି ବୁଡ଼ିବ ସେତେବେଳେ ଆଜିର ବାବୁଆଣୀ ବାବୁମାନଙ୍କର ଦର୍ଶନ ମିଳିବ ନାହିଁ। ସବୁ ଶାର୍କଟ୍ୟାଙ୍କ୍‌କୁ ତିମିମାଛ ଖାଇଯିବ। ସେଥିପାଇଁ ଅନ୍ୟ କାହା ଉପରେ ଭରସା ରଖିବା ପରିବର୍ତ୍ତେ ଜନସାଧାରଣ ନିଜ ଅର୍ଥ ସମ୍ପର୍କରେ ନିଜେ ସଚେତନ ରହିପାରିଲେ ସୁରକ୍ଷିତ ରହିବେ।**

ଭାରତ ପରିପ୍ରେକ୍ଷୀରେ ଏଫ୍‌ଟିଏକ୍ସ ଭଳି ସ୍କାମ୍ ଘଟିଲେ ସମଗ୍ର ଦେଶର ଅର୍ଥନୀତି ଭାଙ୍ଗିପଡ଼ିବ। ଓଡ଼ିଶାର ଜନସାଧାରଣ ଚିଟ୍‌ଫଣ୍ଡ ସ୍କାମ୍‌କୁ ଦେଖିଛନ୍ତି। ରାତାରାତି ଧନୀ ହେବା ସ୍ୱପ୍ନର ଲାଭ ଉଠାଇ ଅନେକ ରାଜନୈତିକ ବ୍ୟକ୍ତି, କେତେକ ଗଣମାଧ୍ୟମ ମାଲିକଙ୍କ ସମେତ ସିନେ ତାରକା ମଧ୍ୟ ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାକୁ ସମର୍ଥନ ଜଣାଇ ଲୋକଙ୍କ ବିଶ୍ୱାସ ବୃଦ୍ଧି କରାଇଥିଲେ। ମନେପଡ଼େ ଏକ ବଡ଼ ଚିଟ୍‌ଫଣ୍ଡ କମ୍ପାନୀ ଭୁବନେଶ୍ୱରରେ କାଟ୍ରିନା କୈଫ୍‌ଙ୍କ ଭଳି ଦାମୀ ତାରକାଙ୍କୁ ଆଣି ନଚାଇ ଦେଇଥିଲେ। କିନ୍ତୁ ଶେଷରେ ପରିଣାମ କିପରି ଭୟାବହ ହେଲା ତାହା ସମସ୍ତେ ଦେଖିଲେ। ଏବେ ସେହିଭଳି ନାଗରିକଙ୍କୁ ସୁବିଧା ଯୋଗାଇଦେବା ଆଳରେ ଡିଜିଟାଲ ଅର୍ଥନୀତିକୁ ସବୁଆଡ଼େ ଗେଞ୍ଜାଯାଉଛି। ସରକାରଙ୍କ ସର୍ବୋଚ୍ଚ ଅଧିକାରୀଙ୍କଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କର ଉପରିସ୍ଥ କର୍ମକର୍ତ୍ତାଙ୍କ ସମେତ ବୟୋଜ୍ୟେଷ୍ଠ ସିନେ ତାରକାଙ୍କୁ ନେଇ ଡିଜିଟାଲ ଅର୍ଥନୀତିର ପ୍ରଚାର କରାଯାଉଛି। ମନେରଖିବାକୁ ହେବ ଯେ, ଏହିସବୁ ବ୍ୟକ୍ତି ପଦବୀରେ କ୍ଷଣସ୍ଥାୟୀ। ବିପୁଳ ଅର୍ଥ ପାଇବା ପରେ ସେମାନେ ଏଭଳି ପ୍ରଚାର କାର୍ଯ୍ୟ କରୁଛନ୍ତି। ଆସନ୍ତା କେତୋଟି ବର୍ଷ ମଧ୍ୟରେ ଯେତେବେଳେ ଏହି ଡିଜିଟାଲ ଅର୍ଥନୀତି ବୁଡ଼ିବ ସେତେବେଳେ ଆଜିର ବାବୁଆଣୀ ବାବୁମାନଙ୍କର ଦର୍ଶନ ମିଳିବ ନାହିଁ। ସବୁ ଶାର୍କଟ୍ୟାଙ୍କ୍‌କୁ ତିମିମାଛ ଖାଇଯିବ। ସେଥିପାଇଁ ଅନ୍ୟ କାହା ଉପରେ ଭରସା ରଖିବା ପରିବର୍ତ୍ତେ ଜନସାଧାରଣ ନିଜ ଅର୍ଥ ସମ୍ପର୍କରେ ନିଜେ ସଚେତନ ରହିପାରିଲେ ସୁରକ୍ଷିତ ରହିବେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | 3 | 8 | |
| 7 | | 3 | | 5 | 6 | | | |
| | 6 | 4 | | 9 | | | | |
| | | | | 1 | | | | |
| | | | | 3 | | | 1 | 2 |
| 2 | | 1 | 9 | | | | 5 | |
| | | | | | | | | 8 |
| | | 5 | | | 2 | | | 4 |
| | 3 | 6 | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 1 | 2 | 9 | 3 | 6 | 8 | 7 |
| 8 | 9 | 2 | 4 | 6 | 7 | 1 | 3 | 5 |
| 3 | 7 | 6 | 8 | 5 | 1 | 4 | 9 | 2 |
| 9 | 1 | 8 | 7 | 4 | 2 | 3 | 5 | 6 |
| 4 | 5 | 3 | 9 | 1 | 6 | 7 | 2 | 8 |
| 6 | 2 | 7 | 5 | 3 | 8 | 9 | 4 | 1 |
| 7 | 3 | 5 | 6 | 2 | 9 | 8 | 1 | 4 |
| 1 | 8 | 4 | 3 | 7 | 5 | 2 | 6 | 9 |
| 2 | 6 | 9 | 1 | 8 | 4 | 5 | 7 | 3 |

ଗତକାଲିର ଉତ୍ତର



# ରାଜ୍ୟରେ ଜଳସେଚନ ଓ ଶିଳ୍ପ ଉନ୍ନୟନ

ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ବିଧାନସଭାରେ ୨୮।୦୩।୨୦୨୨ରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରକାଶ କଲେ ଯେ, ରାଜ୍ୟର ଋଣଭାର ୧,୦୪,୩୧୨ କୋଟି ଟଙ୍କା ହେଲାଣି। ଯାହାଦ୍ୱାରା ରାଜ୍ୟରେ ମୁଣ୍ଡ ପିଛା ଋଣଭାର ୨୨,୮୨୭ ଟଙ୍କା। ରାଜ୍ୟର ସଂଖ୍ୟାଧିକ ଜନତାଙ୍କ ଉନ୍ନତି ସାଧନ କରୁଥିବା ଆୟକାରୀ ଯୋଜନା ପାଇଁ ଋଣ କରିବା ବାଞ୍ଛନୀୟ। କିନ୍ତୁ ଋଣବୋଝ ବଢ଼ାଇ, ଅଣ ଆୟକାରୀ ଯୋଜନାରେ ଅର୍ଥ ଖଟାଇ ମୁଷ୍ଟିମେୟ ଜନତାଙ୍କୁ ଆକୃଷ୍ଟ କରିବା ଚିନ୍ତାର କାରଣ। ଏ ବିଷୟରେ ଗୋଟିଏ ଗପ ମନେପଡ଼େ। ଗୋଟିଏ ଗ୍ରାମରେ ମା'ଟିଏ ନିଜର ଭେଣ୍ଡିଆ ପୁଅ ସହ ରହୁଥାନ୍ତି। ପୁଅଟି ମାନସିକ ଅନଗ୍ରସର ଓ କେବଳ ଘାସ କାଟି, ବିକ୍ରି କରି ଘର ଚଳାଏ। ତାଙ୍କ ଘରେ ଥିବା ଏକ ମାଈ ଗଧ(ଗଧୁଣୀ)ଟିକୁ ଘାସ ବୋହିବାରେ ଲଗାଏ। ଗଧୁଣୀଟି ଗର୍ଭଧାରଣ କରିବା ଦେଖି ମା' ପୁଅକୁ ଉପଦେଶ ଦେଇ କହିଲେ –ଗର୍ଭିଣୀ ଗଧୁଣୀ ପିଠିରେ ବେଶି ଘାସ ଲଦିବୁ ନାହିଁ। ଥରେ ପୁଅର ନଜରରେ ପଡ଼ିଲା କଅଁଳିଆ ଘାସପୂର୍ଣ୍ଣ କେତୋଟି ହିଡ଼ ଉପରେ। ପୁଅ ମନେ ମନେ ଭାବିଲା, ଆଜି କଅଁଳ ଘାସ ବେଶି କାଟିନେବି, ମା' ଦେଖି ଖୁସି ହେବେ ଓ ଗଧୁଣୀକୁ ଆଜି ପେଟେ କଅଁଳ ଘାସ ଖୁଆଇବାକୁ ମା'ଙ୍କୁ କହିବି। ପୁଅ ଅଧିକ ଘାସ କାଟିଲା। ମା'ଙ୍କ କଥା ମନେପଡ଼ିବାରୁ ଘାସବିଡ଼ା ଗଧୁଣୀ ପିଠିରେ ନ ଲଦି, ନିଜେ ମୁଣ୍ଡାଇ ଗଧୁଣୀ ଉପରେ ବସି ଘର ଅଭିମୁଖେ ଚାଲିଲା। ମା' ଦୂରରୁ ଦେଖିଲେ, ପୁଅ ଘାସ ମୁଣ୍ଡାଇ ଗଧୁଣୀ ଉପରେ ବସି ଆସୁଛି। ଏହା ଦେଖି ମା' ମୁଣ୍ଡରେ ହାତ ଦେଇ ଥପ୍ କରି ବସିପଡ଼ିଲେ। ପାଖରେ ପୁଅ ପହଞ୍ଚି ପହଞ୍ଚି କହି ଉଠିଲା– ମା' ମୁଁ ଗଧୁଣୀ ପିଠିରେ ଘାସ ନ ଲଦି ନିଜେ ମୁଣ୍ଡାଇ ଆଣିଛି। ଆଜି ଅଧିକ କଅଁଳ ଘାସ ଗଧୁଣୀକୁ ଖାଇବାକୁ ଦେବୁ। ବିଚରା ଗଧୁଣୀଟି ବୋଝ ଉପରେ ନଳିତା ବିଡ଼ା ପରି ବୋଝ ବୁହାଇ, କେରାଏ କଅଁଳ ଘାସ ଖାଇ ସନ୍ତୁଷ୍ଟ ହେବ। ଏ ଗଳ୍ପ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା–ଗଧୁଣୀ ଉପରେ ଅଧିକ ବୋଝ ପରି, ରାଜ୍ୟର ଜନତାଙ୍କ ଉପରେ ଋଣବୋଝ ବଢ଼ାଇ, ଗଧୁଣୀକୁ କଅଁଳ ଘାସରେ ସନ୍ତୁଷ୍ଟ କଲାପରି ରାଜ୍ୟର କିଛି ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବାକୁ ଅଣ ଆୟକାରୀ ଯୋଜନା ପାଇଁ ଋଣବୋଝ ବଢ଼ା ନ ଯାଉ। ଯେଉଁ ଆୟକାରୀ ଯୋଜନା ଦ୍ୱାରା ରାଜ୍ୟର ସଂଖ୍ୟାଧିକ ଜନତାଙ୍କ ପକେଟକୁ ଅର୍ଥ ଯିବ, ସେପରି ଯୋଜନା ପ୍ରତି ଗୁରୁତ୍ୱ ଦେଇ ଋଣ କରାଯାଉ। ଏପରି ଯୋଜନା ଚିନ୍ତା କଲେ ପ୍ରଥମେ ମନକୁ ଆସେ, ରାଜ୍ୟରେ କୃଷିର ଉନ୍ନତି। ରାଜ୍ୟର ପ୍ରାୟ ୮୦ ଭାଗ ଜନତା କୃଷି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। କୃଷିର ଉନ୍ନତି ପାଇଁ ପ୍ରଥମ ଆବଶ୍ୟକତା ଜଳ ଆମ ରାଜ୍ୟରେ ପ୍ରଚୁର ଅଛି।



ନିକଟ ଅତୀତରେ ଦେଶର ବିଭିନ୍ନ ରାଜ୍ୟର ଚାଷୀଙ୍କ ଆୟ ମାସିକ ତୁଳନାତ୍ମକ ଆୟ ଉପରେ ଜାତୀୟ ସର୍ବେକ୍ଷଣ ସଂସ୍ଥା (ଏନ୍‌ଏସ୍‌ଏସ୍) ଏକ ରିପୋର୍ଟ ପ୍ରକାଶ କରିଥିଲା। ଆମ ରାଜ୍ୟ ଚାଷୀଙ୍କ ମାସିକ ଆୟ ଅନ୍ୟ ରାଜ୍ୟ ତୁଳନାରେ ଓ ଏପରି କି ଦେଶର ଚାଷୀଙ୍କ ହାରାହାରି ଆୟ ତୁଳନାରେ ନୈରାଶ୍ୟଜନକ। ଏ ରିପୋର୍ଟ ଅନୁସାରେ, ଓଡ଼ିଶା ଚାଷୀଙ୍କ ମାସିକ ଆୟ ୪,୯୩୯ ଟଙ୍କା ଥିଲା ବେଳେ ପଞ୍ଜାବରେ ୧୮୦୫୯, ହରିୟାଣାରେ ୧୪୪୩୯ ଟଙ୍କା ଓ ଦେଶରେ ଚାଷୀଙ୍କ ଆୟ୬,୪୨୪ ଟଙ୍କା। ୨୦୦୧ରୁ ୨୦୦୮ ମସିହା ମଧ୍ୟରେ ରାଜ୍ୟର ସବୁ ପ୍ରକାରର ଚାଷ ଜମି କମିଥିଲା ୧୦%। ୨୦୧୫–୧୬ ବର୍ଷରେ ରାଜ୍ୟରେ ୫.୨୪ ଲକ୍ଷ ହେକ୍ଟର ଚାଷ ଜମି ପଡ଼ିଆ ପଡ଼ିଥିବା ବେଳେ ୨୦୧୯–୨୦ ବର୍ଷ ବେଳକୁ ତାହା ୭.୭୭ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଲା।

ରାଜ୍ୟରେ ଜମିରୁ ଉତ୍ପାଦିତ ହାର ଅନ୍ୟ ରାଜ୍ୟ ତୁଳନାରେ ନୈରାଶ୍ୟଜନକ। ଜଳସେଚନ ଜମିର ଉତ୍ପାଦନ ବଢ଼ାଏ। ରାଜ୍ୟରେ ଜଳସେଚିତ ଜମିର ହାର ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ କମ୍। ୨୦୧୭ରେ ଏକ ଖବର ପ୍ରକାଶ ପାଇଥିଲା ଯେ, ଦେଶରେ ହାରାହାରି ୪୦% ଜମିରେ ଜଳସେଚନ ହୋଇପାରୁଥିବାବେଳେ ଆମ ରାଜ୍ୟରେ ଥିଲା ମାତ୍ର ୧୮%। ରାଜ୍ୟରେ ଯେତେ ପ୍ରକାର ଆୟକାରୀ ଯୋଜନା ଚିନ୍ତା କରାଗଲେ ମଧ୍ୟ କୌଣସି ଯୋଜନା ଜଳସେଚନ ଯୋଜନା ପରି ବହୁମୁଖୀ ଅଭିବୃଦ୍ଧି କରିପାରିବ ନାହିଁ। ଏହା ଜଣାଥିଲେ ମଧ୍ୟ ଜଳସେଚନକୁ ଅଣଦେଖା କରି ଅନ୍ୟ ଯୋଜନା ସବୁକୁ ଗୁରୁତ୍ୱ ଦିଆଯାଉଛି। ଚାଷଜମିକୁ ଜଳସେଚନ କରି ନ ପାରି ରାଜ୍ୟ ସରକାର କେନ୍ଦ୍ରକୁ ୮୪୨ କୋଟି ଟଙ୍କା ଫେରାଇ ଦେଇଛନ୍ତି ବୋଲି ୩୧।୩।୨୨ରେ ସିଏଜି ରିପୋର୍ଟରେ ପ୍ରକାଶ ପାଇଛି, ଯାହା ରାଜ୍ୟର ଚାଷୀଙ୍କ ପାଇଁ 'କଟା ଘାଆରେ ଚୂନ' ଦେଲା ପରି ହୋଇଛି। ରାଜ୍ୟ ପାଇଁ କେନାଲ ଜଳସେଚନ ଅଭିବୃଦ୍ଧି ଅପରିହାର୍ଯ୍ୟ ସ୍ଥଳେ ଗତ ୧୧।୪।୨୨ରେ ବିରୋଧୀ ଦଳ ପକ୍ଷରୁ ଏକ ଗୁରୁତର ଅଭିଯୋଗରେ କୁହାଯାଇଛି ଯେ, ଗତ ୨୨ ବର୍ଷ ମଧ୍ୟରେ ଗୋଟିଏ ବି ନୂଆ କେନାଲ ଖୋଳାଯାଇନାହିଁ। ଏହା ଯେକୌଣସି ସଚେତନ ନାଗରିକ ଓ ଚାଷୀଙ୍କ ମନକୁ ଆନ୍ଦୋଳିତ କରିବ।

ଏବେ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଆରୋପ କରି 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍' ଓ 'ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍'ର ଆୟୋଜନ କରୁଛନ୍ତି। ଏହା ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସ୍ୱାଗତଯୋଗ୍ୟ ପଦକ୍ଷେପ। ଶିଳ୍ପ ଅଭିବୃଦ୍ଧିକୁ ଯେପରି ଗୁରୁତ୍ୱ ଦିଆଯାଇ ଓଡିଶା ଇନ୍‌ଭେଷ୍ଟର୍ସ ମିଟ୍ କରାଯାଉଛି, ରାଜ୍ୟ କୃଷିର ଉନ୍ନତିକୁ ସେହିପରି ଗୁରୁତ୍ୱ ଦିଆଯାଇ ଓଡିଶା ଫାର୍ମର୍ସ ମିଟ୍ ଆୟୋଜନ କରାଯାଇ କୃଷିର ସର୍ବାଙ୍ଗୀନ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରାଯିବା ଦରକାର। କୃଷି ଉନ୍ନତିର ମୂଳଦୁଆ ହେଲା ଚାଷଜମିକୁ ଜଳ। ସେଥିପାଇଁ ରାଜ୍ୟର ନଦୀଗୁଡ଼ିକରେ ଜଳଭଣ୍ଡାର ସୃଷ୍ଟି କରି କେନାଲ ଦ୍ୱାରା ଜଳସେଚନ କରାଯିବା ଦରକାର। ପୂର୍ବରୁ ଶିଳ୍ପ ଦ୍ୱାରା ରାଜ୍ୟର ଲାଭ କ୍ଷତି ବିଷୟରେ ସଂକ୍ଷେପରେ କୁହାଗଲା। ଏବେ ଶିଳ୍ପ ସହ ଜଳସେଚନର ଲାଭ କ୍ଷତିର ତୁଳନାତ୍ମକ ଦିଗ ଉପରେ ଆଲୋକପାତ କରିବା। ଶିଳ୍ପପତିମାନେ ତାଙ୍କ ପୁଞ୍ଜି ଖଟାଇବେ ଓ ଉତ୍ପାଦନର ଲାଭ ସେମାନଙ୍କ ପକେଟକୁ ବା ତାଙ୍କ ରାଜ୍ୟକୁ ଚାଲିଯିବ। ରାଜ୍ୟରେ ସେଚ ପ୍ରକଳ୍ପ ପ୍ରତିଷ୍ଠା କଲେ ସେଥିପାଇଁ କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ଦେବେ ଓ ରାଜ୍ୟକୁ କିଛି ଋଣ କରିବାକୁ ପଡ଼ିପାରେ। ସେଚ ପ୍ରକଳ୍ପ ଦ୍ୱାରା ଯେଉଁ ଆର୍ଥିକ ଲାଭ ହେବ ତାହା ରାଜ୍ୟବାସୀଙ୍କ ପକେଟକୁ ଯିବ ଓ ରାଜ୍ୟ ଋଣ ପରିଶୋଧ ଅଚିରେ କରିପାରିବ। ଶିଳ୍ପ ପ୍ରତିଷ୍ଠା ଫଳରେ କିଛି ହଜାର ଲୋକଙ୍କ କର୍ମସଂସ୍ଥାନ ଓ ଆର୍ଥିକ ଉନ୍ନତି ହେବା ସ୍ଥଳେ ଜଳସେଚନ ପାଇଁ ଡ୍ୟାମ୍ ନିର୍ମାଣ, କେନାଲ ଖନନ, ପତିତ ଜମିର ପୁନରୁଦ୍ଧାର, ଜମିରୁ ଏକାଧିକ ଫସଲ ଉତ୍ପାଦନ ଦ୍ୱାରା ଲକ୍ଷ ସଂଖ୍ୟାରେ ନୁହେଁ କୋଟି ସଂଖ୍ୟାରେ ଜନତାଙ୍କ ହାତକୁ କାମ ଓ ଅଣ୍ଟାକୁ ଟଙ୍କା ଯିବ। ଶିଳ୍ପ ଦ୍ୱାରା ରାଜ୍ୟରେ ଜଳସଙ୍କଟ ଦେଖାଦେବ କିନ୍ତୁ ସେଚ ପ୍ରକଳ୍ପ ଦ୍ୱାରା ଜଳ ସଂରକ୍ଷଣ ହେବ। ଶିଳ୍ପ ଦ୍ୱାରା ରାଜ୍ୟର ଜଳ, ସ୍ଥଳ ଓ ବାୟୁ ପ୍ରଦୂଷଣ ଏବଂ ଜଙ୍ଗଲ କ୍ଷୟ ହେବା ସ୍ଥଳେ ସେଚ ପ୍ରକଳ୍ପ ଦ୍ୱାରା ରାଜ୍ୟରେ ସବୁଜିମା ସୃଷ୍ଟି ହେବ। ପ୍ରଦୂଷଣ ନିୟନ୍ତ୍ରଣ ହେବ। ସେଚ ପ୍ରକଳ୍ପରେ ଜଳଭଣ୍ଡାର ସୃଷ୍ଟି ଫଳରେ ବୃଷ୍ଟିଜଳ ସଂରକ୍ଷଣ, ଶିଳ୍ପକୁ ଜଳଯୋଗାଣ, ବନ୍ୟା ନିୟନ୍ତ୍ରଣ, ପାନୀୟଜଳ ଯୋଗାଣ, ଭୂତଳ ଜଳସ୍ତର ଉନ୍ନୟନ, ଜଳବିଦ୍ୟୁତ୍ ଉତ୍ପାଦନ, ନାଭିଗେଶନ, କେନାଲ ବନ୍ଧରେ ସୌରଶକ୍ତି ଓ ପବନଶକ୍ତି ଉତ୍ପାଦନ, କେନାଲ ବନ୍ଧରେ ବୃକ୍ଷ ରୋପଣ, ପର୍ଯ୍ୟଟନସ୍ଥଳୀ ଓ ଜଳକ୍ରୀଡ଼ା ବିକାଶ ଯୋଜନାର ଭିତ୍ତି ପଡ଼ିବ।

–କୋଟିତୀର୍ଥ (କେଦାରଗୌରୀ),
ଭୁବନେଶ୍ୱର,
ମୋ:୭୦୦୮୮୪୬୨୭୨



# ପର୍ବପର୍ବାଣିର ଉପଯୋଗୀ ଗଛପତ୍ର

ସାରଦା ପ୍ରସାଦ କର

ଦୂବଠାରୁ ଦେବଦାରୁ, ନିମ୍ବ, ଆମ୍ବ, ରମ୍ଭା(କଦଳୀ), ନଡ଼ିଆ, ଅଳସୀ, ତୁଳସୀ, ଶାଳ, ପଣସ, କାଇଁସର(କାଇଁଚ), କୁଶ, ବାଉଁଶ, ବେତ ଆଦି ଗୁଳ୍ମଠାରୁ ଗଛ ଓ ଏସବୁର ପତ୍ର ଆମ ଓଡ଼ିଆ ପର୍ବ–ପର୍ବାଣି ପରମ୍ପରାର ପ୍ରାଚୀନ ଅଂଶବିଶେଷ। ଦୂବ, ବରକୋଳି ପତ୍ର ଆମେ ସଂଗ୍ରହ କରି ଓଷା ନୀତି ସମ୍ପନ୍ନ କରୁ। ବେଣ୍ଟି ଲଗା ଶୁକ୍ଳ ଧାନ କ୍ଷେତରୁ, କଣ୍ଟେଇକୋଳି ଡାଳ କାହା ବାଡ଼ିରୁ, ଆଉ କିଛି ଧଳାଫୁଲ ହେଲେ ଲକ୍ଷ୍ମୀ ପୂଜାର ଅଧା ସାମଗ୍ରୀ ହୋଇଗଲା। ପ୍ରସାଦ ଭିତରେ ଶ୍ରୀଫଳ, କଦଳୀ ଆଉ ଗୁଡ଼ ମୁଖ୍ୟ। ହଳଦୀ ପତ୍ରରେ ଏଣ୍ଡୁରି ପିଠାର ଅଥାର ମଗୁଶିରର ଶୁକ୍ଳ ଅଷ୍ଟମୀକୁ ବାସ୍ନାୟିତ କରିଛି, ଘରର ଜ୍ୟେଷ୍ଠଙ୍କୁ ଇଷ୍ଟ ସହ ଯୋଡ଼ିଛି।

ଷଠୀ ପୂଜା ଓଡ଼ିଆ ଧର୍ମୀୟ ଚେତନାର ଅଂଶ ବିଶେଷ। ଭାଦ୍ରବ ମାସରେ ଏହି ଷଷ୍ଠୀ ଦିବସ ଏକ ପ୍ରାଚୀନ ବିଧି। ମା'ଙ୍କ ଉଦ୍ଦେଶ୍ୟରେ ସମର୍ପିତ ବାଉଁଶ ପତ୍ର, ସାରୁ ଗଛ, ବଜ୍ରମୂଳି, ଗର୍ଭଣା ଡାଳ ଆଉ ଧାନଗଛକୁ ଦେହ ଛୁଆଇଁ ଏକ ନୀରୋଗ ଜୀବନର କାମନା କରାଯାଏ। ସେହିଭଳି ଗର୍ଭଣା ଡାଳର ଉପଯୋଗ ଗର୍ଭଣା ସଂକ୍ରାନ୍ତିରେ କରାଯାଏ। ଧାନ ବିଲରେ ଗର୍ଭଣା ଡାଳ ପୋତି କ୍ଷୀର, ଗୁଡ଼ ଓ ଅରୁଆ ଚାଉଳ ସମର୍ପଣ କରି ବିଶ୍ୱାସ କରାଯାଏ ଯେ ଏହି ଦିନରୁ ଧାନ ଗର୍ଭରେ ବିଜ ମଜଭୁତ ହବା ଆରମ୍ଭ ହେବ। ସେହିଭଳି ସଜନା ଶାଗ ଶରୀରର ଶକ୍ତି ପ୍ରଦାୟକ । ପୂଜା ପର୍ବାଣିରେ କଳସଟିଏ ଶୁଭ ଗଣେଶ ବସାଯାଏ। ତହିଁରେ ଜଳ, ଅକ୍ଷତ ଗୁଆ ଓ ଉପରେ ଆମ୍ବଡାଳ ଦେବାର ବିଧି ରହିଛି। ପୂଜା ମଣ୍ଡପ କିମ୍ବା ଗୃହ ସମୀପ ଫାଟକ ଦୁଇପାର୍ଶ୍ୱରେ ଦୁଇଟି କଦଳୀ ଗଛ ପୋତି ଦେଲେ ତାହା ଈଶ୍ୱରଙ୍କ ଅଧିଷ୍ଠାନ ହୋଇଯାଏ ବୋଲି ବିଶ୍ୱାସ। ଉଭୟ କଦଳୀ ଓ ଆମ୍ବ ଦେବଗୁରୁ ବୃହସ୍ପତିଙ୍କ ସାଂକେତିକ ଉପସ୍ଥାନ ବୋଲି ଧରି ନିଆଯାଏ।

ବେଲ ଆଉ ତୁଳସୀ ଗଛର ସବୁ ଅଂଶ ଦେବଦୁର୍ଲଭ। ତୁଳସୀ ପ୍ରତିଟି ହିନ୍ଦୁର ଘର ସମ୍ମୁଖରେ ଆଶୀର୍ବାଦ ପ୍ରାପ୍ତି ଉଦ୍ଦେଶ୍ୟରେ ପ୍ରତିରୋପିତ ଆଉ ନିତ୍ୟ ପୂଜିତ। ତୁଳସୀ ସେବନ ବିଧି ବା ନିୟାମକ ତୁଳସୀ ପୁରାଣରେ ଉଲ୍ଲେଖିତ। ତ୍ରିଶାଖା ବେଲପତ୍ର ଶିବ ମସ୍ତକରେ ଲାଗିହୁଏ। ଏହି ତ୍ରିଶାଖା ପତ୍ର ତିନିଲୋକ ସ୍ୱର୍ଗ–ମର୍ତ୍ତ୍ୟ–ପାତାଳର ପ୍ରତୀକ, ତ୍ରିଶକ୍ତି ମହାକାଳୀ–ମହାଲକ୍ଷ୍ମୀ–ମହାସରସ୍ୱତୀଙ୍କ ପ୍ରତୀକ। ପିପ୍ପଳ ବା ଅଶତ୍ଥ ଗଛକୁ ମଧ୍ୟ ମାତା ଲକ୍ଷ୍ମୀ ଲୟରେ ଜଳ ଦେଇ ଦୀପାଳି ଜଳାନ୍ତି।

ଓଡ଼ିଶାର ପୁରପଲ୍ଲୀରେ ବର–ଓସ୍ତ ଗଛ ଏକାଠି ଲାଗି ସେହିଠାରେ ମଣିଷ ଭଳି ସେମାନଙ୍କ ବିବାହ ଉତ୍ସବ ସମ୍ପନ୍ନ ହୁଏ। ମଣିଷଠାରୁ କେଇଗୁଣା ଅଧିକ ବୟସ ବଞ୍ଚି ରହୁଥିବା, ଶୀତଳ ଛାୟା ସହ ଅଶ୍ୱତ୍ଥ ଗଛରୁ ପ୍ରଚୁର ମାତ୍ରାରେ ଅମ୍ଳଜାନ ମିଳୁଥିବାରୁ ପୂର୍ବଜଗଣ ବର–ଓସ୍ତ ଲଗେଇ ପରିବେଶକୁ ପ୍ରକୃତି ସନ୍ତୁଳନ ରଖୁଥିଲେ। ସେହିପରି ତୁଳସୀ ଚାରା ଅଙ୍ଗାରକ ଶୋଷଣ ଓ ପ୍ରଚୁର ମାତ୍ରାରେ ଅମ୍ଳଜାନ ନିଃସରଣ ଦାୟୀ ହୋଇଥିବାରୁ ଘର ଆଗ ବୃନ୍ଦାବତୀ ଚଉରାରେ ତୁଳସୀ ଗଛ ରଖି ଘରର ପରିବେଶକୁ ସନ୍ତୁଳିତ ରଖୁଥିଲେ। ଆମ ପୂର୍ବଜମାନେ ପର୍ବପର୍ବାଣିରେ ଗଛପତ୍ରର ଉପଯୋଗ କରି ସେମାନଙ୍କ ବୈଜ୍ଞାନିକ ଦୃଷ୍ଟିକୋଣ ସୁନିଶ୍ଚିତ କରିଥିଲେ। ତାଳପତ୍ର କିମ୍ବା ବେତ ବାଉଁଶିଆ ପସରାରେ ଭୋଗ ସାମଗ୍ରୀ, କାଇଁଚ ବୁଣା ଡାଲାରେ ଫୁଲ, ସ୍ୱତନ୍ତ୍ର ପୂଜାଲାଗି କୁଶ ଆସନ କିମ୍ବା ପୁରୋହିତଙ୍କ ସଂକଳ୍ପ କାଳରେ କୁଶ ବଟୁ ଆମ ଦେବ ସେବା ପଦ୍ଧତିର ଅଂଶବିଶେଷ।



ଅଧିକାଂଶ ଅଧିବାସୀଙ୍କ ନୈବେଦ୍ୟ ଶାଳପତ୍ରରେ ସମର୍ପଣ ହୁଏ। ଅମୃତଭଣ୍ଡା, ମକା, କନ୍ଦ, ମାଣ୍ଡିଆ, ଅଦା, ହଳଦୀ ଆଦି ଉପରେ ନିର୍ଭର କରି ଜୀବନ ଧାରଣ ମାନ ବଢ଼ାଇବା ପ୍ରୟାସ କରେ। ହଳଦୀ କ୍ଷେତକୁ ଶକ୍ତିର ପ୍ରତୀକ ମାଆ ମନେକରେ। ଶାଳ ଗଛର ଅନ୍ୟ ନାମ ଆଞ୍ଚଳିକ ଭାଷାରେ ସରଗୀ ହେତୁ ଓଡ଼ିଶା, ଅବିଭକ୍ତ ବିହାର ଓ ମଧ୍ୟ ଭାରତୀୟ ଜଙ୍ଗଲୀ ଆଦିବାସୀମାନେ ଫସଲ ଉତ୍ପାଦନ ଋତୁ (ପୌଷ ମାଘ ମାସ) ବେଳକୁ ସର୍ଗିଫୁଲ ମହୋତ୍ସବ ପାଳନ କରନ୍ତି। ଗୋଟିଏ କ୍ଷେତର ଉତ୍ପାଦନ କ୍ଷମତା ହ୍ରାସ ହେଲାପରେ ଅନ୍ୟ ଏକ ଜାଗାରେ ଫସଲ କରାଯାଏ। ଶାଳଗଛର ରାସାୟନିକ ସମ୍ପୃକ୍ତି ଯୋଗୁ ପୂର୍ବ ବନ୍ଧ୍ୟା କ୍ଷେତଟି ଦୁଇ ବର୍ଷ ଭିତରେ ତା'ର ପୂର୍ବ କ୍ଷମତା ଫେରିପାଏ ବୋଲି ପରମ୍ପରା ରହିଛି।

କୋରାପୁଟ ଲମତାପୁଟ ଅଞ୍ଚଳର ଗଡ଼ବା ଆଦିବାସୀମାନେ ଧରଣୀ ମା'କୁ ବାସମତି ଓ ସେଠାକାର ଜଙ୍ଗଲକୁ ବନଦେବତା ଭାବରେ ପୂଜା କରନ୍ତି। କୀଟନାଶକ ଭାବରେ କରଡ଼ା ପତ୍ରକୁ ଗୁଣ୍ଡ କରି ଫସଲରେ ପ୍ରୟୋଗ କରିଥାନ୍ତି। ସର୍ପାଘାତରେ ପୁରୁଣୀ ଚାରା ବାଟି ଆଉ ପୋକଶୁଙ୍ଘା ପତ୍ରକୁ କୁଣ୍ଡିଆ, ଫୋଟକା ଓ ରକ୍ତସ୍ରାବ ଜାଗାରେ ଲଗେଇଥାନ୍ତି। ସୀତାଫଳ ପତ୍ର ଚୂନା କରି ଉକୁଣି ମରା ଶାମ୍ପୁ ଭାବରେ ପ୍ରୟୋଗ କରନ୍ତି। ଲାଜକୁଳି ଲତାଠାରୁ ଅପମାରଙ୍ଗ (ଜର ପାଇଁ) ଆଦିବାସୀ ଜୀବନଶୈଳୀରେ ମହତ୍ତ୍ୱପୂର୍ଣ୍ଣ ଔଷଧୀୟ ଅବଦାନ ଭାବରେ ପରିଗଣିତ। ଏଭଳି ଜୀବନ ରକ୍ଷାକାରୀ ଗଛସବୁ ସେମାନଙ୍କ ଧର୍ମୀୟ ଧାରଣା ଓ ପର୍ବପର୍ବାଣି ସହ ସମ୍ପର୍କିତ।

ଆମ ଚାରି ପାଖରେ ପ୍ରକୃତିର ନିଃସର୍ତ୍ତ ତଥା ମୁକ୍ତ ଅବଦାନ ଭାବରେ ପାଇଛୁ, ତାହାର ସୁରକ୍ଷା ଆବଶ୍ୟକ। ବେଦରେ ବର୍ଣ୍ଣିତ– ଦଶହ୍ରଦୋ ସମା ପୁତ୍ରୋ, ଦଶ ପୁତ୍ରୋ ସମୋ ଦ୍ରୁମଃ। ଦଶଟି ପୁଷ୍କରିଣୀ ସମ ଗୋଟିଏ ପୁତ୍ର ଆଉ ଦଶଟି ପୁତ୍ର ସମ ଗୋଟିଏ ବୃକ୍ଷ। ବିଷ୍ଣୁ ସହସ୍ରନାମରେ ଉଦୁମ୍ବର ବା ଡିମିରି, ଅଶ୍ୱତ୍ଥ, ଅଶୋକ ଓ ବଟ ଆଦିଙ୍କୁ ସାକ୍ଷାତ ବିଷ୍ଣୁ ଭାବେ ବର୍ଣ୍ଣନା କରାଯାଇଛି। ଉଦୁମ୍ବରକୁ କଳିଯୁଗରେ ବଟ ବୃକ୍ଷ ସମ ପବିତ୍ର ମନେକରାଯିବାର ଏକ ବଳିଷ୍ଠ କାରଣ ରହିଛି। ଉଭୟ ବୌଦ୍ଧ ଓ ହିନ୍ଦୁ ଧର୍ମାବଲମ୍ବୀ ଉଦୁମ୍ବରକୁ ପବିତ୍ର ବୃକ୍ଷ ବିବେଚନା କରନ୍ତି।

ଜମେଶ୍ୱର ପାଟଣା, ପୁରୁଣା ଭୁବନେଶ୍ୱର
ମୋ: ୮୨୪୯୮୨୭୧୪୮

## ଏଇ ଭାରତରେ

ଏମିତି ସ୍କୁଲ ଯେଉଁଠି ଘର ନାହିଁ କି ଶ୍ରେଣୀ ବ୍ୟବସ୍ଥା ନାହିଁ କିମ୍ବା ପରୀକ୍ଷା କରାଯାଏ ନାହିଁ। ଏହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ମହାରାଷ୍ଟ୍ରର ଏକ ଦମ୍ପତିଙ୍କ ଦ୍ୱାରା ଏମିତିକା ଏକ ସ୍କୁଲ ଚାଲିଛି। ସଚିନ ଦେଶାଇ ଓ ତାଙ୍କ ସ୍ତ୍ରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଉକ୍ତ ସ୍କୁଲ ନାମ 'ସ୍ୟାମନ୍ତକ' ବା ଜୀବନର ବିଶ୍ୱବିଦ୍ୟାଳୟ। ସ୍କୁଲର ପାଠ୍ୟକ୍ରମରେ ରହିଛି ନିଆରା ବ୍ୟବସ୍ଥା। ପାରମ୍ପରିକ ଶିକ୍ଷା ସହ ବାସ୍ତବ ବିଶ୍ୱର ସମସ୍ୟାକୁ ମୁକାବିଲା କରି ଏକ ଉତ୍କୃଷ୍ଟ ଜୀବନ ଜିଇବାର କଳା ସମ୍ପର୍କରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ମହାରାଷ୍ଟ୍ର ଧାମପୁର ଜଙ୍ଗଲରେ ଏହି ସ୍କୁଲ ଅଛି। ଦମ୍ପତି ଏହାକୁ ୨୦୦୭ରେ ପ୍ରତିଷ୍ଠା କରିଥିଲେ ଓ ତାଙ୍କ ଝିଅ ଥିଲେ ଏହାର ପ୍ରଥମ ଛାତ୍ରୀ। ପରେ ଅନେକ ଶହ ପିଲା ଏହି ସ୍କୁଲରେ ଯୋଡ଼ି ହୋଇଛନ୍ତି। ସେମାନଙ୍କୁ କୃଷି, ପରିବେଶ ଏବଂ ସଂସ୍କୃତି ସହ ରୋଷେଇ, ପରିବେଶ ସହନୀୟ ସ୍ଥିତିରେ କୁଶଳୀ ହେବା ଉପରେ ଗୁରୁତ୍ୱ ଦେଉଛନ୍ତି ଉକ୍ତ ଦମ୍ପତି। ସ୍କୁଲରୁ ଏଭଳି ଶିକ୍ଷା ଲାଭକରି ଅନେକ ପିଲା ଫୁଡ୍ ଲାବ୍‌ରେ କାର୍ଯ୍ୟ କରୁଛନ୍ତି। ଉକ୍ତ ସ୍କୁଲର ଏକ ଏଣ୍ଟରପ୍ରେନ୍ୟୁୟର ସଂସ୍ଥା ରହିଛି; ଯାହାର ନାମ 'ସ୍ୱୟଂ'। ଏଠାରେ ପିଲାମାନେ ଫଳ,ସପୁରିରୁ ଆଚାର ପ୍ରସ୍ତୁତ କରୁଛନ୍ତି। ଏସବୁ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ କରାଯାଉଛି। ଏହା ବ୍ୟତୀତ ହଳଦୀଗୁଣ୍ଡ, ସାବୁନ ମଧ୍ୟ ତିଆରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ନଭେମ୍ବର ୧୯୯୭

- ଇରାକ୍ ସରକାର ଦେଶରେ ଆଗ୍ନେୟାସ୍ତ୍ର ବ୍ୟବହାର ଉପରେ କଡ଼ାକଡ଼ି କଟକଣା ଜାରି କରିଛନ୍ତି।
- ଉତ୍ତର–ପୂର୍ବ ବମ୍ବେର ଚେମ୍ବୁର ଅଞ୍ଚଳରେ ଘଟିଥିବା ଏକ ଗୁଳିକାଣ୍ଡରେ ମାଫିଆ ଡନ୍ ଛୋଟା ରାଜନର ମୁଖ୍ୟ ସହଯୋଗୀ ମହେନ୍ଦ୍ର ପାଟିଲ ମୃତ।
- ବମ୍ବେ–ପୁଣେ ରାଜପଥ ନିକଟସ୍ଥ ହାଲ୍ ଗ୍ରାମରେ ବିଷାକ୍ତ ମଦ ପିଇ ୧୮ ଜଣଙ୍କ ମୃତ୍ୟୁ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଯୁଦ୍ଧ ତରୀ ଆଇଏନ୍‌ଏସ୍ ଦିଲ୍ଲୀ ନୌବାହିନୀରେ ସାମିଲ।

## ପାଠକ ଶ୍ରେଷ୍ଠ ବିଚାରକ

### ଭେଜାଲ ଜିନିଷ ବିକ୍ରି ବଢୁଛି

ମହାଶୟ,

ସାରା ଓଡ଼ିଶାର ବିଭିନ୍ନ ଜିଲାରେ ଖାଦ୍ୟଦ୍ରବ୍ୟରେ ଅପମିଶ୍ରଣ ବଢୁଛି। ଅସାଧୁ ବ୍ୟବସାୟୀମାନେ ଲୋକମାନଙ୍କୁ ଅବାଧରେ ବିଷମିଶା ଦ୍ରବ୍ୟ ବିକ୍ରି କରୁଛନ୍ତି। ଏହି ବ୍ୟବସାୟୀମାନେ ଲୋକମାନଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଫଳରେ ପରିବାପତ୍ରରେ ବିଷ ଏବଂ ବିଭିନ୍ନ ଖାଉଟି ଦ୍ରବ୍ୟରେ ବିଷମିଶା ଖାଦ୍ୟକୁ ଲୋକମାନେ ପ୍ରତିଦିନ ଖାଉଛନ୍ତି। ଏଥିରେ ସେମାନେ ଅକାଳ ମରଣର ସମ୍ମୁଖୀନ ହେବା ଅସମ୍ଭବ କ'ଣ। ରାତି ପାହିଲେ ପୋଲିସ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ବହୁ ନକଲି ଜିନିଷ ଜବତ କରିବା ସହ ଦୋଷୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। ହେଲେ ଭେଜାଲ ଜିନିଷ ବିକ୍ରି କମିବା ବଦଳରେ ବଢ଼ିଚାଲିଛି। ରାଜ୍ୟ ସରକାରଙ୍କ ପାଇଁ ଉକ୍ତ ଘଟଣା ନିଶ୍ଚିତ ଭାବେ ଉଦ୍‌ବେଗଜନକ । ପୋଲିସ ପ୍ରଶାସନ ପାଇଁ ବି ଏହା ଚିନ୍ତାର କାରଣ।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଉଚ୍ଛୁଳିଲା ଗୀତ ବରଷା ବାଆର ପୁଲକେ
ଥରି ଥରି
ବଜ୍ର ବିଜୁଳି ଦୂର ଗଗନର ମୁଲକେ
ଗଲା ମରି।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୨, ସ୍ଥାନ- ସଦ୍‌ଭାବନା ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା।
- ଓୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ - ଷ୍ଟେଶନ କ୍ଲବ, ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ରାଷ୍ଟ୍ରୀୟ ଲୋକଅଦାଲତ

ରାଇରଙ୍ଗପୁର, ୧୫।୧୧(ଡି.ଏନ.ଏ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ସିଭିଲକୋର୍ଟ ପରିସରରେ ତାଲୁକ ଆଇନ୍‌ସେବା କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ଦୀପକ କୁମାରଙ୍କ ଅଧକ୍ଷତାରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅଦାଲତରେ ସିଭିଲ ଜଜ୍ କୋର୍ଟ ମାଜିଷ୍ଟ୍ରେଟ ସ୍ମୃତି ସ୍ନିଗ୍ଧା ଦାସ, ସବ୍‌ଡିଭିଜନାଲ (ଏସ୍‌ଡିଜିଏମ) କୋର୍ଟ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ଶଙ୍କର ସେନାପତି ଏବଂ ଜେଏମ୍‌ଏଫସି କୋର୍ଟ ମାଜିଷ୍ଟ୍ରେଟ ମୋନିକା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବିଭିନ୍ନ ମାମଲା ବିଚାର କରିଥିଲେ। ମୋଟ ୨୪୪ ଗୋଟି ମାମଲା ମଧ୍ୟରୁ ୩୮ ଗୋଟି ଫଇସଲା କରାଯାଇ ୧ କୋଟି ୧୫ ଲକ୍ଷ ୬୩ ହଜାର ୯ ଶହ ଟଙ୍କା ଅର୍ଥ ଜରିମାନା ଆଦାୟ କରାଯାଇଥିଲା। ସେଥି ମଧ୍ୟରୁ ଏସ୍‌ଡିଜିଏମ କୋର୍ଟରେ ୩୬ ଗୋଟି କେଶ୍ ମାମଲା ଫଇସଲା କରାଯାଇ ଜରିମାନା ବାବଦ ୧୩ ଲକ୍ଷ ୬୩ ହଜାର ୯ଶହ ଟଙ୍କା ଏବଂ ସିଭିଲଜଜ୍ କୋର୍ଟରେ ୨ ବ୍ୟାଙ୍କି ଜରିମାନା ଆଦାୟ କରାଯାଇଥିଲା।

## ଜିଲାସ୍ତରୀୟ ଘୋଷ ସମ୍ମିଳନୀ

ଝୁମ୍ପୁରା, ୧୫।୧୧ (ଡି.ଏନ.ଏ.)- କେନ୍ଦୁଝର ଜିଲା ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲାସ୍ତରୀୟ ଘୋଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାର ୬ଟି ସଂକୁଳର ୧୯ ବିଦ୍ୟାଳୟରୁ ମୋଟ ୩୩୩ ଛାତ୍ରୀଛାତ୍ର ଏବଂ ୨୫ ଜଣ ଗୁରୁଜୀଗୁରୁମା ଏଥିରେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ସୁବଳ କୁମାର ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ଜିଲା ବିଭାଗୀୟ ନିରୀକ୍ଷକ କ୍ଷେତ୍ରମୋହନ ଦାସ ବକ୍ତା ଭାବେ ଯୋଗଦେଇ ଘୋଷ ବାଦନର ମହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ବିପିନ ବିହାରୀ ଖଣ୍ଡାୟୀ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲାର ଘୋଷ ପ୍ରମୁଖ ବଂଶୀଧର ମହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପ୍ରଦର୍ଶନ ଓ ପଥ ସଞ୍ଚାଳନ ହୋଇଥିଲା। କେନ୍ଦୁଝର ଜିଲାର ସହ ବିଭାଗ ନିରୀକ୍ଷକ ଜ୍ଞାନ ରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କ ବିରୋଧର ସମ୍ମୁଖୀନ ହେଲା ପୋଲିସ

ମୋରଡ଼ା, ୧୫।୧୧(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ପାଞ୍ଚଭାୟା ଗ୍ରାମର ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀଙ୍କ ବିରୋଧର ସମ୍ମୁଖୀନ ହୋଇଛି ସ୍ଥାନୀୟ ପୋଲିସ। ସୂଚନା ଅନୁଯାୟୀ, ବଡ଼ସାହି ବ୍ଲକ ସାନକେରକ ଗ୍ରାମର ହରିପ୍ରିୟା ମହାନ୍ତ ପାଞ୍ଚଭାୟା ଗ୍ରାମର ଛତିଶଚନ୍ଦ୍ର ମହାନ୍ତଙ୍କୁ ବିବାହ କରିଥିଲେ। ତେବେ ଛତିଶ ହରିପ୍ରିୟାଙ୍କୁ ଦୈନନ୍ଦିନ ମଦ୍ୟପାନ କରି ମାରପିଟ ସହିତ ଗାଳିଗୁଲଜ କରିଆସୁଥିଲେ। ଫଳରେ ହରିପ୍ରିୟା ଅତିଷ୍ଠ ହୋଇ ୪ମାସ ହେବ ବାପ ଘରେ ରହିଆସୁଥିଲେ। ତେବେ ଛତିଶ ହରିପ୍ରିୟାଙ୍କ ବାପଘରକୁ ଯାଇ ସେଠାରେ ମଧ ତାଙ୍କ ଶ୍ୱଶୁର ଘର ଲୋକଙ୍କୁ ଗାଳିଗୁଲଜ କରିବା ସହିତ ଧମକ ଚମକ ଦେଇଆସୁଥିଲେ। ଏନେଇ ହରିପ୍ରିୟା ମୋରଡ଼ା ଥାନାରେ ଗତ ସେପ୍ଟେମ୍ବର ମାସ ୧୯ ତାରିଖରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୨୪୩/୨୨) ମଧ ରୁଜୁ କରିଛି। ତେବେ ରବିବାର ହରିପ୍ରିୟାଙ୍କୁ ମୋରଡ଼ା ପୋଲିସ ପାଞ୍ଚଭାୟା ଗ୍ରାମକୁ ନେଇ ଯୌତୁକ ବାବଦରେ ଦିଆଯାଇଥିବା ଜିନିଷପତ୍ର ଆଣିବାକୁ ଯାଇଥିବା ବେଳେ ଗ୍ରାମର ଏସ୍‌ଏଚ୍‌ଜି ମହିଳାମାନେ ପୋଲିସ ଗାଡିକୁ ଅଟକାଇଥିଲେ ଏବଂ ହରିପ୍ରିୟାଙ୍କୁ ନ ଛାଡିବା ପାଇଁ ଜିଦ୍ ଧରିବସିଥିଲେ। ଉଲ୍ଲେଖଯୋଗ୍ୟ, ହରିପ୍ରିୟା ତାଙ୍କ ଶାଶୁଘରେ ଥିବା ବେଳେ ଘର କାର୍ଯ୍ୟ ପାଇଁ ଏସ୍‌ଏଚ୍‌ଜି ଗ୍ରୁପ ମାଧମରେ ଦୁଇ ଲକ୍ଷ ଟଙ୍କାର ଲୋନ ନେଇଥିଲେ। ଯାହାକୁ ତାଙ୍କ ସ୍ୱାମୀ ଶୁଝି ଆସୁଥିଲେ। ବର୍ତ୍ତମାନ ତାଙ୍କ ସ୍ୱାମୀ ଶୁଝିବାକୁ ମନାକରିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏପରି କରିଥିବା ଜଣାପଡ଼ିଛି। ମୋରଡ଼ା ଥାନା ଅଧିକାରୀ ଜିଲା ସ୍ୱୟଂ ସହାୟକ ସଭାପତି ବିଷ୍ଣୁପ୍ରିୟା ଦାସଙ୍କୁ ଏବେବାଦରେ ଜଣାଇବା ପରେ ମହିଳାମାନେ ପୋଲିସ ଗାଡିକୁ ଛାଡ଼ିଥିଲେ। ତେବେ ପୋଲିସ ମହିଳାମାନଙ୍କୁ ଫାଣ୍ଡିକୁ ଡାକି ବୁଝାଶୁଝା କରିଥିବା ଜଣାପଡ଼ିଛି।

# ରାସ୍ତା ମଝିରେ ଶିଶୁଙ୍କୁ ପାଠ ପଢ଼ାଇଲେ, ଖାଦ୍ୟ ଦେଲେ

### ଅଭିନବ ପ୍ରତିବାଦ

ଭୋଗରାଇ, ୧୫।୧୧(ଡି.ଏନ.ଏ.)

ଅଙ୍ଗନୱାଡି କର୍ମୀ ଶିଶୁମାନଙ୍କୁ ନେଇ ସ୍କୁଲ ସମ୍ମୁଖ ରାସ୍ତା ମଝିରେ ପାଠ ପଢ଼ାଇବା ଏବଂ ସେଠାରେ ସେମାନଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଏକ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଶୁଭନନ୍ଦୀପୁର ଗାଁରେ।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଅଙ୍ଗନୱାଡି କର୍ମୀ ଓ ନବନିଯୁକ୍ତ ସହାୟିକାଙ୍କ ସହିତ ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ର ମୁଖ୍ୟ ଫାଟକଠାରେ ଉପସ୍ଥିତ ହୋଇ ଗେଟ୍‌ରେ ତାଲା ପଡ଼ିଥିବା ଦେଖିଥିଲେ। ଅଙ୍ଗନୱାଡି କେନ୍ଦ୍ର ମୁଖ୍ୟ ଫାଟକଠାରେ ଏକ ଗୋଷ୍ଠୀ ସେମାନଙ୍କୁ ଭିତରକୁ ଛଡ଼ାଯିବନାହିଁ ବୋଲି ରୋକଠୋକ୍ ମନା କଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଆସି ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ସମ୍ମୁଖରେ ପ୍ରତିବାଦ କରି ଗେଟ୍ ଖୋଲିବାକୁ ଜିଦ୍ ଧରିଲେ। ଏହି ଅଙ୍ଗନୱାଡି କେନ୍ଦ୍ରଟି ସ୍କୁଲ ଗୃହ ପରିସରରେ ଥିବାରୁ ସ୍କୁଲର ପ୍ରଧାନଶିକ୍ଷକଙ୍କ ସହିତ ଛାତ୍ରୀଛାତ୍ରମାନେ ଭିତରକୁପଶି ପାରିନଥିଲେ। ପରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଭିତରକୁ ଯିବାକୁ ପଡ଼ିଥିବା ତାଲା ଖୋଲା ହେଲା। କିନ୍ତୁ ଅଙ୍ଗନୱାଡି କେନ୍ଦ୍ରକୁ ଶିଶୁମାନଙ୍କୁ ଛଡ଼ାଗଲା ନାହିଁ। ଫଳରେ ସେଠାରେ ଗ୍ରାମବାସୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଦୀର୍ଘ ସମୟ ଧରି ପ୍ରଧାନଶିକ୍ଷକଙ୍କ ସହିତ ଗ୍ରାମବାସୀଙ୍କର କଥା କଟାକଟି ଲାଗିବା ଫଳରେ ଅଙ୍ଗନୱାଡି କର୍ମୀ ନବନିଯୁକ୍ତ ସହାୟିକା ଓ ଶିଶୁମାନଙ୍କୁ ନେଇ ସ୍କୁଲ ସମ୍ମୁଖ ରାସ୍ତା ମଝିରେ ପାଠ ପଢ଼ାଇଥିଲେ ଏବଂ ଶିଶୁମାନଙ୍କୁ ମଧ୍ୟାହ୍ନଭୋଜନ ଖୁଆଇଥିଲେ।


ଅଙ୍ଗନୱାଡି ଗୃହକୁ ଯାଇ ନ ପାରି ଶିକ୍ଷାକର୍ମୀ ଶିଶୁମାନଙ୍କୁ ଖାଦ୍ୟ ଦେଉଛନ୍ତି।

ଉଲେଖଯୋଗ୍ୟ, ଗତ ୧୪ ତାରିଖରେ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡ଼ିଥିବା ସହାୟିକା ନିଯୁକ୍ତି ନିମନ୍ତେ ଗ୍ରାମରେ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ମିନତୀ ସାହୁ ନିର୍ବାଚିତ ହେବା ପରେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ଏହି ନିର୍ବାଚନକୁ ବିରୋଧ କରି ମଙ୍ଗଳବାର ସ୍କୁଲ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଅବିଳମ୍ବେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଖୋଲିବା ସହ ନୂତନ ନିଯୁକ୍ତି ପାଇଥିବା ସହାୟିକାଙ୍କୁ କାର୍ଯ୍ୟରେ ନିୟୋଜିତ କରି ସୁସ୍ଥ ବାତାବରଣ ଫେରାଇ ଆଣିବାକୁ ଗ୍ରାମବାସୀମାନେ ପଶ୍ଚିମବଙ୍ଗକୁ ଲାଗିଥିବା ସୋହରିଆ-ଗଣେଶ୍ୱରପୁର ରାସ୍ତାକୁ ୨ ଘଣ୍ଟା ଅବରୋଧ କରି ପ୍ରତିବାଦ କରିଥିଲେ। ଅପରପକ୍ଷରେ ନବନିଯୁକ୍ତ ସହାୟିକାଙ୍କୁ କାର୍ଯ୍ୟରୁ ଅନ୍ତର କରା ନ ଗଲେ ତାଲା ଖୋଲାଯିବ ନାହିଁ ବୋଲି ଅନ୍ୟ ଏକ ଗୋଷ୍ଠୀ କହିଛନ୍ତି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା


ଛାତ୍ରୀଛାତ୍ରମାନେ ନିଜ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଖଇରା, ୧୫।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗରସଙ୍ଗସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ସୋମବାର ପବିତ୍ର ଶିଶୁ ଦିବସ ପାଳନ ସହ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୫ଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା। ଆୟୋଜିତ ମେଳାକୁ ବିଶିଷ୍ଟ ଶିକ୍ଷାବିତ କୃଷ୍ଣଚନ୍ଦ୍ର ଖିଲାର ଉଦ୍‌ଘାଟନ କରିଥିଲେ। ଜୁନିୟର ବିଭାଗରେ ସତ୍ୟପ୍ରକାଶ ଖିଲାର, ବର୍ଷାରାଣୀ ମହାପାତ୍ର ଓ ସଞ୍ଜୀବ ପାଣିଗ୍ରାହୀ ଏବଂ ସବ୍‌ଜୁନିୟରରେ ତପନ ଜେନା, ରୋହିତ ଜେନା ଓ ଗାୟତ୍ରୀ ବାରିକ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିକ୍ଷାକେନ୍ଦ୍ରର ସଭାପତି ମଦନମୋହନ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବିଭାବକମାନେ ଉପସ୍ଥିତ ଥିଲେ। ଦେବେନ୍ଦ୍ର ବାରିକ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ।

# ଯୋଗ୍ୟ ହିତାଧିକାରୀ ଚୟନ ଉପରେ ଗୁରୁତ୍ୱ


ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକ।

ଭଣ୍ଡାରିପୋଖରୀ, ୧୫।୧୧(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ମଙ୍ଗଳବାର ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ସମୀକ୍ଷା କରିଛନ୍ତି। ଭଣ୍ଡାରିପୋଖରୀସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ସାମଲ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟତଃ ନୂତନ ଭତ୍ତା ଓ ରାଶନ କାର୍ଡ ବାବଦରେ ସେ ଗୁରୁତ୍ୱାରୋପ କରିଥିଲେ। ଯୋଜନାରେ ସାମିଲ ପାଇଁ ଘରକୁ ଘର ଯାଇ ଯୋଗ୍ୟ ହିତାଧିକାରୀ ଚୟନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ସଭାପତି ଲଳିତ କୁମାର ରାଉତ, ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ବିଜେଡି ନେତା ଦେବେନ୍ଦ୍ର ଦାସ, ସତ୍ୟାନନ୍ଦ ମହାପାତ୍ର, ନୀଳାମ୍ବର ରାଉତ, ଦେବପ୍ରସନ୍ନ ମହାପାତ୍ର ଓ ସୁଶାନ୍ତ ମଲିକ ଉପସ୍ଥିତ ଥିଲେ।

# ଜନସମ୍ପର୍କ ପଦଯାତ୍ରା

ବନ୍ତ, ୧୫।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଟିଲୋ ପଞ୍ଚାୟତରେ ଉଦ୍‌ଯାପିତ ହୋଇଛି। ବିଜୁ ମହିଳା ଜନତା ଦଳର ବ୍ଲକ ସଭାନେତ୍ରୀ ନିହାରିକା ରାଉତଙ୍କ ନେତୃତ୍ୱରେ ଟିଲୋରେ ପଦଯାତ୍ରା କରାଯାଇଥିଲା। ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ବିପିନ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ନିରଞ୍ଜନ ମଲ୍ଲିକ ଓ ରବୀନ୍ଦ୍ର ଦାସ ଯୋଗଦେଇ ଗାଁ ଗାଁ ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଆଲୋକ ରାଉତ, ପ୍ରବୀର ରାଉତ, ବିପିନ ରାଉତ, ନିରଞ୍ଜନ ସାମଲ, ବାବୁଲା ସାମଲ, ମଣି ଚରଣ ସାହୁ, ଶକ୍ତିଧର ରାଉତ, ପ୍ରଶାନ୍ତ ଦାସ, ଗଣନାଥ ବେହେରା, ସୁଧାକର ନାୟକ, ଅକ୍ଷୟ ବେହେରା ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ।

# ଦୃଷ୍ଟିବାଧିତ ଫୁଟବଲ ଖେଳାଳି ପଦ୍ମିନୀ ଟୁଡୁଙ୍କୁ ସମ୍ବର୍ଦ୍ଧନା


ପଦ୍ମିନୀ ଟୁଡୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବାଲେଶ୍ୱର ଅଫିସ, ୧୫।୧୧

ବାଲେଶ୍ୱର ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ପଦ୍ମିନୀ ଟୁଡୁ ଭାରତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ ଦଳରେ ସାମିଲ ହୋଇଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ସେ ଫେରିବା ପରେ ବିଦ୍ୟାଳୟରେ ନିର୍ଦ୍ଦେଶକ ଦିବାକର ସ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରୀମାନେ ତାଙ୍କୁ ସ୍ୱାଗତ କରିଥିଲେ।

ଭାରତୀୟ ଦଳରେ ସାମିଲ ହେବା ପରେ ପଦ୍ମିନୀ ମହାରାଷ୍ଟ୍ରର ପୁନେଠାରେ ଗତ ଅକ୍ଟୋବର ୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ କୋଚିଂ କ୍ୟାମ୍ପରେ ସଫଳତାର ସହ କୋଚିଂ ଶେଷ କରିଥିଲେ। ଅକ୍ଟୋବର ୨୯ ତାରିଖ ସକାଳେ ମହାରାଷ୍ଟ୍ରର କ୍ରୀଡ଼ା ମନ୍ତ୍ରୀଙ୍କ ସହିତ ଭାରତୀୟ ଦଳ ସାକ୍ଷାତ କରିଥିଲେ। ପରେ ୪ ଗୋଟି ପ୍ରାକ୍ଟିସ୍ ମ୍ୟାଚ୍‌ରେ ପଦ୍ମିନୀ ମୋଟରେ ୩ଟି ଗୋଲ୍ ସ୍କୋର କରି ତାଙ୍କର କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ପୁନଃଶ୍ଚ ନଭେମ୍ବର ୧୧ ଓ ୧୨ ତାରିଖରେ ପଦ୍ମିନୀ ଭାରତୀୟ ଦଳରେ ସାମିଲ ହୋଇ ଜାପାନ ବିରୁଦ୍ଧରେ ୨ଟି ମ୍ୟାଚ୍ ଖେଳିଥିଲେ। ଉକ୍ତ ମ୍ୟାଚ୍‌ରେ ଜାପାନ ଦଳ ଭାରତୀୟ ଦଳକୁ ଯଥାକ୍ରମେ ୨.୦ ଓ ୧.୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା ଏବଂ ଭାରତୀୟ ଦଳକୁ ରନର୍ସଅପ୍ ଟାଇଟଲରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ସରିଲା ବିଜେଡି ଜନସମ୍ପର୍କ ପଦଯାତ୍ରା

ଜଳେଶ୍ୱର, ୧୫।୧୧(ଡି.ଏନ୍.ଏ)

ଦୀର୍ଘ ୨୫ବର୍ଷ ଧରି ନବୀନ ପଟ୍ଟନାୟକ ଓଡିଶାର ସୁ-ଶାସନ ଚଳାଇ ଆସିଥିବା ବେଳେ ଜନସାଧାରଣଙ୍କ ଆର୍ଥିକ ବିକାଶ ଓ ବିଭିନ୍ନ ସଂସ୍କାର ଯୋଗୁଁ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ସରକାର ଓଡିଶାରେ ମାତ୍ କରିବ ବୋଲି ମନ୍ତ୍ରୀ ଅଶ୍ୱିନୀ ପାତ୍ର ମତବ୍ୟକ୍ତ କରିଛନ୍ତି।

ରାଇବଣିଆ ଥାନା ଅଧୀନ ଦକ୍ଷିଣ ପ୍ରହରାଜପୁର ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ମଙ୍ଗଳବାର ବିଜେଡିର ପଦଯାତ୍ରା କାର୍ଯ୍ୟକ୍ରମ ଶେଷ ହୋଇଛି। ଜଳେଶ୍ୱର ପଦଯାତ୍ରା କମିଟିର ସଂଯୋଜକ ଦିଲ୍ଲୀପ ସାମଲ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭାଷା ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ଲୋକଙ୍କ ଆର୍ଥିକ ବିକାଶ ଓ କାର୍ଯ୍ୟର ସଂସ୍କାର ଲାଗି ନବୀନ ପଟ୍ଟନାୟକଙ୍କ ସରକାର ପକ୍ଷରୁ ପ୍ରୟାସ ଜାରି ରହିଥିବାରୁ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ସରକାର ଓଡିଶାରେ ମାତ୍ କରିବ ବୋଲି କହିଥିଲେ। କିଛିଦିନ ମଧ୍ୟରେ ଗୋବରଘଟା-ଦକ୍ଷିଣ ପ୍ରହରାଜପୁର ସୁବର୍ଣ୍ଣରେଖା ସେତୁ ୧୪୧ କୋଟି ଟଙ୍କା ଅଟକଳରେ ନିର୍ମାଣ ହେବାକୁ ଯାଉଥିବା ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ମହାନ୍ତି, ରବି ରାୟ, ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ, ଗିରିଜା ଶଙ୍କର ମହାନ୍ତି, ଗୁଣାଧର ବେହେରା, ଜିଲା ପରିଷଦ ଉପାଧକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତି, ସତ୍ୟଦାସ ମହାପାତ୍ର, ଜିଲାପରିଷଦ ସଦସ୍ୟ ବିଷ୍ଣୁ ପ୍ରିୟା ଦୁବୁରି, ମୁନିନ୍ଦ୍ର ଧର ପ୍ରମୁଖ ବିଜେଡି ଦଳର ସଫଳତା ସଂପର୍କରେ କହିଥିଲେ। ଦକ୍ଷିଣ ପ୍ରହରାଜପୁର ସରପଂଚ ପଦ୍ମାବତୀ ବେହେରାଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ ରମାକାନ୍ତ ବେହେରା, ଭାସ୍କର ମାହାଲ ପ୍ରମୁଖ ବହୁ ବ୍ୟକ୍ତି ଅନ୍ୟଦଳରୁ ଆସି ବିଜେଡିରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲେଲିନ୍ ପ୍ରଧାନ, ସୁର୍ଯ୍ୟାନନ୍ଦ ପାଳ, ଦୀନେଶ ଜେନା, ଗୋପାଳ ଦାସ, ତରଣୀ ଭୂୟାଁ, ଅରୁଣ ସେନାପତି, ସେକ୍ ମୁନା, ସୁରଜ ଚୌରାସିଆ, ସଞ୍ଜୀବ ପାଳ, ଦକ୍ଷିଣ ପ୍ରହରାଜପୁର ଓ ଶ୍ରୀରାମପୁର ପଞ୍ଚାୟତର ବହୁ ଯୁବ ଗୋଷ୍ଠୀ ଓ ମହିଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରପଞ୍ଚ ଆଲୋକ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍ଷିକ ଶିଶୁ ମହୋତ୍ସବ

ଗୋପବନ୍ଧୁ ନଗର, ୧୫।୧୧(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତସ୍ଥିତ ଖିରିପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ଅବସରରେ ବାର୍ଷିକ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରମୋହନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋକୁଳ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ସହକାରୀ ଶିକ୍ଷକ ସୁକାନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ସିଆର୍‌ସିସି ଆଶିଷ ସାହୁ, ଦିଲ୍ଲୀପ ଶୀଳ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୌଭାଗ୍ୟ ପୃଷ୍ଟି ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ପଢ଼ିହାରି ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଗଣେଶର ସିଂ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବାର୍ଷିକ କ୍ରୀଡ଼ାରେ ୫୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନିର୍ବାଚନୀ ଆକ୍ରୋଶ: ଭାଙ୍ଗିଦେଲେ ଫଳକ

ଧାମନଗର, ୧୫।୧୧(ଡି.ଏନ୍.ଏ.)



ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖପରପଦା ପଞ୍ଚାୟତର ସରପୁରଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ହାତପାଣ୍ଠି ଅନୁଦାନରେ ଉଦ୍‌ଘାଟିତ ହୋଇଥିବା ଉଜ୍ଜ୍ୱଳ ଆଲୋକୀକରଣ ଫଳକକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ପକ୍ଷରୁ ଏହାକୁ ନିନ୍ଦା କରାଯିବା ସହ ନିର୍ବାଚନରେ ବିଫଳତାର ଆକ୍ରୋଶ ବୋଲି କୁହାଯାଇଛି।

ପ୍ରକାଶ ଯେ, ଗତବର୍ଷ ସରପୁର ଗ୍ରାମର ସର୍ବେଶ୍ୱର ମହାଦେବ ମନ୍ଦିର ଏବଂ ଦାମୋଦର ବାଡ଼ିରେ ଉଜ୍ଜ୍ୱଳ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ସୋମବାର ରାତିରେ କେହି ଦୁର୍ବୃତ୍ତ ପ୍ରକଳ୍ପର ଫଳକକୁ ଭାଙ୍ଗି ଦେଇଥିବା ମଙ୍ଗଳବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଛନ୍ତି। ଧାମନଗର ଉପନିର୍ବାଚନରେ ହାରିବା ପରେ ବିରୋଧୀଙ୍କ ଏଭଳି କାର୍ଯ୍ୟ ବୋଲି ପୂର୍ବତନ ଜିଲା ପରିଷଦ ସଭ୍ୟା ଉମାମଣି ସାହୁ, ପୂର୍ବତନ ସରପଞ୍ଚ ଗୟାଧର ନାୟକ, ଯୁବନେତା ଦୀପକ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସେନାପତି, ତପନ କୁମାର ସାହୁ ପ୍ରମୁଖ କହିଛନ୍ତି।

# ଧୂଳିମୟ ଭିଆଇପି ରୋଡ୍

ଆନନ୍ଦପୁର, ୧୫।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦର ୧୩ ନଂ. ଓ ୧୪ ନଂ. ୱାର୍ଡକୁ ସଂଲଗ୍ନ ଭିଆଇପି ରୋଡ୍ ଧୂଳିମୟ ହୋଇପଡ଼ିଛି। ଯାନବାହନ ଯାତାୟାତ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଭାରିଯାନ ଯାତାୟାତ ସମୟରେ ସମ୍ପୃକ୍ତ ରାସ୍ତାଗିରେ ଧୂଳି ଓ ଧୂଆଁରେ ସାଧାରଣ ଲୋକ ଅତିଷ୍ଠ ହେଉଛନ୍ତି। ସୂଚନାଯୋଗ୍ୟ, ବୈତରଣୀ ନଦୀବନ୍ଧ ପଥର ପ୍ୟାକିଂ ନିର୍ମାଣ କାର୍ଯ୍ୟ ଚାଲିଛି। କାମରେ ନିୟୋଜିତ ହାଇୱା ଚକାରେ ବର୍ଷା ସମୟରେ କାଦୁଅ ଆସି ରୋଡରେ ପଡ଼ିଥିଲା। ଏବେ ପାଗ ଶୁଖିଲା ରହିଥିବାରୁ ରାସ୍ତାରେ ଲାଗି ରହିଥିବା କାଦୁଆ ସବୁ ଧୂଳିରେ ପରିଣତ ହୋଇଛି। ଘଟଣା ଦିଗରେ ଦୃଷ୍ଟି ଦେଇ ପୌର ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ସେହିଭଳି ଦୁଇ ଦିନ ହେଲା ଶାଳପଡ଼ା ବାଇପାସ୍‌ରୁ ଡାକ୍ତରଖାନା ଅଭିମୁଖେ ଆସିଥିବା ସର୍ଭିସ୍ ରୋଡ ପାର୍ଶ୍ୱରେ ପାଣି ପାଇପ୍ ବିଛା କାର୍ଯ୍ୟ ଚାଲୁଥିବାରୁ ରୋଡ୍‌ଗୁଡ଼ିକ କାଦୁଅରେ ପରିଣତ ହୋଇଛି। ଠିକା ସଂସ୍ଥାଗୁଡ଼ିକର ବେପରୁଆ ମନୋଭାବ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଘଟଣା ଦିଗରେ ପ୍ରଶାସନିକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସମାଜସେବୀ ବୁଲୁ ପଟ୍ଟନାୟକ ଦାବି କରିଛନ୍ତି।


ବସ୍ ପଛରେ ଧୂଳି ଉଡୁଛି।

# ୩ ବଖରା ଜଳିଗଲା

ସାରସକଣା, ୧୫।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଜାଲଦା ପଞ୍ଚାୟତ ଅଧୀନ ପୁନସିଆ ଗ୍ରାମର ସୁଶିଲ କୁମାର ସିଂଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଛପର ଘର ଜଳିଯିବା ସହିତ ଜଣେ ଗୁରୁତର ହୋଇଛନ୍ତି। ଏହି ଅଗ୍ନିକାଣ୍ଡରେ ଘର ଭିତରେ ଥିବା ସମସ୍ତ ବ୍ୟବହାର୍ଯ୍ୟ ଆସବାବପତ୍ର, ପରିଚୟ ପତ୍ର, ଧାନ, ଚାଉଳ, ଲୁଗା, ଟଙ୍କା ଆଦି ଜଳି ପାଉଁଶ ହୋଇଯାଇଥିଲା। ଆସବାବପତ୍ରକୁ ବାହାର କରିବା ପାଇଁ ଯାଇଥିବା ସମୟରେ ଗଣେଶ୍ୱର ସିଂ ପୋଡ଼ିଯାଇ ଗୁରୁତର ହୋଇଥିବା ବେଳେ ସୁଶିଳ କୁମାର ସିଂ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ସାରସକଣା ତହସିଲଦାର ମନୋଜ କୁମାର କାରଜି ପହଞ୍ଚି ବିପନ୍ନ ପରିବାରକୁ ପଲିଥିନ ପ୍ରଦାନ କରିଥିଲେ। ଆମ୍ବୁଲାନ୍ସ ନ ଆସିବାରୁ ତହସିଲଦାର ନିଜ ଗାଡ଼ିରେ ଆହତଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ।

# 'ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶରେ ଉତ୍ସବର ମହତ୍ତ୍ୱ ଅଧିକ'


ମହକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବାଲେଶ୍ୱର ଅଫିସ, ୧୫।୧୧

ବାଲେଶ୍ୱର ସହର ସହଦେବଖୁଣ୍ଟା ସ୍ଥିତ ଉତ୍କଳ ବାଳାଶ୍ରମରେ ବାର୍ଷିକ ଶିଶୁ ଉତ୍ସବ 'ମହକ-୨୦୨୨' ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଉତ୍ସବକୁ ଉଦ୍‌ଘାଟନ କରି ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶରେ ଶିଶୁ ଉତ୍ସବର ମହତ୍ତ୍ୱ ଅଧିକ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ସତ୍ୟଶିବ ଦାସ ଅଧକ୍ଷତା କରିଥିଲେ। ଉତ୍ସବ କମିଟିର ସମ୍ପାଦକ ରାଜେଶ ଗିରି ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ ଶିଶୁ ମାନସିକତାକୁ ବୁଝିବା ଓ ସେମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ପ୍ରତ୍ୟେକ ମହଲରୁ ଉଦ୍ୟମ ହେବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ଜିଲା ଶିଶୁ ସୁରକ୍ଷା କମିଟିର ଅଧକ୍ଷ ଭାଗିରଥୀ ବାରିକ, ସ୍ଥାନୀୟ କାଉନସିଲର ଶମ୍ଭୁନାଥ ସିଂ, ବାଳାଶ୍ରମର ତତ୍ତ୍ୱାବଧାରକ ସୁବ୍ରତ ମହାପାତ୍ର, ସମାଜସେବୀ କୈଳାସ ଅଗ୍ରୱାଲ, ଖବରଦାତା ଶଶିରଞ୍ଜନ ମଲ୍ଲିକ, ସାମାଜିକ ନ୍ୟାୟ ମଞ୍ଚର ଅକ୍ଷୟ ମଲ୍ଲିକ, ମହକ କାର୍ଯ୍ୟକ୍ରମର ଉପଦେଷ୍ଟା ତଥା ପୂର୍ବତନ ଶିକ୍ଷକ ବିକର୍ତ୍ତନ ନାୟକ ଓ ମୁରଲୀଧର ନାୟକ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଳାଶ୍ରମର ଅନ୍ତେବାସୀଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ‘ଶିକ୍ଷା ହିଁ ରୋଗକୁ ଦୂରେଇ ପାରିବ’

## ଟାଟା ଷ୍ଟିଲ ପକ୍ଷରୁ ‘ବିଶ୍ୱ ମଧୁମେହ ଦିବସ’ ପାଳିତ

**ଯୋଡ଼ା,୧୫।୧୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଟାଟା ଷ୍ଟିଲ୍ ପକ୍ଷରୁ ସୋମବାର ‘ବିଶ୍ୱ ମଧୁମେହ ଦିବସ’ ଯୋଡ଼ା ହସ୍ପିଟାଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ କର୍ମଚାରୀ ଓ ଶ୍ରମିକମାନଙ୍କୁ ରୋଗର ଗୁରୁତ୍ୱ ବିଷୟରେ ସଚେତନ କରିବା ପାଇଁ ହସ୍ପିଟାଲ ଓ ଖଣି ଅଞ୍ଚଳ ସହିତ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଜ୍ଞାନଭିତ୍ତିକ ଅଧିବେସନର ଆୟୋଜନ କରାଯାଇଥିଲା। ଦିନିକିଆ କାର୍ଯ୍ୟକ୍ରମରେ ଡାକ୍ତର ଓ ଟିମ୍‌ର ଅନ୍ୟ ସଦସ୍ୟମାନେ ଶପଥ ପାଠ କରିବା ସହିତ ଚଳିତ ବର୍ଷର ବିଷୟବସ୍ତୁ ‘ଆସନ୍ତାକାଲିର ସୁରକ୍ଷା ପାଇଁ ଶିକ୍ଷା’ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କେବଳ ଶିକ୍ଷା ଦ୍ୱାରା ହିଁ ରୋଗକୁ ଦୂରେଇ ରଖାଯାଇପାରିବ ବୋଲି ସେମାନେ ସୂଚନା ଦେଇଥିଲେ। ମୋଟ ୫୦୦ ଜଣ ଛାତ୍ରୀଛାତ୍ର ଅଧିବେସନରେ ଅଂଶଗ୍ରହଣ କରିଥିଲେ। ମଧୁମେହ ରୋଗ ଯୋଗୁ ସୃଷ୍ଟି ହେଉଥିବା ବିପଦ, ଲକ୍ଷଣ, ଗୁରୁତର ସମସ୍ୟା ଭଳି ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଟାଟା ଷ୍ଟିଲ୍ ଯୋଡ଼ା ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ସୁଚିସ୍ମିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଭାରତରେ ବହୁ ମଧୁମେହ ରୋଗୀ ଥିବାବେଳେ ଗ୍ରାମୀଣ ଅଞ୍ଚଳ ତୁଳନାରେ ସହରରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ। ସେ ସମସ୍ତ ରୋଗଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସୁସ୍ଥ ଖାଦ୍ୟ, ମଦ୍ୟପାନଠାରୁ ଦୂରେଇ ରହିବା ଏବଂ ନିୟମିତ ବ୍ୟାୟାମ ଉପରେ ଗୁରୁତ୍ୱାରୋପ କରିଥିଲେ।


ମଧୁମେହ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଟାଟା ଷ୍ଟିଲ୍ କର୍ମଚାରୀମାନେ।

# ବୋହୂ ମାନ୍ୟତା ଦାବିରେ ଶାଶୁଘର ଆଗରେ ଧାରଣା

**ଭଦ୍ରକ ଅଫିସ, ୧୫।୧୧**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତର ଶଂଖିଡ଼ା ଗାଁରେ ବୋହୂ ମାନ୍ୟତା ପାଇବା ପାଇଁ ଜଣେ ମହିଳା ସୋମବାରଠାରୁ ଶାଶୁଘର ଆଗରେ ଧାରଣା ଦେଇଥିଲେ। ତାଙ୍କ ବାପଘର ଧୂଷୁରୀ ଥାନା ଅଧୀନ ଖଡ଼ିମାହାରା ଅଞ୍ଚଳରେ। ସେ ଅଭିଯୋଗ କରିଥିଲେ ଯେ, ୨୦୧୬ରେ ଭଦ୍ରକ ମହିଳା କଲେଜରେ ପଢୁଥିବା ବେଳେ ଶଂଖିଡ଼ା ଗାଁର ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ଘର ଲୋକ ବିରୋଧ କରିବାରୁ ଯୁବକ ଜଣଙ୍କ ୨୦୧୯ରେ ତାଙ୍କୁ ନେଇ ଭୁବନେଶ୍ୱର ପଳାଇ ଯାଇଥିଲେ। ୨୦୨୦ରେ ସେମାନେ ଫେରି ଭଦ୍ରକ ସହର ଲୋକନାଥ ମନ୍ଦିର ଓ କୋର୍ଟରେ ବିବାହ କରିଥିଲେ। ବିବାହ ପରେ ସେମାନେ ହାଇଦ୍ରାବାଦରେ ରହୁଥିଲେ। ସେଠାରେ ତାଙ୍କ ସ୍ୱାମୀଙ୍କ ଦେହ ଅସୁସ୍ଥ ହେବାରୁ ୫ ମାସ ତଳେ ଗାଁକୁ ଫେରିଆସିଥିଲେ। ତାଙ୍କୁ ବାପଘରେ ଛାଡ଼ି ସ୍ୱାମୀ ନିଜ ଗାଁକୁ ଯାଇଥିଲେ। ପରିବାର ଲୋକଙ୍କ ସହ କଥା ହୋଇ ତାଙ୍କୁ ଘରକୁ ନେଇଯିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେବେଠାରୁ ସେ ତାଙ୍କ ସହ କୌଣସି ଯୋଗାଯୋଗ ରଖି ନ ଥିବାବେଳେ ଏବେ ଅନ୍ୟତ୍ର ବିବାହ ପାଇଁ ପ୍ରସ୍ତୁତ ହେଉଛନ୍ତି। ଗତ ଜୁଲାଇରେ ଏନେଇ ସେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ବାରମ୍ବାର ଗୁହାରି ପରେ ବି ପୋଲିସ କିଛି ନ ବୁଝିବାରୁ ସେ ବାଧହୋଇ ଭଦ୍ରକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଜୁଲାଇ ୧୪ରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଥିବାରୁ ସେ ଧାରଣା ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ମହିଳା ଜଣଙ୍କ ଧାରଣାରୁ ଉଠିଥିଲେ।

## ବିଜେଡି ନେତାଙ୍କ ପରଲୋକ

ବାଲିଆପାଳ,୧୫।୧୧(ସ୍ୱ.ପ୍ର)- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଞ୍ଚଳର ବରିଷ୍ଠ ବିଜେଡି ନେତା ବଳରାମ ସାହୁ (୫୩)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମପୁର ଗ୍ରାମରେ ଆଜି ଲୋକାରଣ୍ୟ ହୋଇଥିଲା। ଶ୍ରୀ ସାହୁଙ୍କ ମୃତଶରୀରକୁ ହଜାର ହଜାର ଲୋକ ଶୋଭାଯାତ୍ରା ମାଧ୍ୟମରେ ବ୍ଲକ ପରିକ୍ରମା କରି ଗାଁ ମଶାଣୀରେ ପଞ୍ଚଭୂତରେ ବିଲୀନ ହୋଇଛନ୍ତି। ଛାତ୍ର ରାଜନୀତିରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ଜନତାଦଳରେ ଜିଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପରେ ବିଜେଡିରେ ସାମିଲ ହୋଇ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ ତୁଲାଇବା ସହ ତାଙ୍କ ସ୍ତ୍ରୀଙ୍କୁ ଜିଲାପରିଷଦ ଭାବେ ବିଜୟୀ କରାଇଥିଲେ। ବାଲିଆପାଳ ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟ ହେଉ କି ବିକାଶ ମୂଳକ କାର୍ଯ୍ୟ ହେଉ ବା ଲୋକଙ୍କ ସମସ୍ୟା ହେଉ ସବୁଥିରେ ତାଙ୍କର ସହଭାଗୀତା ରହିଥିଲା। ମନ୍ତ୍ରୀ ଅଶ୍ୱିନୀ ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବିଜେଡି ମହିଳା ରାଜ୍ୟ କାର୍ଯ୍ୟକାରି ସଭାପତି ସୁବାସିନୀ ଜେନା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମା ପ୍ରସାଦ ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ଭାଜପା ନେତା ଅରବିନ୍ଦ ବେହେରାଙ୍କ ସମେତ ବିଭିନ୍ନ ଦଳର ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ସାହୁଙ୍କ ଶ୍ରୀରାମପୁର ସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଶଢ଼ାରେ ଲୋକାୟୁକ୍ତଙ୍କ ପକ୍ଷରୁ ତଦନ୍ତ

### ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ହାଟଡିହୀ,୧୫।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଶଢ଼ା ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଓଡ଼ିଶା ଲୋକାୟୁକ୍ତଙ୍କ ତଦନ୍ତକାରୀ ସଂସ୍ଥା ମଙ୍ଗଳବାର ପଞ୍ଚାୟତର ବିଭିନ୍ନ ଗାଁରେ ତଦନ୍ତ କରିଛନ୍ତି। ଶଢ଼ା, ମିଠିଗାଁ, ମଉଦା, ପଦାରୁଖା ଗ୍ରାମକୁ ଯାଇ ଆବାସ ଯୋଜନା, ପୋଖରୀ, ଶ୍ମଶାନ, ଡ୍ରେନ୍, ରାସ୍ତା, ଭୂମି ଉନ୍ନତି କରଣ କାର୍ଯ୍ୟ ବୁଲି ଦେଖିଥିଲେ। ଗ୍ରାମର ଜଗନ୍ନାଥ ନାୟକ, ଗଗନବିହାରୀ ବେହେରା, ଉମାକାନ୍ତ ସ୍ୱାଇଁ, ବଳରାମ ଦାସ ପ୍ରମୁଖଙ୍କୁ ଭେଟି ସେମାନଙ୍କ ମତାମତ ଲୋଡ଼ିଥିଲେ। ଅଭିଯୋଗ କରିବା ପରେ ଉନ୍ନୟନ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇଥିବା ଏବଂ ସେମାନଙ୍କର କୌଣସି ଆପତ୍ତି, ଅଭିଯୋଗ ଆଉ ନ ଥିବା ଅଭିଯୋଗକାରୀ କହିଥିଲେ। ତଦନ୍ତ ସମୟରେ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ, ସୁକାନ୍ତ ନାୟକ, ଗ୍ରାମ୍ୟ ରୋଜଗାର ସେବକ ଅନନ୍ତଚରଣ ସ୍ୱାଇଁ, ପଙ୍କଜ ତ୍ରିପାଠୀ, ପଞ୍ଚାୟତ ଏକ୍ସିକ୍ୟୁଟିଭ୍ ଅଫିସର ମହେଶ୍ୱର ସାହୁ, ଆନନ୍ଦପୁର ବ୍ଲକ୍ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉ କି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବା ଲୋକାୟୁକ୍ତଙ୍କ ନିକଟରେ କେସ ନଂ. ୬୧୩/୨୦୨୧ ରେ ଅଭିଯୋଗ ହୋଇଥିଲା।

## ଜିଲାସ୍ତରୀୟ ଦିବ୍ୟାଙ୍ଗ ସମ୍ମିଳନୀ

ଉଦଳା,୧୫।୧୧(ଡି.ଏନ.ଏ.)- ଉଦଳାସ୍ଥିତ ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପଠାରେ ସୋମବାର ଜିଲାସ୍ତରୀୟ ଦିବ୍ୟାଙ୍ଗ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଙ୍ଗଠନ ସକ୍ଷମ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କପ୍ତିପଦା ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ଶତାଧିକ ପୁରୁଷ ମହିଳା ଦିବ୍ୟାଙ୍ଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସକ୍ଷମ ସହାୟତାରେ ଭାରତ ସରକାରଙ୍କ ଦ୍ୱାରା ଉଦଳାଠାରେ ଏକ ଦିବ୍ୟାଙ୍ଗ ସେବା କେନ୍ଦ୍ର ଖୋଲାଯିବା ନେଇ ଘୋଷଣା କରାଯାଇଥିଲା। ଆୟୋଜିତ ସଭାରେ ଜିଲା ସଭାପତି ଅଶୋକ କୁମାର ଦଳବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଭାରତ ସରକାରଙ୍କର ସ୍ୱାସ୍ଥ୍ୟ ପରାମର୍ଶଦାତା ଡା. ଅବିନାଶ ବଛାସୁନ୍ଦର, ଅବସରପ୍ରାପ୍ତ ଡା.ଭାଗବତ ବେହେରା, ସକ୍ଷମ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ସାହୁ, ବିଧାୟକ ଭାସ୍କର ମଢେଇ, କପ୍ତିପଦା ଉପଖଣ୍ଡ ସଭାପତି ବିଭୂତି ଭୂଷଣ ମହାନ୍ତ, ସମ୍ପାଦକ ମହେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନଥିଲେ। ରାଜ୍ୟ ସମ୍ପାଦକ ବୀରକିଶୋର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ।


Government of Odisha
**"e" Procurement Notice**
**Bid Identification No.Tender Online SBPR-11 of 22-23**
e-mail ID- rw_sambalpur@yahoo.co.in
No.O-1263: Phone No.0663-2401850
No.4083, Dated 14.11.22

1. Name of the Work : Building Works as per DTCN available in the website www.tendersodisha.gov.in
2. Total No. of Work : 03 (Three) Nos.
3. Estimated Cost : Varies from Rs.24.20 lakhs to Rs.47.71
4. Period of Completion : 06 (Six) Calendar Months
5. Period and time of availability of bid document in the portal for bidding. : 17.11.22 at 11.00 AM to 30.11.22 upto 5.00 PM.
6. Date and time of opening of Tender : 01.12.2022 at 11.00 AM
7. Name and address of the Officer Inviting Bid : E.E.R.W., Divn., Sambalpur

(1) Other details can be seen from detailed notice inviting tenders, available in website www.tendersodisha.gov.in.
(2) Corrigendum if any shall only be published in the website www.tendersodisha.gov.in.

Sd./- Executive Engineer
Rural Works Division, Sambalpur
OIPR-25076/11/0011/2223



ଓଡ଼ିଶା ସରକାର
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ**

No. RR-38: ଛଉ ନୃତ୍ୟ, ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବ ବର୍ଷମାନଙ୍କ ଭଳି ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ରେ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଦରଖାସ୍ତ କରୁଥିବା ଅନୁଷ୍ଠାନଗୁଡ଼ିକ ୧୮୬୦ ମସିହାରେ ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନି ବର୍ଷ ପୂର୍ବରୁ ପଞ୍ଜିକୃତ ହୋଇଥିବା ଆବଶ୍ୟକ। ଯେଉଁ ବିଭାଗରେ ଆର୍ଥିକ ସହାୟତା ଚାହୁଁଛନ୍ତି, ସେହି ବିଭାଗରେ ଅନୁଷ୍ଠାନ ଅନ୍ତତଃ ତିନି ବର୍ଷ କାର୍ଯ୍ୟ କରୁଥିବା ବିବରଣୀ ଦେବେ। ଏହି କାର୍ଯ୍ୟ କରିବା ନିମନ୍ତେ ସମ୍ପୃକ୍ତ ଅନୁଷ୍ଠାନର ସମ୍ବିଧାନରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ ଥିବା ଆବଶ୍ୟକ। ଯେଉଁ କାର୍ଯ୍ୟ ପାଇଁ ଅନୁଦାନ ମଗାଯିବ ଫର୍ମ ଉପରେ ବଡ଼ ଅକ୍ଷରରେ ତା'ର ନାମ ଲେଖାଯିବା ଆବଶ୍ୟକ, ଯେପରିକି **''ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଦରଖାସ୍ତ''**। ଦରଖାସ୍ତଗୁଡ଼ିକ ସମ୍ପୃକ୍ତ ବିବରଣୀ ସହ ନିମ୍ନ ଠିକଣାରେ କେବଳ ଡାକ ଯୋଗେ ତା୧୦।୧୨।୨୦୨୨ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ ଅନୁଦାନ ପାଇବା ପାଇଁ ଇଚ୍ଛୁକ ରେଜିଷ୍ଟ୍ରିଭୁକ୍ତ ସାଂସ୍କୃତିକ ଅନୁଷ୍ଠାନମାନେ ଆବେଦନପତ୍ର ସହିତ ଟ.୧୦/-ଙ୍କାର ଅଣନ୍ୟାୟିକ କାଗଜରେ ଚୁକ୍ତିନାମା (Agreement in Non-judicial stamp paper worth Rs.10/- only), ସାଦା କାଗଜରେ ଅଙ୍ଗୀକାର ପତ୍ର (Undertaking in plain paper), ନିର୍ଦ୍ଦିଷ୍ଟ ଫର୍ମରେ ପୂର୍ବବର୍ଷ ଅନୁଦାନର ବିନିଯୋଗ ପ୍ରମାଣପତ୍ର (Utilization Certificate) ଦୁଇ କିତା ସହ ଅନୁଷ୍ଠାନର ବ୍ୟାଙ୍କ ଖାତା ନଂ., IFS Code ଓ ବ୍ୟାଙ୍କର ନାମ ସହିତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଜରୁରୀ ଅଟେ। ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ମଗାଯାଇଥିବା ଉପରୋକ୍ତ ଡକ୍ୟୁମେଣ୍ଟ ନ ଦେଇଥିଲେ ଆବେଦନ ବିଚାରକୁ ନିଆଯିବ ନାହିଁ।
ରାଜ୍ୟ ସରକାର ପ୍ରଣୀତ ଆଇନ (Grant-in-Aid Rules, 1973 as amended in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ। ଏ ସମ୍ପର୍କରେ କୌଣସି କୋର୍ଟ କଚେରିର ଆଶ୍ରୟ ନିଆଯାଇ ପାରିବ ନାହିଁ। ଅଧିକ ସୂଚନା ପାଇଁ ତଥା ଆବଶ୍ୟକୀୟ ଦସ୍ତାବିଜର ନକଲ ପାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ **"www.odishaculture.gov.in"** କୁ ବ୍ୟବହାର କରିପାରନ୍ତି।

ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର
OIPR-03001/11/0029/2223 ଭୁବନେଶ୍ୱର – ୭୫୧୦୧୪



OMC | ODISHA NEW OPPORTUNITIES
Mining Happiness
**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-auction Notice (16.11.2022 - 125th & 126th E-auction)**
**IRON ORE CLO & FINES**

**No.CAD-2747:** The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani & Unchabali (Mahaparbat) of Barbil Region in Keonjhar District and Khandadhar/ Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M on 16.11.2022.
For details, please visit the website of MSTC i.e. www.mstcecommerce.com

OIPR-30005/11/0160/2223 GENERAL MANAGER (S&M)



idco | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
**Tender Call Notice No.**
H.O/P&C/EST-E-2051/04/2022 29292 Dated 14.11.2022
**NOTICE INVITING TENDER THROUGH**
**No.CAD-2752: e-Procurement**

Name of the Work: Widening of Hume Pipe Culvert for development of Proposed access road from Baranga, Pitapali road of seafood park from chainage 0/425 Km to 0/510 Km.
Estimated Cost: Rs.37.78 lakhs (apprx.)
Period of Completion : 03 (Three) Calendar Months.
Pre-Bid Meeting is to be conducted on dtd.25.11.2022 at 12.30 P.M.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id No.PC/ES-T/E-97/ 2022-23 | 17.00 Hours of 21.11.2022 | 17.00 Hours of 07.12.2022 |

Further details can be seen from the e-Procurement Portal www.tendersorissa.gov.in. and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in. and IDCO Website www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0194/2223



GOVERNMENT OF ODISHA
**RURAL WATER SUPPLY & SANITATION ORGANISATION**
**OFFICE OF RURAL WATER SUPPLY & SANITATION DIVISION, BOUDH**
(E-mail: rwssboudh@gmail.com, eerwss_bou@nic.in)
**1st CORRIGENDUM TO E-PROCUREMENT**
**NOTICE No. 07 of 2022-23**

No. O-1265: Due to some technical reason the Tender Call Notice No. 07 of 2022-23 could not uploaded. Hence the date and time of availability online for bidding of tender shall be from Dt.19.11.2022 to Dt.28.11.2022, last date & time of seeking tender clarification on Dt.19.11.2022 to Dt.24.11.2022 upto 5.00 P.M. & the date & time of opening of tender shall be Dt.29.11.2022 at 11.00 A.M. instead of Dt.15.11.2022 to 23.11.2022, Dt.15.11.2022 to 21.11.2022 & 24.11.2022 at 11.00 A.M.
Other terms & conditions remains unchanged.

Sd./- Superintending Engineer
RWS&S Division, Boudh
OIPR-25039/11/0004/2223



Government of Odisha
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SAMBALPUR**
E-mail id: serwcirclesbp@yahoo.com
**Bid Identification No.Road Tender Online RWCSBP-21 No.2457 Dated: 09.11.22**

No.O-1261:- The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for Transferred Road Improvement Programme (TRIP) for the year 2022-23.

1. Name of work : Transferred Road Improvement Programme (TRIP) for the year 2022-23.
2. No. of works : 01 No. details as per DTCN.
3. Estimated cost : Approximately Rs.189.59 lakhs.
4. Class of contractor : 'B' and 'A'
5. Cost of tender paper and mode of deposit : Rs.10,000/- per set. (To be deposited Online) in favour of concerned Executive Engineer.
6. Mode of submission of tender : Tender should be submitted only Online in website www.tendersorissa.gov.in (https//tendersodisha.gov.in).
7. EMD and mode of deposit : No EMD is required but Bid Security declaration should be furnished by the bidders as mentioned in DTCN.
8. Summary of key dates are provided below:

| Procurement Officer | Bid Identification No. | Availability of tender Online for bidding | | Last date & time for seeking clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road tender Online RWCSBP-21/ 2022-23 | 18.11.2022 at 11.00 A.M. | 02.12.2022 upto 5.00 P.M. | 29.11.2022 upto 5.00 P.M. | 03.12.2022 at 11.00 A.M. | To be intimated later |

*Further details can be seen from the e-procurement portal www.tendersorissa.gov.in (https//tendersodisha.gov.in). *Subsequent modification / corrigendum / addendum if required shall appear in website only. *The amount put to bid is exclusive of GST. * Bidder should inspect the road before bidding and quote his rate accordingly.
OIPR-25091/11/0029/2223 Sd./- Chief Construction Engineer, Rural Works Circle, Sambalpur



GOVERNMENT OF ODISHA
DEPARTMENT OF WATER RESOURCES
No.A-723:
**OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE**
Email ID :- seec2chandikhole@gmail.com
**"e" Procurement Notice No. ACE, EC-II 03 of 2022-23 (On-line)**

| | | | |
|---|---|---|---|
| 1 | Name of the Works | 1 | Improvement to left bank service road of Kendrapara canal from RD 67.00Km. to 85.00Km. (Giranga to Chadheiguan and Keyarbank to School Gherry and left bank road of Shikharmahara) in District of Kendrapara for the year 2022-23. |
| | | 2 | Improvement to road on Mahakalapada to Chhapali Saline Embankment from RD 0.00 Km. to 2.400 Km. and 10.884 Km. to 18.500 Km. in Mahakalapada Block of Kendrapara District. |
| 2 | Total No. of Packages | : | 2 Nos. Individual Packages |
| 3 | Tender Cost | 1 | Rs.739.50 Lakh (Approximately) |
| | | 2 | Rs.763.56 Lakh (Approximately) |
| 4 | Cost of Bid Document (Non Refundable) | : | Rs.10,000.00 (On-line payment) for each Package |
| 5 | Bid Security | : | "Bid Security Declaration" is to be furnished as per Finance Department Office Memorandum No.8484/F dated 05.04.2022. The bids without "Bid Security Declaration" will be summarily rejected. |
| 6 | Class of Contractor | 1 | "A" & 'Special' for All Packages |
| 7 | Period of Completion | 1 | 12 (Twelve) calendar months for All Packages |

**8. Other details are as follows.**

| Procurement Officer | Bid Identification No. | Availability of Tender online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, Eastern Circle-II, Chandikhole | ACE,EC-II KID 03 of 2022-23<br>ACE,EC-II AUL 03 of 2022-23 | 22.11.2022 at 10.00 hrs. | 06.12.2022 upto 17.00 hrs. | 07.12.2022 at 11.30 hrs. |

9. e-mail id : seec2chandikhole@gmail.com
Further detailed conditions can be seen from the Govt. website **www.tendersorissa.gov.in.**
OIPR-32322/11/0004/2223 Sd./- Additional Chief Engineer, Eastern Circle-II, Chandikhole



ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ,ଓଡ଼ିଶା ସରକାର
Odisha Rural Development & Marketing Society
*creating competence and values in rural odisha*
Panchayati Raj & Drinking Water Department, Government of Odisha
ORMAS
SIRD & PR Campus Unit-VIII, Bhubaneswar Odisha-751012, India Tel:0674-2565870/71 Email:ormashq@gmail.com Website:www.ormas.org

Notice No.3332 Dt.15.11.2022
**TENDER CALL NOTICE FOR PRINTING OF ANNUAL NOTE BOOK & ODIA PANJIKA WALL CALENDAR-2023**

**No.CAD-2756:**ORMAS invites tender from interested reputed printing Firm/ Press/ Agencies for printing of Annual Note Book & Odia Panjika Wall Calendar-2022 of ORMAS. The details of the terms and conditions of the above work can be downloaded from www.ormas.org. The agencies will submit sealed proposals super scribing Tender Call Notice for Printing of Annual Note Book & Odia Panjika Wall Calendar-2023' to the Office of the Chief Executive Officer, Odisha Rural Development & Marketing Society (ORMAS), SIRD & PR Campus, Unit-VIII, Bhubaneswar-751012 by 05.12.2022 (03:30 P.M). The tender shall be opened on the same date at 4 P.M in ORMAS Conference Hall. In case of any Addendum/ Clarification/ Corrigendum/ Extension regarding this Tender Call Notice, the same will be published in the above website. Authority reserves the right to accept or reject any tender and to cancel the procurement process at any time prior to the award of contract without assigning any reason thereof.
OIPR-19004/11/0005/2223 Sd./- Chief Executive Officer



**OFFICE OF THE NOTIFIED AREA COUNCIL, KONARK**
email: nackonark@gmail.com, Phone No.: 06758-236826
No. 3375 Dt.14.11.2022
**QUOTATION CALL NOTICE**

No. C-3376: The Executive Officer, Konark NAC invites sealed quotations from the authenticated firms/manufacture/agency/dealer/for supply of street light, cable and other allied material of approved model specifications provided at Annexure-A for Konark NAC area for Eco Retrate 2022.
The quotationers are essentially required to enclose the copy Registration Certificate, PAN Card, GST Certificate. The quotation should have to deposit tender paper cost non refundable in shape of Cash/DD Rs.4720.00 (Rupees four thousand seven hundred twenty only including 18% GST) shall be accompanied with the proper bid document. The quotations should reach the office of the undersigned on or before dated 21.11.2022 latest by 04.00 P.M. of said date. The undersigned doesn't take any responsibility for delay in receiving the quotation through post. The quotation will be opened on dated 21.11.2022 at 04.30 P.M. at Konark NAC Office and all the participating bidders or their authorized agents are invited to remain present at such opening and no separate intimation will be send in this regards, unless there is a change of date of opening of quotation due to any unforeseen and un avoidable exigency. **The quotation paper shall be available in Tax Section of Konark NAC Office or downloaded from website www.nackonark.in**. The lowest quotated rates subject to fulfilment of other necessary condition will be taken in to consideration for acceptance. The quotation received after schedule date and time shall be liable for rejection.
The authority reserve right to reject any or all quotation without assigning any reason thereof.

Sd./- Executive Officer, Konark N.A.C.
OIPR-13174/11/0004/2223



**ତହସିଲଦାରଙ୍କ କାର୍ଯ୍ୟାଳୟ, କୋଡ଼ିଙ୍ଗା, ଜିଲ୍ଲା: ନବରଙ୍ଗପୁର**
**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ**

ଏହି ତହସିଲ ଅନ୍ତର୍ଗତ ଗୋଟିଏ ସଇରାତ ଉତ୍ସ (ପଥର ଖାଦାନ) ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ଲିଜ୍ ପ୍ରଦାନ କରିବା ନିମନ୍ତେ ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୨୯୮୭, ତା୧୫।୧୧।୨୦୨୨ରେ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଅଛି। ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ନବରଙ୍ଗପୁର ଜିଲ୍ଲା ୱେବ୍‌ସାଇଟ୍ **www.nabarangpur.nic.in**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ଉପରୋକ୍ତ ୱେବସାଇଟ୍‌ରୁ ସମସ୍ତ ତଥ୍ୟ ହାସଲ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ କରିପାରିବେ। ସରକାରୀ କାର୍ଯ୍ୟ ଦିବସମାନଙ୍କରେ ଏହି କାର୍ଯ୍ୟାଳୟରୁ ମଧ୍ୟ କାର୍ଯ୍ୟାଳୟ ସମୟ ମଧ୍ୟରେ ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ହାସଲ କରିପାରିବେ। ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ। କୌଣସି କାରଣରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ ପହଞ୍ଚିବାରେ ବିଳମ୍ବ ହେଲେ ନିମ୍ନ ସ୍ୱାକ୍ଷରକାରୀ ଦାୟୀ ରହିବେ ନାହିଁ।

ସ୍ୱା./- ତହସିଲଦାର, କୋଡ଼ିଙ୍ଗା



**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
No. 15034 Dated: 15.11.2022
**Bid Identification No. MC/RMC/92/2022**

No. C-1579: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/92/2022 for 01 No. Electrical work with value of Rs.54.48 lakh.

1. Bid documents will be available in website **www.tendersorissa.gov.in** from 15.11.2022.
2. Bids must be submitted on "Online" on or before 21.11.2022 by 17.00 hours.
3. Bids shall be opened at 11.00 hours on 22.11.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0135/2223

## ବଡ଼ସାହି ଲ୍ୟାମ୍ପ୍ସରେ ସମବାୟ ସପ୍ତାହ ପାଳନ

ବଡ଼ସାହି,(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବଡ଼ସାହି ଲ୍ୟାମ୍ପ୍ସରେ ସମବାୟ ସପ୍ତାହ ପାଳନ କରାଯାଉଛି। ସୋମବାର ଲ୍ୟାମ୍ପ୍ସ ସଭାପତି ଲକ୍ଷ୍ମୀ ସିଂ ମୁଖ୍ୟଅତିଥି ଭାବେ ସମବାୟ ପତାକା ଉତ୍ତୋଳନ କରିଥିଲେ। ଏମ୍‌ସିସି ବ୍ୟାଙ୍କ ଡାଇରେକ୍ଟର ତପନ ପତି, ଏମ୍‌ଡି ରାଜକିଶୋର ଲେଙ୍କା, ଆଶିଷ ପରିଡ଼ା ଓ ଲ୍ୟାମ୍ପ୍ସର ସମସ୍ତ ନିର୍ଦ୍ଦେଶକ ଯୋଗ ଦେଇଥିଲେ। ସେହିପରି ବଡ଼ସାହି ଏମ୍‌ସିସି ବ୍ୟାଙ୍କ ପକ୍ଷରୁ ସମବାୟ ସପ୍ତାହ ପାଳିତ ହୋଇଯାଇଛି। କେନ୍ଦ୍ରୀୟ ସମବାୟ ସମିତିର ଡାଇରେକ୍ଟର ପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାନେଜର କିଶୋର ଚନ୍ଦ୍ର ମାସନ୍ତ ଉପସ୍ଥିତ ଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

■ଯୋଗ୍ୟତା ଭିତ୍ତିକ ଦରମା, ଗ୍ରେଡ୍ ପେ ବୃଦ୍ଧି ଦାବି

■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅମଲା ସଂଘର ଦାବିପତ୍ର

ବାଲେଶ୍ୱର ଅଫିସ,୧୫।୧୧

ଓଡ଼ିଶା ଅମଲା ସଂଘର ବାଲେଶ୍ୱର ଶାଖା ପକ୍ଷରୁ କନିଷ୍ଠ ସହାୟକମାନଙ୍କ ଯୋଗ୍ୟତା ଭିତ୍ତିକ ଦରମା ଓ ଗ୍ରେଡ୍ ପେ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଜରିଆରେ ମଙ୍ଗଳବାର ପ୍ରଦାନ କରାଯାଇଛି। ଶତାଧିକ କର୍ମଚାରୀ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାର ୧୨ଟି ବ୍ଲକରୁ ବିଭିନ୍ନ ବିଭାଗର କନିଷ୍ଠ,ବରିଷ୍ଠ ସହାୟକ ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ସଂଘର ଅଧକ୍ଷ ପତିତ ପାବନ ଦାସ, ସଭାପତି ଲକ୍ଷ୍ମୀଧର ଦାସ, କାର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ଦାସ, ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ଓ ମୁଖ୍ୟ ସଂଯୋଜକ ବରେନ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ଜିଲାପାଳଙ୍କୁ ଦାବି ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

୨୦୦୬ ମସିହା ଦରମା ବୃଦ୍ଧି ପୂର୍ବରୁ ରାଜସ୍ୱ ନୀରିକ୍ଷକଙ୍କ ଜିଲାସ୍ତରୀୟ ସହାୟକମାନଙ୍କ ସହିତ ଶିକ୍ଷାଗତ ଯୋଗ୍ୟତା ଓ ଦରମା, ଗ୍ରେଡ୍ ପେ ସମାନ ଥିବା ଜାଗାରେ ପରବର୍ତ୍ତୀ ସମୟରେ ସମାନ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ ରାଜସ୍ୱ ନିରୀକ୍ଷକଙ୍କ ଦରମା ୯,୩୦୦- ୪୨,୦୦୦ ଓ ଗ୍ରେଡ୍ ପେ ୪,୨୦୦କୁ ସରକାର ବୃଦ୍ଧି କରିଥିଲେ ମଧ ଜିଲାସ୍ତରୀୟ ଅମଲାମାନଙ୍କର ଦରମା ସେହି ପରିମାଣରେ ବୃଦ୍ଧି କରାଯାଇ ନାହିଁ। ଓଡ଼ିଶା ସଚିବାଳୟ ଓ ବିଭାଗୀୟ ମୁଖ୍ୟରେ କାର୍ଯ୍ୟରତ କନିଷ୍ଠ ସହାୟକମାନଙ୍କ ଦରମା ଜିଲାସ୍ତରୀୟ ଉପବିଭାଗୀୟ ଅଧିକାରୀମାନଙ୍କ ଦରମା ସମାନ ରଖାଯାଇ ଥିବାରୁ କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲାସ୍ତରୀୟ ସହାୟକ (ଅମଲା)ମାନେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସୂଚାରୁ ରୂପେ ତୁଲାଉ ଥିଲେ ମଧ ସେମାନଙ୍କୁ ବହୁଦିନ ଧରି ଉପେକ୍ଷିତ କରାଯାଇଛି। ସରକାର ଜିଲାସ୍ତରୀୟ ଅମଲାମାନଙ୍କ ଚାକିରିରେ ପ୍ରବେଶ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଶିକ୍ଷା ୨୦୧୭କୁ ସ୍ଥିର କରିଥିଲେ ସୁଦ୍ଧା ସମାନ ଶିକ୍ଷାଗତ ଯୋଗ୍ୟତା ଥାଇ ରାଜ୍ୟସ୍ତରୀୟ ଅମଲାମାନଙ୍କ ଦରମା ଓ ଗ୍ରେଡ୍ ପେରେ ତାରତମ୍ୟ ସୃଷ୍ଟି କରାଯାଇଥିବାରୁ ଜିଲାସ୍ତରୀୟ ଅମଲାମାନଙ୍କ କାର୍ଯ୍ୟ କରିବାର ସ୍ପୃହା ଧୀରେ ଧୀରେ କମିବାରେ ଲାଗୁଛି ଓ ମାନସିକ ଚାପ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଘ ଆସନ୍ତା ୨୭ ତାରିଖରେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜିଠାରେ ରାଜ୍ୟର ସମସ୍ତ ଜିଲାର ବିଭିନ୍ନ ବିଭାଗର ଅମଲାମାନେ ନିଜର ନାର୍ଯ୍ୟ ଦାବି ସରକାରଙ୍କୁ ଜଣାଇବା ସହିତ ଦାବି ପୂରଣ ନ ହେଲେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଦୋଷୀଙ୍କୁ ୫ ବର୍ଷ ଜେଲ
#### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

କେନ୍ଦୁଝର,୧୫।୧୧(ସ୍ୱ.ପ୍ର.): କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର କୋର୍ଟ (ପୋକ୍ସୋ) ଡ. ଏ.କେ. ଦତ୍ତ ଜଣେ ୪ ବର୍ଷର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ରାୟ ଶୁଣାଇଛନ୍ତି। ରାୟରେ ଦିବାକର ମୁଣ୍ଡା (୩୨)ଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଆଦେଶ ହୋଇଛି। ପ୍ରକାଶ ଯେ, ୨୦୧୪ ସେପ୍ଟେମ୍ବର ୧୦ରେ ପାଟଣା ଥାନା ଅଞ୍ଚଳର ଦିବାକର ଜଣେ ୪ ବର୍ଷର ନାବାଳିକାଙ୍କୁ ପାଖ ସ୍କୁଲ ଘରକୁ ଡାକି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକାଙ୍କ ମା' ପହଞ୍ଚି ଝିଅକୁ ଉଦ୍ଧାର କରିଥିଲେ। ଘଟଣାରେ ପୋଲିସ ୧୩ ତାରିଖରେ ଲିଖିତ ଅଭିଯୋଗ ପାଇବା ପରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେତେବେଳେ ଦିବାକରଙ୍କ ବୟସ ୨୪ ବର୍ଷ ହୋଇଥିଲା। ୮ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ସ୍ୱତନ୍ତ୍ର କୋର୍ଟ ଏହି ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ଆଇନ ଅନୁଯାୟୀ ୪ ଲକ୍ଷ ଟଙ୍କା ଦେବାକୁ କୋର୍ଟ ଆଦେଶ କରିଛନ୍ତି।

### ୨ ବାଇକ୍‌ର ଗୋଟିଏ ନମ୍ବର

ଚମ୍ପୁଆ,୧୫।୧୧(ଡି.ଏନ.ଏ.)-କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ପରିସରରେ ୨ଟି ବାଇକ୍‌ରେ ଗୋଟିଏ ପ୍ରକାର ନମ୍ବର ଦେଖିବାକୁ ମିଳିଛି। ଡାକ୍ତରଖାନାର ଶିଶୁ ଓ ମାତୃ ବିଭାଗ ଆଗରେ ଡ୍ୟୁଟିରେ ଥିବା ସିକ୍ୟୁରିଟି ଗାର୍ଡ ଗତ ରବିବାର ଉକ୍ତ ସ୍ଥାନରେ ଥିବା ଦୁଇଟି ହୁଣ୍ଡା ସାଇନ ବାଇକ୍‌ର ନମ୍ବର ଓଡି ୦୯ଜି ୪୬୮୪ ସମାନ ଥିବା ଦେଖିଥିଲେ। ସେ ଏ ସମ୍ପର୍କରେ ଡାକ୍ତରଖାନା ଭାରପ୍ରାପ୍ତ ଚିକିତ୍ସାଧିକାରୀ ଧର୍ମପଦ ଦାସ ମହାପାତ୍ରଙ୍କୁ ଜଣାଇଥିଲେ। ଚିକିତ୍ସାଧିକାରୀ ତୁରନ୍ତ ଘଟଣାସ୍ଥଳକୁ ଯାଇ ସତ୍ୟାସତ୍ୟ ଜାଣିବା ପରେ ଚମ୍ପୁଆ ଥାନାକୁ ଖବର ଦେଇଥିଲେ। ଚମ୍ପୁଆ ଥାନା ପୋଲିସ ୨ ବାଇକ୍ ଜବତ କରିଛି।

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ପାଟଣା,୧୫।୧୧(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ପାତ୍ର ସାହିରେ ପାରିବାରିକ କଳହରୁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ସାହାରପଡ଼ା ପାତ୍ର ସାହିର ଧନୁର୍ଯ୍ୟୟ ମୁଣ୍ଡାଙ୍କ ସ୍ତ୍ରୀ ସୁକାନ୍ତି ମୁଣ୍ଡା(୨୦)। ସାହାରପଡ଼ା ଫାଣ୍ଡି ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ପରେ ସୁକାନ୍ତି ମାନସିକ ଭାରସାମ୍ୟ ହରାଇ ଘର ନିକଟ ଶାଗୁଆନ ଜଙ୍ଗଲରେ ପିନ୍ଧା ଲୁଗାରେ ଫାଶି ଲଗାଇଥିଲେ। ଖବର ପାଇ ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବଶଙ୍କର ଅଲଦା ଓ ଏସ୍‌ଆଇ ଶିବପ୍ରସାଦ ଆଇଚ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏ ନେଇ ପାଟଣା ଥାନାରେ ନଂ. ୩୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରାହାସ ମେଳା ଉଦ୍‌ଯାପିତ

ପଦ୍ମପୁର, ୧୫।୧୧(ଡି.ଏନ.ଏ.)-ଭଦ୍ରକ ସଦର ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତର ଲାଲାଜୀ ଗୌଡ଼ୀୟ ମଠଠାରେ ୭ ଦିନ ଧରି ଚାଲିଥିବା ରାହାସ ମେଳା ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶତାଧିକ ବର୍ଷର ପୁରାତନ ଏହି ଗୌଡ଼ୀୟ ମଠଠାରେ ପ୍ରତିବର୍ଷ ଭଳି ଏଥର ପାରମ୍ପରିକ ପୂଜାର୍ଚ୍ଚନା କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିଲା। ପୌରାଣିକ କଥାବସ୍ତୁକୁ ନେଇ ନିର୍ମିତ ବାରୁଆଲି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ମେଳାରେ ପଦ୍ମପୁର, ଅଣ୍ଡରାଇ, ଏରଡ଼ା, ବାଲିଖଣ୍ଡ, ଗୋରମାଟି, ସାବରଙ୍ଗ, ସୁଗୋ, ବାସୁଦେବପୁର, ଏଡ଼ତାଳ, ଲୁଙ୍ଗା ଓ ଜଗନ୍ନାଥପ୍ରସାଦ ପଞ୍ଚାୟତର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୫ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ସାମଗ୍ରୀ, ଘରକରଣା, ଖାଦ୍ୟ ଓ ମନୋହରୀ ଦୋକାନ ମେଳାରେ ପସରା ମେଲିଥିଲା। ବିଭିନ୍ନ ପ୍ରକାର ଦୋଳିର ମଜା ନେଇଥିଲେ ଲୋକେ। ସରପଞ୍ଚ ମାଧବାନନ୍ଦ ଦାସ, ହୀରାଲାଲ ମୁଦୁଲି, ପ୍ରଭାତ ବେହେରା, ରମେଶ ଦାସ, ଅକ୍ଷୟ ନାୟକ, ଜଳଧର ମଳିକ, ବିଜୟ ମଲ୍ଲିକ, କାଳନ୍ଦୀ ଦାସ, ବାପି ବେହେରା, ଦିଲୀପ କୁମାର ମହାନ୍ତି, ବାପି ଦାସ ପ୍ରମୁଖ ମେଳା ଆୟୋଜନରେ ସହଯୋଗ କରିଥିଲେ।

## କଳାବ୍ୟାଜ୍ ପିନ୍ଧିଲେ ଆଉଟସୋର୍ସିଂ କର୍ମଚାରୀ


କଳାବ୍ୟାଜ୍ ପିନ୍ଧିଥିବା ଆଉଟସୋର୍ସିଂ କର୍ମଚାରୀ।

ଔପଦା,୧୫।୧୧

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଆଉଟସୋର୍ସିଂ କର୍ମଚାରୀମାନେ ମଙ୍ଗଳବାର କଳାବ୍ୟାଜ୍ ପିନ୍ଧି କାମ କରିଥିଲେ। ରାଜ୍ୟସରକାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିଥିବା ବେଳେ ସରକାରୀ ସଂସ୍ଥା ମାନଙ୍କରେ ଦୀର୍ଘ ଦିନ ଧରି ଆଉଟସୋର୍ସିଂ କର୍ମଚାରୀମାନେ କାମ କରୁଥିଲେ ବି ସେମାନଙ୍କୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ କର୍ମଚାରୀ ମହାସଂଘ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯାଇ ୨୬ ତାରିଖରେ ମହାତ୍ମାଗାନ୍ଧୀ ମାର୍ଗରେ ରାଜ୍ୟସ୍ତରରୁ ହଜାର ହଜାର କର୍ମଚାରୀଙ୍କର ସମାବେଶ କରାଯିବ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ସଂଘର ନେତା ମାନସ ରଞ୍ଜନ ଦାଶ, ମିତାରାଣୀ ପଣ୍ଡା, ସଞ୍ଜୟ କୁମାର ଦାସ, ରାଜେନ୍ଦ୍ର ମହନ୍ତ, ଜଗତ ଜୀବନ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର, ରାଧାକୃଷ୍ଣ ଦାସ, ପ୍ରମୋଦ କୁମାର ରାଉଳ, ମୌନାବତୀ ପାତ୍ର ପ୍ରମୁଖ କର୍ମଚାରୀମାନେ ସାମିଲ ଥିଲେ।

## ଗାଡ଼ି ଯାଞ୍ଚ: ୭୫ ହଜାର ଜରିମାନା ଆଦାୟ

ସୋର, ୧୫।୧୧(ଡି.ଏନ୍.ଏ.)

ସୋମବାର ଅପରାହ୍ନରେ ସୋର ଉତ୍ତରେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ପରିବହନ ବିଭାଗ ପକ୍ଷରୁ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଇ ୭୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବାଲେଶ୍ୱର ସହକାରୀ ପରିବହନ ଅଧିକାରୀ ଦେବାଶିଷ ମଲିକ ଓ ଟ୍ରାଫିକ୍ ଇନ୍ସପେକ୍ଟର ସମରେନ୍ଦ୍ର ମହାପାତ୍ର ଉତ୍ତରେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରେ ବିଭିନ୍ନ ଦୁଇ ଚକିଆ, ତିନି ଚକିଆ, ଚାରି ଚକିଆ ଏବଂ ଭାରିଯାନର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ବିଭିନ୍ନ ଗାଡିର କାଗଜପତ୍ର ଠିକ ନ ଥିବାରୁ ୭୫ ହଜାର ଟଙ୍କା ଆଦାୟ କରାଯାଇଥିଲା।

## ରୋଷେଇ ବେଳେ ନିଆଁ ଲାଗି ଯୁବକ ଗୁରୁତର

ଉଦଳା,୧୫।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ ଅନ୍ତର୍ଗତ କୁଚିଳାଡ଼ିହା ପଞ୍ଚାୟତ ଖୁଣ୍ଟା ଗ୍ରାମରେ ରୋଷେଇ କରୁଥିବା ସମୟରେ ଦେହରେ ନିଆଁ ଲାଗି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ଗ୍ରାମର ରମାକାନ୍ତ ନାଏକଙ୍କ ପୁଅ ସଞ୍ଜୟ ନାୟକ। ସେ ଘରେ ରୋଷେଇ କରୁଥିବା ସମୟରେ ଅସାବଧାନତା ବସତଃ ଦେହରେ ନିଆଁ ଲାଗିଯାଇଥିଲା। ତାଙ୍କ ଶରୀର ୬୦ଭାଗରୁ ଊର୍ଦ୍ଧ୍ୱ ପୁଡ଼ି ଯାଇଥିବା ବେଳେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ପ୍ରଣୟ


@ବିବେକାନନ୍ଦ


@ଦୀପୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

## ସ୍କୁଲରେ ତାଲା ପକାଇଲେ ଅଭିଭାବକ

ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି

ଭଦ୍ରକ ଅଫିସ,୧୫।୧୧

ଭଦ୍ରକ ବ୍ଲକ ଅଧୀନ ସାତଭଉଣୀ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ବଦଳି ଦାବିରେ ମଙ୍ଗଳବାର ଅଭିଭାବକମାନେ ଫାଟକରେ ତାଲା ପକାଇ ଦେଇଥିଲେ। ସେହିପରି ଛାତ୍ରୀଛାତ୍ର ସ୍କୁଲ ଫାଟକ ଆଗରେ ଧାରଣାରେ ବସିଥିଲେ। ସ୍କୁଲରେ ଉକ୍ତ ପ୍ରଧାନଶିକ୍ଷୟିତ୍ରୀ ୧୭ବର୍ଷ ଧରି କାର୍ଯ୍ୟରତ ଥିବାବେଳେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ସ୍କୁଲରେ ପରିସ୍ରାଗାର ନ ଥିବା, କମ୍ପ୍ୟୁଟର ଶିକ୍ଷକ ନ ଥିବା, ଫର୍ମ ପୂରଣ ବେଳେ ଅଧିକ ଟଙ୍କା ନିଆଯାଉଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏନେଇ ଅଭିଭାବକଙ୍କ ପକ୍ଷରୁ ପୂର୍ବରୁ ଜିଲା ଶିକ୍ଷାଧିକାରୀ ଓ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରି ପୂର୍ବାହ୍ନରେ ସ୍କୁଲରେ ତାଲା ପକାଇ ଦେଇଥିଲେ। ଖବରପାଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ ପହଞ୍ଚି ଅଭିଭାବକମାନଙ୍କ ସହ ଆଲୋଚନା କରି ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବା ସହ ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନରେ ସେମାନେ ଫାଟକରୁ ତାଲା ଖୋଲିଥିଲେ।

## ନିଯୁକ୍ତି, ମୌଳିକ ସୁବିଧା ଯୋଗାଇବାକୁ ଦାବି
### ଜେଏସଡବ୍ଲ୍ୟୁ ନୂଆଗାଁ ଲୁହାପଥର ଖଣିର ଜନଶୁଣାଣି

ଯୋଡା,୧୫।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ନୂଆଗାଁ ଲୁହାପଥର ଖଣିକୁ ଜେଏସଡବ୍ଲ୍ୟୁ ଷ୍ଟିଲ୍‌କୁ ସମ୍ପ୍ରସାରଣ ନିମନ୍ତେ ପରିବେଶ ମଞ୍ଜୁର ପାଇଁ କରାଯାଇଥିବା ଜନ ଶୁଣାଣିରେ ସମର୍ଥନ ମିଳିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲା ପ୍ରଶାସନ ଦ୍ୱାରା ଶୁଣାଣି କରାଯାଇଥିଲା। ଏଥିସହ ଲୋକମାନେ ନିଯୁକ୍ତି, ଜୀବିକା ପ୍ରୋତ୍ସାହନ ସହିତ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଦାବି ରଖିଥିଲେ। କମ୍ପାନୀ ନୂଆଗାଁ ଲୌହ ଧାତୁପିଣ୍ଡ ଖଣି ପାଇଁ ୨୦ ଏମ୍‌ଟିପିଏ (ଆରଓଏମ) ଲୌହ ଧାତୁପିଣ୍ଡ ଉତ୍ପାଦନ ପାଇଁ ମୋଟ ୨୨.୦୧୩ ଏମ୍‌ଟିପିଏର ଖନନ ସହ ସ୍କ୍ରିନିଂ, କ୍ରସିଂ, ୪୫୦୦ ଟିପିଏଚ ସେଣ୍ଟ୍ରାଲ ପ୍ରୋସେସିଂ ୟୁନିଟ୍ (ସିପିୟୁ) ଏବଂ ୩୦ ଏମ୍‌ଟିପିଏ ଗ୍ରାଇଣ୍ଡିଂ ଡିସ୍ଲାଇମିଙ୍ଗ ଓ ବେନେଫିସିଏସନ ପ୍ଲାଣ୍ଟ ସହିତ କେନ୍ଦୁଝର ଜିଲା ବଡ଼ବିଲ ତହସିଲର ନୂଆଗାଁ, ବରପଦା, ଗନ୍ଧଲପଦା, ଗୁଆଲି, କଟେସାହି, ପରିଡ଼ିପିଶୀ, କୋହ୍ଲରୁଡ଼କେଲା, ପଣ୍ଡୁଲିପୋଷୀ, ତୋପାଡ଼ିହି ଆଦି ଗ୍ରାମ ଗୁଡ଼ିକରେ ଅବସ୍ଥିତ ୭୭୬.୯୬୯ ହେକ୍ଟର ଡିଜିପିଏସ ଅନୁଯାୟୀ (୭୬୭.୨୮୪ ହେକ୍ଟର ଆରଓଆର ଅନୁଯାୟୀ) ୩୦ ଏମଟିପିଏର ସ୍ଲରୀ ପରିବହନ ନିମନ୍ତେ ପରିବେଶ ସମ୍ପର୍କିତ ପ୍ରଭାବ ଆକଳନ ପାଇଁ ଜନଶୁଣାଣି ହୋଇଥିଲା। ନୂଆଗାଁ, ବାରପଦା, ଗାନ୍ଧଲପଦା, ଗୁଆଲି, କାଟେସାହୀ, ପାରିଡ଼ିପୋଶୀ, କୋହଲାରୁଡୁକେଲା, ପାଣ୍ଡୁଲିପୋସି, ଟୋପାଡ଼ିହି ଭଳି ସ୍ଥାନୀୟ ବାସିନ୍ଦାମାନେ ନିଜର ମତ ରଖିଥିଲେ। କେନ୍ଦୁଝର ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ସୁଷମା ବିଲୁଙ୍ଗ, ଏସ୍‌ପିସିବି ଆଞ୍ଚଳିକ ଅଧିକାରୀ ପ୍ରସାନ୍ତ କର ପରିଚାଳନା କରିଥିଲେ। ପ୍ରାୟ ୧୧୩ ଗ୍ରାମବାସୀ ନିଜର ମତାମତ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ କମ୍ପାନୀ ପ୍ରକଳ୍ପକୁ ସମର୍ଥନ କରିଥିଲେ। ପ୍ରଭାବିତ ଗ୍ରାମବାସୀ ଅଭିଯୋଗ ଲିଖିତ ଭାବେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଆଗାମୀ ଦିନରେ ପ୍ରଭାବିତ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ଜେଏସଡବ୍ଲ୍ୟୁ ପକ୍ଷରୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦିଆଯାଇଥିଲା।


ଜନଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

## ନବୀନ ନିବାସ ଅଭିମୁଖେ ଅଲଚିକି ଶିକ୍ଷକଙ୍କ ପଦଯାତ୍ରା

■୩୪ ଦିନ ଧାରଣା ପରେ ବି ବୁଝିଲାନି ପ୍ରଶାସନ

■ଫେରାଇବେ ନିଯୁକ୍ତିପତ୍ର

ବାରିପଦା ଅଫିସ,୧୫।୧୧

ମୟୂରଭଞ୍ଜ ଜିଲାରେ ୧୫ ବର୍ଷ ଧରି ଦିନକୁ ଶହେ ଟଙ୍କା ମଜୁରି ପାଉଥିବା ଠିକା ନିଯୁକ୍ତି ଶିକ୍ଷକଙ୍କୁ ନିୟମିତ ଦାବି ନେଇ ୩୪ ଦିନ ଧାରଣାରେ ବସିବା ପରେ ବି ସରକାର କିମ୍ବା ପ୍ରଶାସନ କେହି ବୁଝିଲେନି। ଫଳରେ ନିରୁପାୟ ହୋଇ ସାନ୍ତାଳୀ ଭାଷା(ଅଲଚିକି) ଶିକ୍ଷକମାନେ ମଙ୍ଗଳବାର ନବୀନ ନିବାସ ଅଭିମୁଖେ ପଦଯାତ୍ରା କରିଛନ୍ତି। ସେମାନେ ରାଇରଙ୍ଗପୁର ଉପକଣ୍ଠ ପୋଖରିଆ ଗ୍ରାମରୁ ପଦଯାତ୍ରାରେ ବାହାରି ଭୁବନେଶ୍ୱର ଅଭିମୁଖେ ଅଭିଯାନ ଜାରି ରଖିଛନ୍ତି। ପଦଯାତ୍ରାରେ ଯାଇ ନିଯୁକ୍ତିପତ୍ର ରାଜ୍ୟ ସରକାରଙ୍କୁ ଫେରାଇବା ସହ ଶିକ୍ଷକ ପୋଷାକ ଅବତରଣ କରିବେ ବୋଲି ପ୍ରକାଶ କରିଛନ୍ତି। ଜିଲା ଭାଜପା ପକ୍ଷରୁ ଶିକ୍ଷକଙ୍କ ଦାବିକୁ ସମର୍ଥନ ଜଣାଇ ସରକାରଙ୍କ ବୈମାତୃକ ମନୋଭାବକୁ କଡ଼ା ସମାଲୋଚନା କରାଯାଇଛି।

ନିୟମିତ ଶିକ୍ଷକ ମାନ୍ୟତା ଦାବିରେ ସାନ୍ତାଳୀ ଓ ମୁଣ୍ଡାରୀ ଭାଷା(ଅଲଚିକି) ଶିକ୍ଷକମାନେ ୩୪ ଦିନ ଧରି ଜିଲା ପ୍ରକଳ୍ପ ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଭାଗ ପକ୍ଷରୁ କୌଣସି ଅଧିକାରୀ ଧାରଣା ସ୍ଥଳକୁ ଆସି ନ ଥିବାବେଳେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବି ସମ୍ପର୍କରେ ଜଣାଇଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ ଦାବି ସମ୍ପର୍କରେ ଉଚ୍ଚ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେମାନେ କହିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରାଯାଇଥିଲେ ମଧ ଏହି ଶିକ୍ଷକମାନଙ୍କ କ୍ଷେତ୍ରରେ ତାହାକୁ ଲାଗୁ କରାଯାଇ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୦୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲା ଗସ୍ତ ଅବସରରେ ପୋଖରିଆଠାରେ ଅନୁଷ୍ଠିତ ସମାବେଶରେ ଆଦିବାସୀ ସାନ୍ତାଳୀ ଭାଷା ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ଜିଲାର ଶହେଟି ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ନେଇ ଜିଲା ଚୟନ କମିଟି ଜରିଆରେ ଶିକ୍ଷକ ଚୟନ କରାଯାଇ ନିଯୁକ୍ତି ପ୍ରଦାନ ପରେ ଛାତ୍ରୀଛାତ୍ରଙ୍କୁ ସାନ୍ତାଳୀ ଭାଷା ମାଧ୍ୟମରେ ଅନୁବାଦ ପୂର୍ବକ ଓଡ଼ିଆ ଭାଷାରେ ରୂପାନ୍ତରିତ କରି ଅଲଚିକି ଲିପିର ଶିକ୍ଷାଦାନ କରି ଆସୁଛନ୍ତି। ମାସକୁ ୩୨ ଶହ ଟଙ୍କା ମଜୁରି ପାଉଥିବା ଶିକ୍ଷକମାନେ ନିୟମିତ ହେବା ପାଇଁ ସରକାରଙ୍କ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରୁଛନ୍ତି। ମାତ୍ର ସରକାରଙ୍କ ଆଦିବାସୀ ମାରଣନୀତି କହି ସାନ୍ତାଳୀ ସମାଜର ମାଝୀ ପାରଗାନା, ସାନ୍ତାଳୀ ଅଭିଭାବକ କ୍ରିୟାନୁଷ୍ଠାନ କମିଟି, ସାନ୍ତାଳୀ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ସାନ୍ତାଳୀ ଏକାଡେମୀ ଓଡ଼ିଶା, ଛାତ୍ର ସଙ୍ଗଠନ ଓ ଆଦିବାସୀ ସାମାଜିକ ଶିକ୍ଷା ସଂଘର ବିଭିନ୍ନ ଶାଖାର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଛନ୍ତି। ସରକାରୀ ନୀତିନିୟମ ଅନୁଯାୟୀ ସମସ୍ତ ଯୋଗ୍ୟତା ହାସଲ କରିବା ପରେ ମଧ ଆଦିବାସୀଙ୍କ ପ୍ରତି ଅଣଦେଖା କରାଯାଉଛି ବୋଲି ସଂଘର ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି।



ଶୋଭାଯାତ୍ରାରେ ଅଲଚିକି ଭାଷା ଶିକ୍ଷକମାନେ।

# ରାଜସ୍ଥାନ ସାଇବର ଗ୍ୟାଙ୍ଗର ୨ ଗିରଫ

**ଆଇପିପିବି ବ୍ୟାଙ୍କ ଆକାଉଣ୍ଟ, ସିମ୍ ଠକେଇ ମାମଲା**

- ସିମ ଯୋଗାଉଥିବା ଜଣେ ଅଭିଯୁକ୍ତ ମୟୂରଭଞ୍ଜରୁ ଧରାପଡ଼ିଲେ
- ପୂର୍ବରୁ ଗିରଫ ହୋଇଥିଲେ ନବରଙ୍ଗପୁରର ୫ ଏଜେଣ୍ଟ
- ଦେଶବ୍ୟାପୀ ଲମ୍ବିଛି ଠକେଇର ଚେର

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଦେଶର ବହୁ ଗରିବ ଲୋକଙ୍କୁ ଫସାଇ ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ (ଆଇପିପିବି)ରେ ଅନେକ ଆକାଉଣ୍ଟ ଖୋଲିଥିଲେ। ଏପରି କି ଲୋକଙ୍କୁ ମାତ୍ର କିଛି ଟଙ୍କା ଦେଇ ସିମ୍ କିଣୁଥିଲେ। ଏହି ସିମ୍ ଓ ବ୍ୟାଙ୍କ ଆକାଉଣ୍ଟକୁ ସେମାନେ ଭିନ୍ନ ଭିନ୍ନ ସାଇବର ଠକ ଗ୍ୟାଙ୍ଗକୁ ବିକ୍ରି କରିବା ସହ ନିଜେ ମଧ୍ୟ ଠକେଇରେ ବ୍ୟବହାର କରୁଥିଲେ। ଏହି ସାଇବର ଠକେଇ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ ବଡ଼ ସଫଳତା ମିଳିଛି। ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ଇଓଡବ୍ଲ୍ୟୁ ରାଜସ୍ଥାନର ଅଲୱାର ଜିଲା ରାମଗଡ଼ ଥାନା ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମହମ୍ମଦ ଖାନ ଓ ମନଫେଦ୍ ଖାନ। ଗତ ୯ ତାରିଖରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଇଓଡବ୍ଲ୍ୟୁ ରାମଗଡ଼ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିବା ପରେ ୫ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଛି। ସେହିପରି ଏହି ଗ୍ୟାଙ୍ଗକୁ ସିମ୍ ଯୋଗାଉଥିବା ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳର ଅନିଲ ଖିଲାରଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଛି। ଅନିଲ ପ୍ରାୟ ୧୨ଶହ ସିମ୍ ବିକ୍ରି କରିଛନ୍ତି। ଏହି ମାମଲା (ନଂ. ୧୯/୨୦୨୨)ରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଅର୍ଥାତ ୨୦ ଦିନ ତଳେ ଗ୍ୟାଙ୍ଗକୁ ବ୍ୟାଙ୍କ ଆକାଉଣ୍ଟ ଯୋଗାଉଥିବା ନବରଙ୍ଗପୁର ଅଞ୍ଚଳର ଏଜେଣ୍ଟ ସୁବିର ବେନିଆ, ଉପେନ୍ଦ୍ର ସାମର୍ଥ, ରାଜେନ୍ଦ୍ର ହରିଜନ, ଧନସିଂ ହରିଜନ ଏବଂ ଗ୍ରାମ ଡାକସେବକ ସନସାଇ ସାନ୍ତଙ୍କ ସମେତ ୫ଜଣଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା।


ଗିରଫ ଅଭିଯୁକ୍ତ ମହମ୍ମଦ ଖାନ ଓ ମନଫେଦ୍ ଖାନ।

**ନବରଙ୍ଗପୁରରେ ଖୋଲିଥିଲେ ୧ ହଜାର ଆଇପିପିବି ବ୍ୟାଙ୍କ ଆକାଉଣ୍ଟ**

ସାଇବର ଠକ ଗ୍ୟାଙ୍ଗର ସଦସ୍ୟମାନେ ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବା ଗ୍ରାମାଞ୍ଚଳ ଲୋକଙ୍କୁ ଟାର୍ଗେଟ କରୁଥିଲେ। ନବରଙ୍ଗପୁର ଜିଲାରୁ ଗିରଫ ହୋଇଥିବା ୫ ଏଜେଣ୍ଟଙ୍କ ଦ୍ୱାରା ସେଠାରେ ସେମାନେ ଗରିବ ଲୋକଙ୍କୁ ଫସାଇ ସେମାନଙ୍କ ଆଧାର କାର୍ଡ ଓ ଫଟୋ ଆଦି ଦ୍ୱାରା ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଏଜେଣ୍ଟମାନେ ପ୍ରତି ଆକାଉଣ୍ଟ ପିଛା ୨ହଜାର ଟଙ୍କା ପାଉଥିଲେ। ନବରଙ୍ଗପୁର ଜିଲାରେ ୧ ହଜାର ଆଇପିପିବି ଆକାଉଣ୍ଟ ଖୋଲାଯାଇଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।

**୩୦୦ ଟଙ୍କାରେ ସିମ୍ କିଣି ୧ ହଜାରରେ ବିକ୍ରି**

ଇଓଡବ୍ଲ୍ୟୁ କହିଛି, ଅଲୱର ଜିଲାର ୧୦ରୁ ୧୫ଟି ଗ୍ୟାଙ୍ଗ ଫେକ ସିମ୍ ବ୍ୟବସାୟ କରୁଛନ୍ତି। ଏହି ଗ୍ୟାଙ୍ଗର ସଦସ୍ୟମାନେ ଓଡ଼ିଶା, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଏଜେଣ୍ଟଙ୍କ ଦ୍ୱାରା ୩୦୦ ଟଙ୍କାରେ ସିମ୍ କିଣିଛନ୍ତି। ଏହାକୁ ରାଜସ୍ଥାନ ଓ ଉତ୍ତରପ୍ରଦେଶର ଭିନ୍ନ ଭିନ୍ନ ସାଇବର ଠକ ଗ୍ୟାଙ୍ଗକୁ ଏକ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଗ୍ୟାଙ୍ଗର ସଦସ୍ୟମାନେ ଏହି ସିମ୍ ଦ୍ୱାରା ଓଏଲ୍ଏକ୍ସ ଠକେଇ, ଜବ୍ ଠକେଇ, ନ୍ୟୁଡ ଭିଡିଓ କଲ୍ ଠକେଇ ଆଦି କରିଥାନ୍ତି।

**ଗୋଟିଏ ଆକାଉଣ୍ଟକୁ ୬ ହଜାର ଟଙ୍କାରେ ବିକ୍ରି କରୁଥିଲେ**

ସାଇବର ଠକ ଗ୍ୟାଙ୍ଗର ସଦସ୍ୟମାନେ ଫେକ ସିମ୍ ଓ ଆଇପିପିବି ଆକାଉଣ୍ଟ ଦ୍ୱାରା ଫୋନ ପେ, ଗୁଗଲ ପେ ଆଦି ୱାଲଟ ଖୋଲନ୍ତି। ଏହାପରେ ଏହି ଆକାଉଣ୍ଟକୁ ସାଇବର ଠକେଇରେ ବ୍ୟବହାର କରିଥାନ୍ତି। ଏହାକୁ ଅନ୍ୟ ଗ୍ୟାଙ୍ଗକୁ ୬ହଜାର ଟଙ୍କାରେ ବିକ୍ରି କରିଥାନ୍ତି।

**୫ ଦିନିଆ ରିମାଣ୍ଡ ଆବେଦନ, ଧରାପଡ଼ିବେ ଗ୍ୟାଙ୍ଗ ସଦସ୍ୟ**

ଏହି ଗ୍ୟାଙ୍ଗରେ ଅନେକ ସଦସ୍ୟ ରହିଛନ୍ତି। ରାଜସ୍ଥାନର ଅଲୱର ଓ ଭରତପୁର ଜିଲାରେ ୧ ହଜାର ଠକ ଏହି ଗ୍ୟାଙ୍ଗରେ ରହି ଭିନ୍ନ ଭିନ୍ନ ତରିକାରେ ଠକେଇ କରୁଛନ୍ତି। ଏଥିସହ ହରିୟାଣା ଓ ଉତ୍ତରପ୍ରଦେଶରେ ମଧ୍ୟ ଏଭଳି ର୍‍ୟାକେଟ ଚଳାଇଛନ୍ତି। ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ପ୍ରଭୃତି ରାଜ୍ୟରେ ଏଭଳି ବ୍ୟାଙ୍କ ଆକାଉଣ୍ଟ ଖୋଲୁଛନ୍ତି। ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଚେଷ୍ଟା ଚଳାଇଛି। ଇଓଡବ୍ଲ୍ୟୁ ମହମ୍ମଦ ଓ ମନଫେଦ୍‌ଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟଙ୍କ ନିକଟରେ ଆବେଦନ କରିଛି। ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା ପରେ ମାମଲା ସମ୍ପର୍କରେ ଅଧିକ ଜଣାପଡ଼ିବା ସହ ଏକାଧିକ ସଦସ୍ୟ ଗିରଫ ହେବେ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି।

# ଭର୍ଚୁଆଲ୍‌ରେ ହାଜର ହେଲେ ଜେଟିଏଫ୍ ସଦସ୍ୟ

**ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା**

- ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୮ରେ

**କଟକ ଅଫିସ,୧୫।୧୧**

ରାଜ୍ୟରେ ଅନିୟନ୍ତ୍ରିତ ହାତୀ ମୃତ୍ୟୁକୁ ରୋକିବା ପାଇଁ ଗଠିତ ପୋଲିସ ଓ ବନ ବିଭାଗର ମିଳିତ ଟାସ୍କଫୋର୍ସ (ଜେଟିଏଫ୍)ର ସଦସ୍ୟମାନେ ଭର୍ଚୁଆଲ ମାଧ୍ୟମରେ ହାଇକୋର୍ଟରେ ମଙ୍ଗଳବାର ହାଜର ହୋଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ମିଳିତ ଖଣ୍ଡପୀଠ ମାମଲାର ଶୁଣାଣି କରି କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଜେଟିଏଫ୍ ସଦସ୍ୟ ପ୍ରଫେସର ସୁକୁମାର ଦିଲ୍ଲୀରୁ ଭର୍ଚୁଆଲରେ ହାଜର ହୋଇ ହାତୀ ମୃତ୍ୟୁ ରୋକିବା ନିମନ୍ତେ କରାଯାଇଥିବା ଆକ୍ସନ ପ୍ଲାନ ଉପରେ ହାଇକୋର୍ଟଙ୍କୁ ସବିଶେଷ ଅବଗତ କରାଇଥିଲେ। ଡିସେମ୍ବର ଶେଷ ସୁଦ୍ଧା ଏହି ଆକ୍ସନ ପ୍ଲାନ୍ ହାଇକୋର୍ଟରେ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜେଟିଏଫ୍‌ରେ ୨ ଜଣ ନୂତନ ସଦସ୍ୟଙ୍କୁ ସାମିଲ କରିବା ପାଇଁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ସେମାନେ ହେଲେ ପରିବେଶବିତ୍ ବିଶ୍ୱଜିତ ମହାନ୍ତି ଓ ପ୍ରାଣୀପ୍ରେମୀ ଶୁଭେନ୍ଦୁ ବିଶ୍ୱାଳ। ଏଥିସହ ମଣିଷ, ହାତୀ ବିବାଦ ମଧ୍ୟରେ ବିଦ୍ୟୁତ୍‌ଆଘାତ ଜନିତ ହାତୀ ମୃତ୍ୟୁ ରୋକିବା ଦିଗରେ ରେଳ ବିଭାଗ ଓ ବିଦ୍ୟୁତ୍ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଗୁରୁତ୍ୱାରୋପ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆକ୍ସନ ପ୍ଲାନ୍‌ରେ ଖୋଲା ବିଦ୍ୟୁତ୍ ତାର ବଦଳାଇ କେବୁଲ କରାଯିବା ନିମନ୍ତେ ଯୋଜନା ରହିଥିବା ଜେଟିଏଫ୍ ପକ୍ଷରୁ ଅବଗତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୮କୁ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, ଜଏଣ୍ଟ ଟାସ୍କଫୋର୍ସର ଭବିଷ୍ୟତ କାର୍ଯ୍ୟାବଳୀ ସମ୍ପର୍କିତ ସତ୍ୟପାଠ ଗତ ଶୁକ୍ରବାର ହାଇକୋର୍ଟରେ ଦାଖଲ ହୋଇଛି। ପୋଲିସ ଅତିରିକ୍ତ ଏସ୍‌ପି ତଥା ଜଏଣ୍ଟ ଟାସ୍କଫୋର୍ସ ସଦସ୍ୟ ଯତୀନ୍ଦ୍ର କୁମାର ପଣ୍ଡା ଏବଂ ଚେୟାରମ୍ୟାନ ତଥା କନ୍‌ଭେନର ମନୋଜ ଭି. ନାୟାର ପୃଥକ୍ ଭାବେ ସତ୍ୟପାଠ ଦାଖଲ ଜରିଆରେ ହାଇକୋର୍ଟଙ୍କୁ ହାତୀ ମୃତ୍ୟୁ ସଂକ୍ରାନ୍ତରେ ରହିଥିବା ଯୋଜନା ବାବଦରେ ଅବଗତ କରାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ ମିଶ୍ର ମାମଲା ପରିଚାଳନା କରୁଛନ୍ତି। ପ୍ରକାଶ ଯେ, ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ଆବେଦନକାରୀ ଗୀତା ରାଉତଙ୍କ ପକ୍ଷରୁ ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲାକୁ ନେଇ ଶୁଣାଣି ଜାରି ରହିଛି।

# ସାଂସ୍କୃତିକ, ଐତିହ୍ୟ ସଂରକ୍ଷଣରେ ଜନଜାତିଙ୍କ ଭୂମିକା ରହିଛି



**ଜନଜାତୀୟ ଗୌରବ ଦିବସ ଉଦ୍‌ଘାଟିତ**

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଜନଜାତିଙ୍କ ସାଂସ୍କୃତିକ ମହତ୍ତ୍ୱର ସଂରକ୍ଷଣ ଏବଂ ଭାରତୀୟ ମୂଲ୍ୟବୋଧ ଓ ଗରିମାର ପ୍ରସାର ଦିଗରେ ଜନଜାତିଙ୍କ ଅବଦାନକୁ ସ୍ୱୀକୃତି ଦେବା ପାଇଁ ନଭେମ୍ବର ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଜନଜାତୀୟ ଗୌରବ ଦିବସ ପାଳନ କରାଯାଉଛି। ଜନଜାତିଙ୍କ ଅବଦାନକୁ ସମ୍ମାନ ଜଣାଇ ବିର୍ସା ମୁଣ୍ଡାଙ୍କ ଜନ୍ମଦିବସକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ ପାଇଁ ଭାରତ ସରକାର ଘୋଷଣା କରିଛନ୍ତି। ଏହି ଅବସରରେ ମଙ୍ଗଳବାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ) ପ୍ରେକ୍ଷାଳୟରେ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟ ସହଯୋଗରେ ଏସ୍‌ସିଏସ୍‌ଟିଆର୍‌ଟିଆଇ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଜନଜାତୀୟ ଗୌରବ ଦିବସ ଉଦ୍‌ଘାଟିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଦେଶର ସାଂସ୍କୃତିକ ଓ ଐତିହ୍ୟ ସଂରକ୍ଷଣରେ ଜନଜାତି ସଂପ୍ରଦାୟର ମୁଖ୍ୟ ଭୂମିକା ରହିଛି। ଭାରତର ସ୍ୱାଧୀନତା ପାଇଁ ପ୍ରାୟ ବହୁ ବିଦ୍ରୋହ ଜନଜାତିଙ୍କ ଦ୍ୱାରା ସଂଘଟିତ ହୋଇଥିଲା। ବହୁ ଜନଜାତି ସଂଗ୍ରାମୀ ମଧ୍ୟ ଶହୀଦ ହୋଇଥିଲେ ବୋଲି ସେ ପ୍ରକାଶ କରିଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇର ପୂର୍ବତନ ଉପଦେଷ୍ଟା ତଥା ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓଟା, ଅବସରପ୍ରାପ୍ତ ଭାରତୀୟ ରେଳସେବା ଅଧିକାରୀ ଉଦୟନାଥ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଚିବ ସୁମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ୭୫ ଜଣ ଜନଜାତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ଟି) ଶ୍ରୀକାନ୍ତ ତରାଇ ଅତିଥିଙ୍କୁ ସ୍ୱାଗତ ଜଣାଇଥିବାବେଳେ ଏସ୍‌ସିଏସ୍‌ଟିଆର୍‌ଟିଆଇର ଯୁଗ୍ମ ନିର୍ଦ୍ଦେଶକ କଳ୍ପନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଜନଜାତି ନୃତ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଜନଜାତି କଳା ଓ କଳାବସ୍ତୁର ପ୍ରଦର୍ଶନୀ ଚାଲିଛି। ସେଠାରେ ସପ୍ତାହେ ବ୍ୟାପୀ ଓଡ଼ିଶାର ଜନଜାତି ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଆସନ୍ତା ୨୧ରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ସହ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯିବ। ଏହି ପ୍ରଦର୍ଶନୀ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ।

# ସରକାରୀ ବାସଭବନରୁ ମିଳିଲା ଆଉ ୨ ଲକ୍ଷ

**ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ**

**ଭୁବନେଶ୍ୱର (ବ୍ୟୁରୋ)/ ଉଦଳା(ଡି.ଏନ୍.ଏ.) ୧୫।୧୧:** ଭିଜିଲାନ୍ସ ଜାଲରେ ପଡ଼ିଥିବା ଆର୍‌ଡବ୍ଲ୍ୟୁଏସ୍ଏସ୍ ମୟୂରଭଞ୍ଜ ଜିଲା ଉଦଳା ସବ୍ ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପଣ୍ଡାଙ୍କ ଘରେ ମଙ୍ଗଳବାର ପୁଣି ଚଢ଼ାଉ ହୋଇଛି। ଭିଜିଲାନ୍ସର ୮ ଜଣିଆ ଟିମ୍ ଉଦଳାସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରି ଆଉ ନଗଦ ୨ ଲକ୍ଷ ଟଙ୍କା ଠାବ କରିଛି। ଫଳରେ ଠାବ ହୋଇଥିବା ନଗଦ ଟଙ୍କା ୨୮.୯ ଲକ୍ଷରେ ପହଞ୍ଚିଛି। ଭିଜିଲାନ୍ସ ଟିମ ଭୁବନେଶ୍ୱରରୁ ରବିନାରାୟଣଙ୍କୁ ଉଦଳା ନେଇ ୫ ଘଣ୍ଟା ଧରି ଯାଞ୍ଚ କରିବା ପରେ କାର୍ଯ୍ୟାଳୟ ଓ ବାସଭବନରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ତେବେ ରବିନାରାୟଣଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଏବଂ ଏହା ତାଙ୍କ ପ୍ରକୃତ ଆୟଠୁ କେତେ ଜାଣିବାକୁ ଭିଜିଲାନ୍ସ ଟିମ୍ ହିସାବ କରୁଛି। ଆୟ ବହିର୍ଭୂତ ସମ୍ପତ୍ତି ହିସାବ ପରେ ଭିଜିଲାନ୍ସ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ରବିନାରାୟଣଙ୍କ ଘର ସମେତ ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଖୋର୍ଦ୍ଧାର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଆଇଗିଣିଆରେ ୩ ମହଲା କୋଠା, 'ବ୍ଲୁ ହ୍ୱିଲ୍' ଆପାର୍ଟମେଣ୍ଟର ଫ୍ଲାଟ, ବିଭିନ୍ନ ସ୍ଥାନରେ ୧୨ଟି ପ୍ଲଟ ମଧ୍ୟ ଠାବ ହୋଇଥିଲା।

# କେଜିବିଭି ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ


ଶିକ୍ଷା ବିଭାଗ ଅଧିକାରୀ ଏବଂ ପୋଲିସ ଘଟଣାର ତଦନ୍ତ କରୁଛନ୍ତି।

- ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ
- ଜିଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

**କାମାକ୍ଷାନଗର, ୧୫।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଡଙ୍ଗାପାଳସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ୬ଷ୍ଠ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ମୁଣ୍ଡା (୧୨)ଙ୍କ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଛାତ୍ରୀନିବାସ କର୍ତ୍ତୃପକ୍ଷ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସିଦ୍ଧାର୍ଥ ବେଉରିଆ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ଛାତ୍ରୀଙ୍କ ମୃତ୍ୟୁ ହେଲା ତାହା ଅସ୍ପଷ୍ଟ ରହିଥିବାବେଳେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ମୃତ ଛାତ୍ରୀଙ୍କ ବାପା ତଥା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ପଞ୍ଚାୟତ ପନାସିଆ ଗ୍ରାମର ବିପିନ ମୁଣ୍ଡାଙ୍କ କହିବା କଥା, ଏ ବର୍ଷ ହିଁ ସେ ଝିଅକୁ ପାଠ ପଢ଼ିବା ପାଇଁ ଛାଡ଼ିଥିଲେ। ହେଲେ ପାଠ ପଢ଼ିବାକୁ ଆସି ଝିଅ ସବୁଦିନ ପାଇଁ ଆରପାରିକୁ ଚାଲିଗଲା। ଝିଅର ମୃତ୍ୟୁ ହୋଇଯାଇଥିବା ନେଇ ସକାଳେ ସ୍କୁଲରୁ ଖବର ଆସିଲା। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର ବୋଲି ବିପିନ କୋହଭରା କଣ୍ଠରେ କହିଛନ୍ତି। ସୂଚନା ପାଇ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଛନ୍ତି। ଏଭଳି ଅଘଟଣ କେଉଁ ପରିସ୍ଥିତିରେ ଘଟିଲା, ତାହାର କାରଣ ଜାଣିବା ପାଇଁ ସେ ବିଦ୍ୟାଳୟ କର୍ତ୍ତୃପକ୍ଷ, ଡାକ୍ତରଙ୍କ ସହିତ ଆଲୋଚନା କରିଛନ୍ତି। ସେହିପରି କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ, ବ୍ଲକ ଶିକ୍ଷାଧିକାରୀ ମିନତି ଦେହୁରୀଙ୍କୁ ନେଇ ଏକ ଟିମ୍ ମଧ୍ୟ ବିଭାଗୀୟ ତଦନ୍ତ ଆରମ୍ଭ କରିଛନ୍ତି। କଙ୍କଡ଼ାହାଡ଼ ପୋଲିସ ମୃତଦେହ ଜବତ କରିଛି। ମାଜିଷ୍ଟ୍ରେଟ୍ ତଥା କାମାକ୍ଷାନଗର ଅତିରିକ୍ତ ତହସିଲଦାର ଝସକେତନ ନାୟକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ଛାତ୍ରୀଙ୍କ ମୃତ୍ୟୁ ଶାରୀରିକ ଅସୁସ୍ଥତା କିମ୍ବା ଅନ୍ୟ କେଉଁ କାରଣରୁ ହୋଇଛି ତାହା ଜଣାପଡ଼ିବ ବୋଲି ପୋଲିସ କହିଛି।

# ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍



ଲେଖକ ତଥା ଚିତ୍ରକର ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍ ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୫।୧୧ (ବ୍ୟୁରୋ):** କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନରେ ଆୟୋଜିତ ପୁସ୍ତକ ମେଳା 'ପୁସ୍ତକାୟନ' ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି। ଏହି ଅବସରରେ ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କାମ୍ବରଙ୍କ ଦ୍ୱାରା ଏକାଡେମୀ ପକ୍ଷରୁ ବିଶିଷ୍ଟ ଲେଖକ ତଥା ଚିତ୍ରକର ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନସୂଚକ ଫେଲୋଶିପ୍ ପ୍ରଦାନ କରାଯାଇଛି। ସାହିତ୍ୟ ଏକାଡେମୀ ଉପାଧ୍ୟକ୍ଷ ମାଧବ କୌଶିକ, ଓଡ଼ିଆ ପରାମର୍ଶଦାତା ବୋର୍ଡର ସଂଯୋଜକ ବିଜୟାନନ୍ଦ ସିଂ ଏବଂ ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇ ଲେଖକ ମହାନ୍ତିଙ୍କ ଇଂଲିଶ ଭାଷାରେ ଭାରତୀୟ ସାହିତ୍ୟକୁ ଅବଦାନ ସମ୍ପର୍କରେ ଆଲୋଚନା କରିଛନ୍ତି। ଲେଖକ ମହାନ୍ତି କହିଛନ୍ତି, ଜଣେ ଗାଁ ପିଲା ଯିଏ ନିଜେ ଇଂଲିଶରେ ଲେଖିପଢ଼ି 'ମାଇଁ ଭିଲେଜ୍ ମାଇଁ ଲାଇଫ୍' ପୁସ୍ତକ ଲେଖିବା ଯେକୌଣସି ଗ୍ରାମର ଅଗ୍ରଗତି କରିଥିବା ପିଲାଙ୍କ ଲାଗି ଏକ ବଡ଼ ସଫଳତା। ଏହି ଅବସରରେ ଏକାଡେମୀ ପକ୍ଷରୁ ବାଲ୍ ସାହିତ୍ୟ ପୁରସ୍କାର ବିଜେତାଙ୍କୁ ନେଇ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଓଡ଼ିଆ ବିଭାଗରେ ବାଲ୍ ସାହିତ୍ୟ ପୁରସ୍କାର ବିଜେତା ନରେନ୍ଦ୍ର ପ୍ରସାଦ ଦାସ ଯୋଗଦେଇ କହିଥିଲେ, କିଶୋରାବସ୍ଥା ଏବଂ ପିଲାଙ୍କ ପାଇଁ ଲେଖିବା ଦୁଇଟି ଭିନ୍ନ କଥା। ଶିଶୁ ସାହିତ୍ୟ ଏପରି ହେବା ଆବଶ୍ୟକ, ଯାହା ପାଠକଙ୍କ ମଧ୍ୟରେ କଳ୍ପନା ଓ ସର୍ଜନାର କ୍ଷମତା ବଢ଼ାଇ ପାରିବ।

# ଓଡ଼ିଶା ପର୍ଯ୍ୟଟନ ସେବାର ପୁନର୍ଗଠନ ହେବ

- ପଦବୀ ସଂଖ୍ୟା ବଢ଼ିବ
- ପର୍ଯ୍ୟଟନ ବିକାଶ ଅଧିକାରୀ ପଦବୀ ସୃଷ୍ଟି

**ଯାଜପୁର ଅଫିସ,୧୫।୧୧**

ରାଜ୍ୟରେ ଶୀତ ଆସିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଲୋକାରଣ୍ୟ ହୋଇ ଉଠିଛି। କିନ୍ତୁ ବିଡ଼ମ୍ବନା, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଉଦାସୀନତା ଯୋଗୁ ପର୍ଯ୍ୟଟନସ୍ଥଳୀର ବିକାଶ ଆଖିଦୃଶିଆ ହୋଇପାରିନାହିଁ । ନୂତନ ପର୍ଯ୍ୟଟନସ୍ଥଳୀର ଚିହ୍ନଟ ଏବଂ ବିକାଶ କ୍ଷେତ୍ରରେ ସେତେଟା ଅଗ୍ରଗତି ହୋଇନାହିଁ। ଏହି କ୍ରମରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ରୂପାନ୍ତରଣ କରିବାକୁ ରାଜ୍ୟ ସରକାର ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛନ୍ତି। ଓଡ଼ିଶା ପର୍ଯ୍ୟଟନ ସେବା ତଥା ଓଡ଼ିଶା ଟୁରିଜମ ସର୍ଭିସ (ଓଟିଏସ୍)କୁ ନୂତନ ଢାଞ୍ଚା ବା ପୁନର୍ଗଠନ କରିବାକୁ ଯୋଜନା କରାଯାଉଛି। ରାଜ୍ୟରେ ଥିବା ୭ ପର୍ଯ୍ୟଟନ ଡିଭିଜନରେ ଅଧିକ ସଂଖ୍ୟକ ପଦବୀ ସୃଷ୍ଟି କରାଯିବାକୁ ବିଚାର ହୋଇଛି। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୧।୧୧।୨୦୨୨ରେ ଏକ ରିଜୋଲୁ୍ୟଶନ ଜାରି କରାଯାଇଛି।

ପର୍ଯ୍ୟଟନ ବିଭାଗର ରିଜୋଲ୍ୟୁଶନ ଅନୁଯାୟୀ ସଂସ୍କୃତି, ଐତିହ୍ୟ ଏବଂ ଜୈବ ବିବିଧତାରେ ସମୃଦ୍ଧ ସ୍ଥାନରେ ପର୍ଯ୍ୟଟନ ଅଭିଜ୍ଞତାକୁ ବିବିଧ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଜଳଭିତ୍ତିକ ମନୋରଞ୍ଜନ ପ୍ରକଳ୍ପ, ରହଣି ସୁବିଧା, ଗମନାଗମନ, ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳରେ ପ୍ରକୃତି ଶିବିର ଏବଂ ଇକୋ-ଟୁରିଜମ ସୃଷ୍ଟି ମାଧ୍ୟମରେ ପର୍ଯ୍ୟଟନ, ଟ୍ରେକିଂ, ଦର୍ଶନୀୟ ସ୍ଥାନ, ସଫାରି, ବୋଟିଂ ଇତ୍ୟାଦିକୁ ଗୁରୁତ୍ୱ ପ୍ରଦାନ କରାଯିବ। ରାଜ୍ୟରେ ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳ ଥିବାରୁ ସମୁଦ୍ରକୂଳକୁ ଗନ୍ତବ୍ୟସ୍ଥଳ ଭାବେ ପ୍ରତିଷ୍ଠା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହିସବୁ ଉଦ୍ଦେଶ୍ୟକୁ ପୂରଣ କରିବାକୁ ମାନବ ସମ୍ବଳର ଆବଶ୍ୟକତା ରହିଛି। ପର୍ଯ୍ୟଟନ ବିଶେଷଜ୍ଞମାନଙ୍କ ପାଇଁ ନିରନ୍ତର ଭିତ୍ତିଭୂମି ବିକାଶ, ନୂତନ ପର୍ଯ୍ୟଟନ କ୍ଷେତ୍ର ସୃଷ୍ଟି, ପର୍ଯ୍ୟଟନ ବିନିଯୋଗ ଯୋଗ୍ୟ ଲ୍ୟାଣ୍ଡବ୍ୟାଙ୍କ ସର୍ଭେ, ପର୍ଯ୍ୟଟନ ବିନିଯୋଗ ପ୍ରୋତ୍ସାହନ, ଗନ୍ତବ୍ୟ ସ୍ଥଳ ପ୍ରୋତ୍ସାହନ, ନୀତି ଏବଂ ଯୋଜନାଭିତ୍ତିକ ହସ୍ତକ୍ଷେପ ଇତ୍ୟାଦି ଜରୁରୀ ଅଟେ ବୋଲି ନୋଟିଫିକେଶନରେ ଦର୍ଶାଯାଇଛି। ଅନ୍ୟ ରାଜ୍ୟମାନଙ୍କ ସହ ଓଡ଼ିଶା ପର୍ଯ୍ୟଟନ ଶିଳ୍ପଗୁଡ଼ିକର ପ୍ରତିଦ୍ୱନ୍ଦ୍ୱିତା, ପର୍ଯ୍ୟଟନ ସେବାକୁ ନିଜ ପସନ୍ଦର କ୍ୟାଡର ଭାବେ ପରିଣତ କରିବା ସହିତ ଅର୍ଥନୈତିକ ଅଭିବୃଦ୍ଧି ସହ ଜଡିତ ତଥା ସୁନିଶ୍ଚିତ କରିବା ପାଇଁ ଯୋଗ୍ୟ ମାନବ ସମ୍ବଳ ସୃଷ୍ଟି କରିବାକୁ ସମ୍ପୃକ୍ତ ଅଞ୍ଚଳବାସୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ଓଡ଼ିଶା ପର୍ଯ୍ୟଟନ ସେବାକୁ ଡିଭିଜନ ଅନୁଯାୟୀ ଗଠନ କରାଯାଇଛି।

ରାଜ୍ୟରେ ୭ ଏବଂ ରାଜ୍ୟ ବାହାରେ ଦିଲ୍ଲୀରେ ଗୋଟିଏ ପର୍ଯ୍ୟଟନ ଡିଭିଜନ ରହିଛି। ଭୁବନେଶ୍ୱର ଡିଭିଜନ ଅଧୀନରେ ଖୋର୍ଦ୍ଧା ଏବଂ ନୟାଗଡ଼, କୋରାପୁଟ ଡିଭିଜନ ଅଧୀନରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା, ସମ୍ବଲପୁର ଡିଭିଜନ ଅଧୀନରେ ସମ୍ବଲପୁର, ବରଗଡ଼, ସୋନପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼ ଓ ବଲାଙ୍ଗୀର, କଟକ ଡିଭିଜନ ଅଧୀନରେ କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କଟକ, ବାଲେଶ୍ୱର ଡିଭିଜନରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ମୟୂରଭଞ୍ଜ, ବ୍ରହ୍ମପୁର ଡିଭିଜନରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଏବଂ ପୁରୀ ଡିଭିଜନରେ ପୁରୀ ଜିଲାର ପର୍ଯ୍ୟଟନସ୍ଥଳୀଗୁଡିକ ପରିଚାଳନା ହେଉଛି। ଏହି ପର୍ଯ୍ୟଟନ ବିଭାଗଗୁଡ଼ିକ ଡେପୁଟି ଡାଇରେକ୍ଟର ଏବଂ ଯୁଗ୍ମ ନିର୍ଦ୍ଦେଶକ ପଦରେ କ୍ୟାଡର ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ବିଭାଗୀୟ ନିଷ୍ପତ୍ତି ହୋଇଛି। ପ୍ରତି ପର୍ଯ୍ୟଟନ ବିଭାଗ ଅଧୀନରେ ପର୍ଯ୍ୟଟନ ଜିଲା ରହିବ, ଯେଉଁଥିପାଇଁ ସହକାରୀ ନିର୍ଦ୍ଦେଶକ ପଦବୀର ଆବଶ୍ୟକତା ରହିଛି। ପର୍ଯ୍ୟଟନ ବିକାଶ ଅଧିକାରୀ ଏବଂ ପର୍ଯ୍ୟଟନ ଅଧିକାରୀ ଜିଲାରେ ରହିବେ। ବର୍ତ୍ତମାନ ଓଡ଼ିଶା ଜନସେବା ଆୟୋଗ ଦ୍ୱାରା ଓଡିଶା ସିଭିଲ ସର୍ଭିସ ପରୀକ୍ଷା ମାଧ୍ୟମରେ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ବିକାଶ ଅଧିକାରୀ ଏବଂ ପର୍ଯ୍ୟଟନ ଅଧିକାରୀ ନିଯୁକ୍ତ କରାଯିବ। ବର୍ତ୍ତମାନ ଏହିସବୁ ପଦବୀରେ ୪୧ ଜଣ ରହିଥିବାବେଳେ ପୁନର୍ଗଠନ ପ୍ରକ୍ରିୟାରେ ୮୨ ପଦବୀ ବୃଦ୍ଧି କରାଯିବ। ପର୍ଯ୍ୟଟନ ଅଧିକାରୀ ୩୩ରୁ ୨୨, ପର୍ଯ୍ୟଟନ ବିକାଶ ଅଧିକାରୀ ନୂତନ ଭାବେ ୩୮, ସହକାରୀ ନିର୍ଦ୍ଦେଶକ ୧୨, ଉପନିର୍ଦ୍ଦେଶକ ୬, ଯୁଗ୍ମ ନିର୍ଦ୍ଦେଶକ ୩ ଏବଂ ଅତିରିକ୍ତ ନିର୍ଦ୍ଦେଶକ ୧ ପଦବୀ ରହିବ। ଅତିରିକ୍ତ ନିର୍ଦ୍ଦେଶକ ଭୁବନେଶ୍ୱର ପର୍ଯ୍ୟଟନ ବିଭାଗ ହେଡକ୍ୱାର୍ଟର୍ସରେ ରହିବେ ଏବଂ ଯୁଗ୍ମ ନିର୍ଦ୍ଦେଶକ ହେଡକ୍ୱାର୍ଟର୍ସ ସମେତ ଦିଲ୍ଲୀ ଏବଂ ଭୁବନେଶ୍ୱରର ଡିଭିଜନରେ ଅବସ୍ଥାପିତ ହେବେ। ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ବିକାଶ ଓ ପର୍ଯ୍ୟଟନ ଅଧିକାରୀମାନେ ଡିଭିଜନଗୁଡିକରେ ରହି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମର୍ମରେ ଜାରି ରିଜୋଲୁ୍ୟଶନକୁ ପର୍ଯ୍ୟଟନ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ରାଜ୍ୟରେ ପର୍ଯ୍ୟଟନର ଭିତ୍ତିଭୂମିର ବିକାଶ ଅଧାରେ ଅଟକିଛି । ଏହାବାଦ୍ କେତେକାଂଶରେ ନିମ୍ନମାନର କାର୍ଯ୍ୟ ପର୍ଯ୍ୟଟନସ୍ଥଳୀର ଦୀର୍ଘ ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି କରିଛି । ୨୦୧୯-୨୦ ବର୍ଷରେ ରାଜ୍ୟର ୧୫ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୧୬୭.୪୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏହିସବୁ ପ୍ରକଳ୍ପର ନୈରାଶ୍ୟଜନକ ଅଗ୍ରଗତି ଉପରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ (ଅଡିଟ-୨) ଗତ ୭।୮।୨୦୨୧ରେ ପ୍ରଶ୍ନ ଉଠାଇଥିଲେ। ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବିଭିନ୍ନ ଜିଲାରେ ଆନ୍ଦୋଳନ, ଅନଶନ ହେଉଥିବା ଦେଖିବାକୁ ମିଳିଛି, ଯାହାର ଉଦାହରଣ ବଲାଙ୍ଗୀର ଜିଲାର ପ୍ରସିଦ୍ଧ ହରିଶଙ୍କର ପୀଠରେ ରୋପ୍‌ୱେ ନିର୍ମାଣ ଦାବି ନେଇ କିଛିଦିନ ତଳେ ଜଳ ସତ୍ୟାଗ୍ରହ ହୋଇଥିଲା। ଏହି କ୍ରମରେ ରାଜ୍ୟ ପର୍ଯ୍ୟଟନ ବିଭାଗର ପୁନର୍ଗଠନ ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ସହାୟତା ହେବ ବୋଲି ଆଶା କରାଯାଉଛି।

# ୪୦%ରୁ କମ୍ ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ

ଭୁବନେଶ୍ୱର,୧୫।୧୧

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କଗୁଡ଼ିକ ସବୁକ୍ଷେତ୍ରକୁ ଋଣ ପ୍ରଦାନ ବୃଦ୍ଧି କରିବାକୁ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ଜେନା ମଙ୍ଗଳବାର ଅନୁଷ୍ଠିତ ୧୬୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି) ବୈଠକରେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି। ସେହିଭଳି ରାଜ୍ୟର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିଛି। ଏପରିକି ସବୁ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ ନ ଥିବାରୁ ସାଧାରଣ ବ୍ୟାଙ୍କିଙ୍ଗ୍ ସୁବିଧାରୁ କେତେକ ଅଞ୍ଚଳର ଜନସାଧାରଣ ବଞ୍ଚିତ ହେଉଛନ୍ତି ବୋଲି ଜେନା ମତ ପ୍ରକାଶ କରିଛନ୍ତି। ରାଜ୍ୟର ଗ୍ରାମାଞ୍ଚଳ କ୍ଷେତ୍ରରେ ୪୦% ରୁ କମ୍ ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ରହିଛି। ଜାତୀୟସ୍ତରରେ ୧ଲକ୍ଷ ଜନସଂଖ୍ୟାରେ ୧୮.୧୨% ସ୍ଥାୟୀ ବ୍ୟାଙ୍କ ଥିବାବେଳେ ଆମ ରାଜ୍ୟରେ ଏହା ୧୩.୦୬% ରହିଛି । ଏହି ବ୍ୟବଧାନକୁ ଖୁବ୍‌ଶୀଘ୍ର ହ୍ରାସ କରିବା ପାଇଁ ପଦକ୍ଷେପ ନେବାକୁ ଉନ୍ନୟନ କମିଶନର ଜେନା ସମସ୍ତ ବ୍ୟାଙ୍କର ନିୟନ୍ତ୍ରଣ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲରେ ବେସରକାରୀ ବ୍ୟାଙ୍କଗୁଡ଼ିକ ସରକାରୀ ବ୍ୟଙ୍କଗୁଡ଼ିକଠାରୁ ଅଧିକ ସଫଳତା ପାଇଛନ୍ତି । ବ୍ୟାଙ୍କଗୁଡ଼ିକ ଏବଂ ଜିଲାପାଳମାନଙ୍କ ମିଳିତ ଉଦ୍ୟମରେ କୃଷିକ୍ଷେତ୍ରରେ ୫୫.୪୦% ଲକ୍ଷ୍ୟ ହାସଲ ହୋଇପାରିଛି ବୋଲି ଉନ୍ନୟନ କମିଶନର ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ସଚିବ ବିଶାଲ ଦେବ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏମ୍‌ଏସ୍‌ଏମ୍‌ଇର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶର କମିଶନର ତଥା ଶାସନ ସଚିବ ଏସ୍.କେ.ବଶିଷ୍ଠ, ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ଶାଖାର ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍.ଏନ୍.ପଣ୍ଡା, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ନାବାର୍ଡର ମୁଖ୍ୟ ସାଧାରଣ ପରିଚାଳକ ସି.ଉଦୟ ଭାସ୍କର, ଏସ୍‌ବିଆଇର ମୁଖ୍ୟ ସାଧାରଣ ପରିଚାଳକ ଚନ୍ଦର ଶେଖର ଶର୍ମା, ଏସ୍‌ଏଲ୍‌ବିସିର ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ସୋମାଶଙ୍କର ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।



୧୬୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକ ଅବସରରେ ଉପସ୍ଥିତ ଅଧିକାରୀଗଣ।

## ସେନ୍‌ସେକ୍ସରେ ୨୪୯ ପଏଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୧୫।୧୧

ଦିନକ ପରେ ପୁଣି ଥରେ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଫଳରେ ଆଶା ଓ ଆଶଙ୍କା ମଧ୍ୟରେ ଥିବା ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣରେ ଲାଭବାନ୍ ହୋଇଛନ୍ତି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୪୯ (୨୪୮.୮୪) ପଏଣ୍ଟ ବୃଦ୍ଧି ଘଟି ୬୧,୮୭୩ (୬୧,୮୭୨.୯୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୭୪ (୭୪.୨୫) ପଏଣ୍ଟ ବଢ଼ି ୧୮,୪୦୩ (୧୮,୪୦୩.୪୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ସେହିଭଳି ମଙ୍ଗଳବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧% ଅଭିବୃଦ୍ଧି ଘଟିଛି। ପାୱାର ଗ୍ରୀଡ୍, ଆଇସିଆଇସିଆଇ, ଭାରତୀ ଏୟାରଟେଲ୍ ସମେତ ବ୍ୟାଙ୍କିଙ୍ଗ୍, ସିମେଣ୍ଟ ଏବଂ ଅଟୋଶିଳ୍ପ କ୍ଷେତ୍ରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି।

## ପାୱାର ପ୍ଲାଣ୍ଟରେ ଆଇଓଟି ପ୍ରଯୁକ୍ତି ନିୟୋଜିତ

ଭୁବନେଶ୍ୱର,୧୫।୧୧



ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ପ୍ଲାଣ୍ଟରେ ଜଳ ଖର୍ଚ୍ଚ କମ୍ କରିବା ପାଇଁ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ପ୍ରଯୁକ୍ତିକୁ ନିୟୋଜିତ କରାଯାଇଛି। ଯେହେତୁ ପାୱାର ପ୍ଲାଣ୍ଟ ପାଇଁ କୁଲିଂ ୱାଟରର ଆବଶ୍ୟକତା ରହୁଛି, ସେଥିପାଇଁ ଉକ୍ତ ପ୍ରଯୁକ୍ତି ଦ୍ୱାରା ରିୟଲ ଟାଇମ ଅପରେଶନାଲ ଡାଟା ସହ ଉପଯୁକ୍ତ ଜଳ ସଂରକ୍ଷଣ ହୋଇପାରିବ। ବିଶେଷକରି କମ୍ପାନୀ ଏହି ପ୍ରଯୁକ୍ତି ଦ୍ୱାରା ଉନ୍ନତ ଜଳ ସଂରକ୍ଷଣ ସାଙ୍ଗକୁ ଜଳର ଗୁଣବତ୍ତା, ମାପିବା ଓ କ୍ଷୟ ହ୍ରାସ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ଷମ ମାପଦଣ୍ଡଗୁଡ଼ିକ ମଧ୍ୟ ପୂରଣ କରିପାରିବ। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବିଜ୍‌ନେସ୍) ରାହୁଲ ଶର୍ମା କହିଛନ୍ତି, କମ୍ପାନୀ ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ବୃହତ୍ ନିର୍ମାତା ହୋଇଥିବାରୁ ଆମେ ଭବିଷ୍ୟତକୁ ଆଖି ଆଗରେ ରଖି ଉତ୍ପାଦନ କରୁଛୁ। ଆମର କାର୍ଯ୍ୟକୁ ଅଧିକ ବିକାଶଶୀଳ ଓ ନିର୍ଭରଯୋଗ୍ୟ କରିବା ଲାଗି ଆମକୁ ଅତ୍ୟାଧୁନିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି। ଡିଜିଟାଇଜେଶନ ପ୍ରୋଗ୍ରାମକୁ ତ୍ୱରାନ୍ୱିତ କରିବା ଲାଗି ସବୁକ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିବାକୁ ହେବ।

ବେଦାନ୍ତ ଷ୍ଟାର୍ଟ ଅପ୍ ଇନ୍‌କ୍ୟୁବେଟର ମାଧ୍ୟମରେ କମ୍ପାନୀ ନୂଆ ଯୁଗର ଷ୍ଟାର୍ଟଅପ ସହ ଉତ୍ପାଦନରେ ନୂତନତା ଓ ଡିଜିଟାଇଜେସନ ଶକ୍ତି ବ୍ୟବହାର କରୁଛି। ବ୍ୟବସାୟିକ ବିଷୟରେ ଯେଉଁଠାରେ ଷ୍ଟାର୍ଟଅପଗୁଡ଼ିକ ଦକ୍ଷତାଠାରୁ ଆରମ୍ଭକରି ଶକ୍ତି ସଂରକ୍ଷଣ ସମାଧାନ, ଜଳ, ବର୍ଜ୍ୟବସ୍ତୁ ପରିଚାଳନା ପ୍ରଭୃତି କାର୍ଯ୍ୟ ସହ ଜଡ଼ିତ। ଏହା ଭାରତର ଉତ୍ପାଦନ ଦୃଶ୍ୟପଟରେ ଏକ ମୌଳିକ ପରିବର୍ତ୍ତନ ଆଣିବା ସହ ବିକଶିତ ଦେଶଗୁଡ଼ିକୁ ପ୍ରେରଣା ଯୋଗାଇବ।

## ଏସ୍‌ଏଫ୍‌ଟିର ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର

ନୂଆଦିଲ୍ଲୀ,୧୫।୧୧

ସାମ୍‌ସଙ୍ଗ୍‌ର ସଲ୍‌ଭ ଫର୍ ଟୁମରୋ (ଏସ୍‌ଏଫ୍‌ଟି)ର ଉଦ୍‌ଘାଟନୀ ସଂସ୍କରଣର ଶୀର୍ଷ ୩ଜଣଙ୍କ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏପରିକି ୩ ବିଜେତା ଟିମ୍ ଯଥା ସ୍ପୁଟନିକ ବ୍ରେନ୍, ଉଡାନ ଏବଂ ଆଲ୍‌ଫା ମନିଟର ସମୁଦାୟ ୧ କୋଟି ଟଙ୍କାର ଅନୁଦାନ ଏବଂ ଫାଉଣ୍ଡେଶନ ଫର୍ ଇନୋଭେଶନ ଏବଂ ଟେକ୍ନୋଲୋଜି ଟ୍ରାନ୍ସଫର (ଏଫ୍‌ଆଇଆଇଟି) ଆଇଆଇଟି, ଦିଲ୍ଲୀ ଦ୍ୱାରା ୬ ମାସର ଇନ୍‌କ୍ୟୁବେସନ ମଧ୍ୟ ହାସଲ କରିଛନ୍ତି। ଏହାଦ୍ୱାରା ସେମାନଙ୍କର ପ୍ରୋଟୋଟାଇପର ବିକାଶ ହୋଇପାରିବ ଏବଂ ସେମାନେ ସେମାନଙ୍କ ଉତ୍ପାଦ ଏବଂ ସେବାକୁ ପ୍ରକୃତ ଗ୍ରାହକଙ୍କ ସହିତ ପ୍ରୟୋଗ କରିପାରିବେ। ସେହିଭଳି ପ୍ରତ୍ୟେକ ବିଜେତା ଟିମ୍‌କୁ ଏକ ସାର୍ଟିଫିକେଟ ଓ ସୁନ୍ଦର ସଲ୍‌ଭ ଫର୍ ଟୁମରୋ ଟ୍ରଫି ପ୍ରଦାନ କରାଯାଇଛି। ଟିମ୍‌ର ପ୍ରତି ସଦସ୍ୟ ଆକର୍ଷଣୀୟ ସାମ୍‌ସଙ୍ଗ୍ ଉତ୍ପାଦ ଯଥା ଏକ ସାମ୍‌ସଙ୍ଗ୍ ଗ୍ୟାଲାକ୍ସି ବୁକ୍ ୨ପ୍ରୋ ୩୬୦ ଲାପ୍‌ଟପ୍ ଓ ସାମ୍‌ସଙ୍ଗ୍ ଗ୍ୟାଲାକ୍ସି ବଡ୍‌ସ୨ ପାଇଛନ୍ତି। ଉକ୍ତ ବିଜେତା ଟିମ୍ ତାଙ୍କ ସ୍କୁଲ ବା କଲେଜ ପାଇଁ ୮୫-ଇଞ୍ଚର ସାମ୍‌ସଙ୍ଗ୍ ଫ୍ଲିପ୍ ଇଣ୍ଟରାକ୍ଟିଭ ବୋର୍ଡ ଲାଭ କରିଛନ୍ତି। ନିକଟରେ ନୂଆଦିଲ୍ଲୀଠାରେ ଆୟୋଜିତ ସଲ୍‌ଭ ଫର୍ ଟୁମରୋର ଗ୍ରାଣ୍ଡ ଜୁରିଙ୍କ ଦ୍ୱାରା ଗ୍ରାଣ୍ଡ ଫିନାଲେ ରାଉଣ୍ଡରେ ୩ ବିଜେତାଙ୍କର ଚୟନ କରାଯାଇଛି ।

ଏ ସମ୍ପର୍କରେ ସାମ୍‌ସଙ୍ଗ୍ ସାଉଥୱେଷ୍ଟ ଏସିଆର ପ୍ରେସିଡେଣ୍ଟ ଓ ସିଇଓ କେନ୍ କାଙ୍ଗସ୍ କହିଛନ୍ତି, ଭାରତୀୟ ଯୁବଗୋଷ୍ଠୀଙ୍କର ସୃଜନଶୀଳତା କ୍ଷମତା ରହିଛି। ଏହା ସହାୟତାରେ ସେମାନେ ବିଶ୍ୱର ବଡ଼ ବଡ଼ ଆହ୍ୱାନର ମଧ୍ୟ ସମାଧାନ କରିପାରିବେ। ଆମେ ସେମାନଙ୍କ ପାଇଁ ଗର୍ବିତ ଏବଂ ସେମାନଙ୍କର ଚିନ୍ତାଧାରାକୁ ବାସ୍ତବତାରେ ପରିଣତ କରିବା ପାଇଁ ଆମେ ସେମାନଙ୍କ ସହ କାର୍ଯ୍ୟକରିବୁ।

## କେନ୍ଦୁଝରରେ ଭୋଲ୍ଟାସ୍‌ର ବ୍ରାଣ୍ଡ ଶପ୍

କେନ୍ଦୁଝର,୧୫।୧୧

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଉତ୍ପାଦକ କମ୍ପାନୀ ଭୋଲ୍ଟାସ୍‌ର ଆଉ ଏକ ବ୍ରାଣ୍ଡ ଶପ୍ ଓଡ଼ିଶା ବଜାରରେ ଶୁଭାରମ୍ଭ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର 'ଅମ୍ବିକା ହୋମ୍ ଆପ୍ଲିଆନ୍ସ' ଜରିଆରେ ମଙ୍ଗଳବାର କେନ୍ଦୁଝର ସହର ଥାନା ଛକ (ରତନ ଟାୱାର) ନିକଟରେ ଭୋଲ୍ଟାସ୍‌ର ପ୍ରଥମ ବ୍ରାଣ୍ଡ ଶପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ଆଞ୍ଚଳିକ ମୁଖ୍ୟ (ଇଷ୍ଟ-୨) ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମ୍ବିକା ହୋମ୍ ଆପ୍ଲିଆନ୍ସର ମୁଖ୍ୟ ପ୍ରକାଶ ଅଗ୍ରୱାଲଙ୍କ ସମେତ ଉଭୟ ଅଗ୍ରୱାଲ ପରିବାରର ସଦସ୍ୟ ଓ ଷ୍ଟୋରର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ଏହା ୧୦ମ ବ୍ରାଣ୍ଡ



ଶପ୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଭୋଲ୍ଟାସ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି, ଓଡ଼ିଶାର କେନ୍ଦୁଝର ଜିଲାରେ ଭୋଲ୍ଟାସ୍‌ର ବ୍ରାଣ୍ଡ ଶପ୍‌ର ଶୁଭାରମ୍ଭ ହୋଇଥିବାରୁ ଆମେ ବହୁ ଖୁସି। କାରଣ କମ୍ପାନୀ ମାର୍କେଟ ଲିଡର ଭାବେ ଉପଭୋକ୍ତାମାନଙ୍କୁ ସବୁବେଳେ ବ୍ୟବସାୟର କେନ୍ଦ୍ରସ୍ଥଳୀରେ ରଖି ଟେକ୍ନୋଲୋଜିକାଲ ଆଡଭାନ୍ସ ସାମଗ୍ରୀ ଯୋଗାଇଦେବାକୁ ପ୍ରୟାସ ଜାରି ରଖିଛି। ସେହିଭଳି କେନ୍ଦୁଝର ଜିଲା ସମେତ ଏହାର ନିକଟବର୍ତ୍ତୀ ସହର ଓ ଜିଲାର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବ ବୋଲି ପ୍ରକାଶ କହିଛନ୍ତି। ସେହିପରି ଏଠାରେ କମ୍ପାନୀର ସମସ୍ତ ବ୍ରାଣ୍ଡ ଉପଲବ୍ଧ ହେଉଥିବା ବେଳେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ସାମଗ୍ରୀରେ ନିଶ୍ଚିତ ଉପହାର ସାଙ୍ଗକୁ ଏକ୍ସଚେଞ୍ଜ ଅଫର ଓ ଏସିରେ ମାଗଣା ଇନ୍‌ଷ୍ଟାଲେଶନ ବ୍ୟବସ୍ଥା ମଧ୍ୟ ରହିଛି ବୋଲି ମାନସ ମତପ୍ରକାଶ କରିଛନ୍ତି।

## ଲକ୍ସ କୋଜି ବଏଜ୍‌ର ସମ୍ପ୍ରସାରଣ

ଭୁବନେଶ୍ୱର,୧୫।୧୧

ଦେଶର ପ୍ରମୁଖ ପୋଷାକ ଉଦ୍ୟୋଗ ଲକ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଏଲ୍‌ଆଇଏଲ୍)ର କିଡ୍ସ ଇନର ୱେୟର ରେଞ୍ଜ ଲକ୍ସ କୋଜି ବଏଜ୍‌ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ୧୦୦ରୁ ଅଧିକ ଉତ୍ପାଦକୁ ୧୪ ଟି ପ୍ରମୁଖ ବ୍ରାଣ୍ଡରେ ପ୍ରସ୍ତୁତ କରୁଛି, ଯେଉଁଥିରେ ପୁରୁଷ, ମହିଳା ଓ ପିଲାମାନଙ୍କ ପାଇଁ ଇନରୱେୟର ଓ ଆଉଟରୱେୟରର ସମ୍ପୂର୍ଣ୍ଣ ରେଞ୍ଜ ସାମିଲ ରହିଛି। ବିଶେଷକରି କମ୍ପାନୀ ତା'ର କିଡ୍‌ସ ଇନରୱେୟର ରେଞ୍ଜର ଭାରତୀୟ ବଜାର ପାଇଁ ୨୦୦୦ କୋଟି ଟଙ୍କା ସହ ୯ରୁ ୧୦% ସିଏଜିଆର୍ ହାରରେ ବୃଦ୍ଧି ଆଶା କରାଉଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଏଲ୍‌ଆଇଏଲ୍‌ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସାକେତ୍ ତୋଡ଼ି କହିଛନ୍ତି, ବିଶେଷ କରି କିଡ୍‌ସ ଇନରୱେୟର ସେଗ୍‌ମେଣ୍ଟରେ ଲକ୍ସ ଇଣ୍ଡଷ୍ଟ୍ରିଜ୍ ହେଉଛି ପୁରୁଷମାନଙ୍କ ପାଇଁ ଏକ ଅଗ୍ରଣୀ ବ୍ରାଣ୍ଡ ଏବଂ ଆମର ରେଞ୍ଜର ଏହି ସମ୍ପ୍ରସାରଣ ସହ ଆମେ ଆଶା କରୁଛୁ ଯେ ମାର୍କେଟରେ ଆମର ବିକାଶ କରିପାରିବୁ ଓ ବୃଦ୍ଧି ପାଉଥିବା ଗ୍ରାହକଙ୍କ ଚାହିଦାକୁ ପୂରଣ କରିପାରିବୁ। ଉତ୍ପାଦର ନୂତନ ସମ୍ଭାରରେ ଧଳା, କଲର ଓ ସ୍ପୋର୍ଟସ ଭେଷ୍ଟ୍ସ, ସେମି ଲଙ୍ଗ ଓ ଲଙ୍ଗ୍ ଡ୍ରୟାର୍ସ ଯାହାକି ପ୍ଲେନ୍ ଓ ବିଭିନ୍ନ ପ୍ରିଣ୍ଟରେ ଉପଲବ୍ଧ ରହିଛି। ଏହା ସହିତ ଇଣ୍ଟରଲକ୍ ଡ୍ରୟାର ଓ ବ୍ରିଫ୍‌ଓ ପ୍ଲେନ୍, ପ୍ରିଣ୍ଟ ଓ ଷ୍ଟ୍ରାଇପ୍ ପାଟର୍ନରେ ଉଭୟ ଡିଜାଇନରେ ଯଥା ଇନର ଓ ଆଉଟର ଇଲାଷ୍ଟିକରେ ଉପଲବ୍ଧ ରହିଛି। ଏହି ପୋଷାକଗୁଡ଼ିକ ବିଶେଷ ଭାବେ ପ୍ରିମିୟମ କଟନରେ ପ୍ରସ୍ତୁତ ଯାହାକି ପିନ୍ଧିବା ପାଇଁ ବହୁ ମାତ୍ରାରେ ଆରାମଦାୟକ ଓ ଏହା ଭାରତୀୟ ଜଳବାୟୁ ପାଇଁ ଉପଯୋଗୀ। ପ୍ରତି ଲକ୍ସ କୋଜି ଉତ୍ପାଦ ବିଶେଷକରି ଇନରୱେୟର ରେଞ୍ଜ ଆରାମ ଓ ଆକର୍ଷଣୀୟ ଷ୍ଟାଇଲ୍ ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି।

# ଫୁର୍‌ସତ୍

## ହ୍ୱାଇଟ୍ ହାଉସ୍‌ରେ ବାହାହେବେ ବାଇଡେନ୍‌ଙ୍କ ନାତୁଣୀ

ୱାଶିଂଟନ୍

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଶାସନକାଳ ମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ପ୍ରଥମ ବାହାଘର ଅନୁଷ୍ଠିତ ହେବାକୁ ଯାଉଛି। ରାଷ୍ଟ୍ରପତିଙ୍କ ନାତୁଣୀ ନାଓମି ବାଇଡେନ୍ ଆସନ୍ତା ଶନିବାର ପ୍ରେମିକ ନିଲ୍‌ଙ୍କ ହାତ ଧରିବାକୁ ଯାଉଛନ୍ତି। ହ୍ୱାଇଟ୍ ହାଉସ୍‌ର ସାଉଥ୍ ଲନ୍‌ରେ ବିବାହ ସମ୍ପନ୍ନ ହେବ ବୋଲି ଯୋଜନା ପ୍ରସ୍ତୁତ ହୋଇଛି। ହ୍ୱାଇଟ୍‌ହାଉସ୍ ଇତିହାସରେ ଏହା ୧୯ତମ ବାହାଘର। କୌଣସି ରାଷ୍ଟ୍ରପତିଙ୍କ ନାତୁଣୀ ବାହାହେବା ହେଉଛି ପ୍ରଥମ ଘଟଣା। ୨୮ ବର୍ଷୀୟା ନାଓମି ପେସାରେ ଜଣେ ଆଇନଜୀବୀ। ତାଙ୍କ ପ୍ରେମିକ ପିଟର ନିଲ୍ (୨୫) ନିକଟରେ ପେନ୍‌ସିଲଭାନିଆ ଲ' ୟୁନିଭର୍ସିଟିରୁ ସ୍ନାତକତ୍ୱ ହାସଲ କରିଛନ୍ତି। ୪ ବର୍ଷ ପୂର୍ବ ନାଓମି ଓ ନିଲ୍ ଜଣେ କମନ୍‌ଫ୍ରେଣ୍ଡଙ୍କ ଘରେ ଅନୁଷ୍ଠିତ ପାର୍ଟିରେ ପରସ୍ପରକୁ ଭେଟିଥିଲେ।


ପିଟର ନିଲ୍
ନାଓମି ବାଇଡେନ୍

ଦୁହେଁ ପ୍ରେମ ସମ୍ପର୍କରେ ଆସିବା ପରେ ୱାଶିଂଟନ୍‌ରେ ଏକାଠି ରହୁଛନ୍ତି। ନାତୁଣୀଙ୍କ ବାହାଘର ନେଇ ଫାଷ୍ଟଲେଡି ଜିଲ୍ ବାଇଡେନ୍ ଉତ୍ସାହିତ ଥିବା କହିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ହୋଇସାରିଥିବା ୧୮ ବାହାଘର ଭିତରୁ ୯ଟି ବାହାଘର ରାଷ୍ଟ୍ରପତିଙ୍କ ଝିଅମାନଙ୍କର। ୧୯୭୧ରେ ରିଚାର୍ଡ ନିକ୍ସନଙ୍କ ଝିଅଙ୍କ ବାହାଘର ହ୍ୱାଇଟ୍ ହାଉସ୍‌ରେ କରାଯାଇଥିଲା। ଏହା ପୂର୍ବରୁ ରାଷ୍ଟ୍ରପତି ଲିଣ୍ଡୋନ୍ ବି. ଜନ୍‌ସନ୍‌ଙ୍କ ଝିଅ ୧୯୬୭ରେ ନିଜ ଜୀବନସାଥୀଙ୍କ ହାତ ଧରିଥିଲେ। ସେହିପରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଗ୍ରୋଭର କ୍ଲେଭ୍‌ଲାଣ୍ଡ ନିଜେ ହ୍ୱାଇଟ୍ ହାଉସ୍‌ରେ ବିବାହ କରିଥିଲେ।

## ସାରାଙ୍କୁ ଡେଟ୍ କରୁଛନ୍ତି ଶୁଭମନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ଏବେ ତାଙ୍କ ରିଲେଶନସିପ୍‌କୁ ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସାରା କ୍ରିକେଟର ଶୁଭମନ୍ ଗିଲ୍‌ଙ୍କ ସହ ସମ୍ପର୍କକୁ ନେଇ ଅଗଷ୍ଟରୁ ଚର୍ଚ୍ଚା ହେଉଥିଲା। ତାଙ୍କୁ ଅନେକ ସମୟରେ ଶୁଭମନ୍‌ଙ୍କ ସହ ଏକାଠି ଦେଖିବାକୁ ମିଳିଥିଲା। ନିକଟରେ ଶୁଭମନ୍ ପଞ୍ଜାବି ଚାଟ୍ ଶୋ' 'ଦିଲ୍ ଦିୟାଁ ଗଲ୍ଲା'ରେ ପହଞ୍ଚି ଏପରି କିଛି ମନ୍ତବ୍ୟ ରଖିଛନ୍ତି, ଯାହା ସାରାଙ୍କ ସହ ତାଙ୍କର ସମ୍ପର୍କ ଥିବା ଦର୍ଶାଉଛି। ସେଠାରେ ଶୁଭମନ୍‌ଙ୍କୁ ହୋଷ୍ଟ ସୋନମ ବାଜୱା ପଚାରିଥିଲେ, ସେ ସାରାଙ୍କୁ ଡେଟ୍ କରୁଛନ୍ତି କି? ଏହାର ଉତ୍ତରରେ ସେ କହିଥିଲେ, ବୋଧ ହୁଏ ହଁ, ବୋଧ ହୁଏ ନାଁ। ଏଥିସହ ତାଙ୍କୁ ବଲିଉଡ୍‌ର ସବୁଠୁ ଫିଟ୍ ଅଭିନେତ୍ରୀ କିଏ ବୋଲି ପ୍ରଶ୍ନ କରାଯାଇଥିଲା। ସେ ଏହାର ଉତ୍ତରରେ ସାରାଙ୍କ ନାଁ କହିଥିଲେ। ଶୁଭମନ୍‌ଙ୍କ ଏହି ଉତ୍ତର ପରେ ଦୁହେଁ ଦୁହିଁଙ୍କୁ ଡେଟ୍ କରୁଥିବା ଜଣାପଡିଛି।



## ପ୍ରକୃତିର ଗନ୍ତାଘର 'ବାଲି'



**ଜାକର୍ତ୍ତା:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡୋନେସିଆ ଗସ୍ତରେ ଅଛନ୍ତି। ମଙ୍ଗଳବାର ବାଲିରେ ପହଞ୍ଚିବା ପରେ ବେଶ୍ ଆଡ଼ମ୍ବର ସହକାରେ ସେଠାକାର ଲୋକେ ମୋଦିଙ୍କୁ ସ୍ୱାଗତ କରିଥିଲେ। ବାଲିରେ ମୋଦି ୪୫ ଘଣ୍ଟା ରହିବେ। ମୁସଲମାନ ବହୁଳ ରାଷ୍ଟ୍ର ଇଣ୍ଡୋନେସାର 'ବାଲି' ବିଷୟରେ ପ୍ରତ୍ୟେକ ଦେଶର ଲୋକ ଜାଣନ୍ତି। ପ୍ରକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ସ୍ଥାନ ନିଜ ଅପରୂପ ସୌନ୍ଦର୍ଯ୍ୟରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ବହୁବର୍ଷ ପୁରୁଣା ଦେବଦେବୀଙ୍କ ମନ୍ଦିର ସାଙ୍ଗକୁ ବହୁ ଐତିହ୍ୟ ଏଠାରେ ରହିଛି। ଖାଲି ପରିବାର ନୁହେଁ ନ୍ୟୁ ମ୍ୟାରେଡ୍ କପୁଲଙ୍କ ପାଇଁ ମଧ୍ୟ ଏହି ସ୍ଥାନ ଖୁବ୍ ପସନ୍ଦଯୋଗ୍ୟ। ଦେଶ, ବିଦେଶରୁ ପ୍ରତିବର୍ଷ କୋଟି କୋଟି ଲୋକ ଏଠାକୁ ବୁଲିବାକୁ ଆସିଥାନ୍ତି। ବାଲି ସମୁଦ୍ରର କାଚକେନ୍ଦୁ ଭଳି ପାଣି ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳେ ନାହିଁ। ୧୭,୦୦୦ ଦ୍ୱୀପ ଇଣ୍ଡୋନେସିଆରେ ରହିଛି। କିନ୍ତୁ ବାଲିର ସ୍ୱତନ୍ତ୍ରତା ଭିନ୍ନ। ଏଠାରେ ଏକାଧିକ ସମୁଦ୍ର କୂଳ ଥିବାବେଳେ ପ୍ରତ୍ୟେକ ବିଚ୍ ଅନ୍ୟଠାରୁ ବହୁ ଗୁଣରେ ଭିନ୍ନ।

### ଆଧ୍ୟାତ୍ମିକବାଦୀ ଓ ସରଳ ବିଶ୍ୱାସୀ ଲୋକ

ଇଣ୍ଡୋନେସିଆର ନାଗରିକ ଠାକୁରଙ୍କୁ ମାନୁଥିବାବେଳେ ସେମାନେ ଅତି ସରଳ ସ୍ୱଭାବର ହୋଇଥାନ୍ତି। ସେମାନେ ପ୍ରତ୍ୟେକ ଦିନ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି। ପ୍ରତ୍ୟେକଙ୍କ ଘରେ ଭଗବାନଙ୍କ ପାଇଁ ଛୋଟ ମନ୍ଦିର ସଦୃଶ ପ୍ରକୋଷ୍ଠ ରହିଥାଏ। ବାଲିର ଥିବା ମନ୍ଦିରଗୁଡ଼ିକର ଅନେକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ରହିଛି। ବାଳିର ଖାଦ୍ୟପେୟ ପ୍ରତ୍ୟକଙ୍କ ପସନ୍ଦ।

### ରୁପିଆରେ ଗଣେଶଙ୍କ ଚିତ୍ର

ଇଣ୍ଡୋନେସିଆରେ ୮୫% ଲୋକେ ମୁସଲମାନ ଥିବାବେଳେ ୨% ଲୋକ ହିନ୍ଦୁ। ଇଣ୍ଡୋନେସିଆର ୨୦ ହଜର ଟଙ୍କିଆ ରୁପିଆ ନୋଟ୍‌ରେ ଗଣେଷ ଠାକୁରଙ୍କ ଫଟୋ ଦେଖିବାକୁ ମିଳିଛି। ୨୦୦୮ରୁ ଏହି ନୋଟ୍ ପ୍ରଚଳନ ବନ୍ଦ କରିଦିଆଯାଇଛି। କିଛି ବର୍ଷ ଅନ୍ତରାୟରେ ଇଣ୍ଡୋନେସିଆର କରେନ୍ସିରେ ପରବର୍ତ୍ତନ କରାଯାଏ।

## ଗୀତ ଶୁଣି ନାଚନ୍ତି ମୂଷା



**ଟୋକ୍‌ୟୋ:** ସଙ୍ଗୀତ ଜୀବନକୁ ମଧୁର କରିବା ସହିତ ଲୋକଙ୍କ ଜୀବନରେ ସଙ୍ଗୀତର ମୂଲ୍ୟ ଅନେକ। କେତେଜଣ ସଙ୍ଗୀତ ଶୁଣିବା କ୍ଷଣି ଆରମ୍ଭ କରିଥାଏ। ତେବେ ମଣିଷଙ୍କ ବ୍ୟତୀତ ମୂଷାମାନେ ମଧ୍ୟ ସଙ୍ଗୀତ ପ୍ରତି ଆକର୍ଷିତ ହୁଅନ୍ତି ବୋଲି ଏକ ରିପୋର୍ଟ ଜଣାପଡିଛି। ଟୋକିୟା ୟୁନିଭର୍ସିଟିର ରିସର୍ଚ୍ଚରୁ ଏପରି ପରି ତଥ୍ୟ ମିଳିଛି। ସେମାନେ ଏଥିପାଇଁ ୧୦ଟି ମୂଷାକୁ ନେଇ ପରୀକ୍ଷା କରିଥିଲେ। ୧୦ ମୂଷାକୁ ଅଲଗା ଅଲଗା ଟେମ୍ପୋ ରଖି ଆମେରିକାର ଜଣେ ସଙ୍ଗୀତ ବଜାଳି ୫ ଟି ଗୀତ ବଜାଇଥିଲେ। ସେଥିରେ ମୂଷାମାନେ ପ୍ରତି ୧ ମିନିଟ୍‌ରେ ୧୨୦ରୁ ୧୪୦ ଥର ମୁଣ୍ଡ ହଲାଇବା ସହ କିଛି ତାଙ୍କ ଗତିବିଧି ଜଣାପଡିଥିଲା। ସାଇନ୍ସ ଆଡ୍‌ଭାନ୍ସସେସ୍ ନାମକ ଏକ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ, ରିସର୍ଚ୍ଚ ସମୟରେ ମୂଷାଙ୍କ ଗତିବିଧି ମାପିବା ପାଇଁ ତାଙ୍କ ମୁଣ୍ଡରେ ଏସିଲିରୋମିଟର ବ୍ୟବହାର କରାଯାଇଥିଲା। ୟୁନିଭର୍ସିଟିର ପ୍ରଫେସର ହିରୋକାଜୁ ତାକାହାସି କହିଛନ୍ତି, ମଣିଷଙ୍କ ଭଳି ମୂଷାମାନେ ମଧ୍ୟ ଗୀତର ଧୁନରେ ଆକର୍ଷିତ ହୋଇଥାନ୍ତି।

**ନିର୍ବାଚନୀ ଖର୍ଚ୍ଚ ତଦାରଖ ଉପରେ ଧ୍ୟାନଦେବାକୁ ସିଇଓଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, (ବ୍ୟୁରୋ): ପଦ୍ମପୁର ଉପନିର୍ବାଚନର ଯାବତୀୟ ନିର୍ବାଚନୀ ଖର୍ଚ୍ଚର ତଦାରଖ କରିବା ଲାଗି ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନୋଡାଲ ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ପ୍ରବୀଣ କୁମାର, ନିର୍ବାଚନୀ ବ୍ୟୟ ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ଏସ୍. ଦେବଦତ୍ତ ସିଂହ, ନିର୍ବାଚନୀ ଖର୍ଚ୍ଚ ତଦାରଖ ନିମନ୍ତେ ଆୟକର ବିଭାଗ ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ଲଳିତା କୁମାରୀ ଓ ନିର୍ବାଚନୀ ଖର୍ଚ୍ଚ ତଦାରଖ ପାଇଁ ଅବକାରୀ ବିଭାଗର ରାଜ୍ୟ ନୋଡାଲ ଅଧିକାରୀଙ୍କ ତରଫରୁ ଭାରପ୍ରାପ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟା ଯୋଗଦେଇଛନ୍ତି।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ମଙ୍ଗଳବାର ମହାରାଷ୍ଟ୍ରର ହିଙ୍ଗୋଲି ଜିଲାରେ ସମର୍ଥକଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ଗୋଡ଼ ତଳେ ପଡ଼ି ମାଗିବି କି

## ଜିଏସ୍‌ଟି ପାଉଣା: ମୋଦିଙ୍କୁ ମମତାଙ୍କ କଟାକ୍ଷ

କୋଲକାତା,୧୫।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଭାଜପା ସରକାର ପଶ୍ଚିମବଙ୍ଗକୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦ ବକେୟା ଅର୍ଥ ଦେଉନାହାନ୍ତି। କେବଳ ଏତିକି ନୁହେଁ, ରାଜ୍ୟକୁ ଅନେକ କେନ୍ଦ୍ରୀୟ ଯୋଜନାର ପାଣ୍ଠି ମିଳୁନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ବକେୟା ଅର୍ଥ ପାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଗୋଡ଼ ତଳେ ପଡ଼ିବି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଝାରଗ୍ରାମରେ ଆଦିବାସୀମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମମତା କହିଥିଲେ, କେନ୍ଦ୍ର ୧୦୦ ଦିନର କର୍ମନିଯୁକ୍ତି ସୁନିଶ୍ଚିତ



କରୁଥିବା ଯୋଜନାର ପାଣ୍ଠି ଦେବାକୁ ବାଧ୍ୟ। ବର୍ଷକ ପୂର୍ବେ ସେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଏହି ବିଷୟରେ ଅବଗତ କରାଇଥିଲେ। ତଥାପି ଅର୍ଥ ମିଳିନାହିଁ। ତେଣୁ ସେ ମୋଦିଙ୍କ ଗୋଡ଼ ତଳେ ପଡ଼ି ମାଗିବେ କି ବୋଲି କଟାକ୍ଷ କରିଛନ୍ତି। ଭାଜପାକୁ ଟାର୍ଗେଟ କରି ମମତା ଆହୁରି କହିଛନ୍ତି, ଆମେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବସବାସ କରୁଛେ ନା ଭାରତ ଏକ 'ୱାନ୍-ପାର୍ଟି କଣ୍ଟ୍ରି' (ଗୋଟିଏ ଦଳ ଦ୍ୱାରା ପରିଚାଳିତ ଦେଶ)ରେ ପରିଣତ ହୋଇଗଲାଣି। ଆମକୁ ଆମର ପ୍ରାପ୍ୟ ଦିଆଯାଉ। ଏହା ହେଉଛି ଆମ ଟଙ୍କା। ଯଦି ଦେଇପାରୁ ନାହାନ୍ତି ତେବେ ଜିଏସ୍‌ଟି ଉଚ୍ଛେଦ କରନ୍ତୁ ବୋଲି ମମତା ଦାବି କରିଛନ୍ତି।

## 'କଂଗ୍ରେସ କ୍ଷମତାକୁ ଆସିଲେ କେନ୍ଦୁଝରରେ ଇସ୍ପାତ କାରଖାନା ହେବ'

କେନ୍ଦୁଝର,୧୫।୧୧(ଡି.ଏନ୍.ଏ/ସ୍ୱ.ପ୍ର)

କ୍ରମାଗତ ଭାବେ ଶାସନରେ ଥିବା ସରକାର କେନ୍ଦୁଝର ଜିଲାକୁ ଅବହେଳା କରି ଆସୁଛନ୍ତି। ସ୍ଥାନୀୟ ବେକାର ଯୁବତୀ, ଯୁବକଙ୍କ ନିକଟରେ ନିଯୁକ୍ତି ନାହିଁ। ଓଡ଼ିଶାର ବିକାଶ ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ। କଂଗ୍ରେସ କ୍ଷମତାକୁ ଆସିଲେ କେନ୍ଦୁଝରଠାରେ ଏକ ବୃହତ ଇସ୍ପାତ କାରଖାନା ପ୍ରତିଷ୍ଠା ହେବ। ଭାରତ ଯୋଡ଼ୋ ଯାତ୍ରା କେନ୍ଦୁଝରରେ ପହଞ୍ଚିବା ପରେ ମଙ୍ଗଳବାର ସ୍ଥାନୀୟ ତୈଳିକ ସମାଜ ମଣ୍ଡପରେ ଆୟୋଜିତ ଗଣମାଧ୍ୟମ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ସଭାପତି ଶରତ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

କେନ୍ଦୁଝରରେ ଯାତ୍ରା ପହଞ୍ଚିବା ପରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ନେଇ ଭାରତ ଯୋଡ଼ୋ ପଦଯାତ୍ରା ସହର ପରିକ୍ରମା କରିଥିଲା। ଦେଶରେ ଦେଖା ଦେଇଥିବା ଦୁର୍ନୀତି, ଭ୍ରଷ୍ଟାଚାର, ବେକାରୀ, ଦରଦାମ ବୃଦ୍ଧି, ଭୁଶୁଡ଼ି ପଡ଼ିଥିବା ଅର୍ଥନୀତି ଓ ସର୍ବୋପରି ଗଣତନ୍ତ୍ର ଓ ସାମ୍ବିଧାନିକ ଅନୁଷ୍ଠାନମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଯାତ୍ରା ବୋଲି କଂଗ୍ରେସ ନେତାମାନେ କହିଥିଲେ। ପଦଯାତ୍ରାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ଭୂଜବଳ ମାଝୀ, ପିସିସିର ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା, ନବଜ୍ୟୋତି ପଟ୍ଟନାୟକ, ମହିଳା କଂଗ୍ରେସର ରାଜ୍ୟ ସଭାନେତ୍ରୀ ବନ୍ଦିତା ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ଜିଲା ସଂଯୋଜକ ଉତ୍ତମ ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂ, ଯୁବ କଂଗ୍ରେସ ସଭାପତି ସୁନେଶ ଧିର, ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜଙ୍କ ସମେତ ପ୍ରଦେଶ କଂଗ୍ରେସର ବହୁ ନେତା ଓ ନେତ୍ରୀ ଯୋଗ ଦେଇଥିଲେ।



ପଦଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ କଂଗ୍ରେସ କର୍ମକର୍ତ୍ତା।

## ଚାଷୀଙ୍କ ସମସ୍ୟା ସମାଧାନ ନ ହେବା ଯାଏଁ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ମୁଣ୍ଡ ଉପରେ ପଦ୍ମପୁର ଉପନିର୍ବାଚନ ଥିବାବେଳେ ଏଠାରେ ବାଜିମାତ୍ କରିବାକୁ ବିଜେଡି ଏବଂ ଭାଜପା ଚାଷୀ ପ୍ରସଙ୍ଗକୁ ଢାଲ କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀ ପାଇ ନ ଥିବା ବୀମା ରାଶିକୁ ନେଇ ଉଭୟ ଦଳ ପରସ୍ପର ବିରୋଧରେ ଦୋଷ ଦେବାରେ ଲାଗିଛନ୍ତି। ଭାଜପା ଏନେଇ ବିଜେଡିକୁ ଦୋଷ ଦେଉଥିବା ବେଳେ ବିଜେଡି ଏହାକୁ ନାଟକବାଜି ବୋଲି କହିଛି। ପଦ୍ମପୁରରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଭାଜପା ରାଜ୍ୟରେ ଚାଷୀଙ୍କ ହକ୍ ପାଇଁ ସବୁବେଳେ ରାଜନୈତିକ ଲଢ଼େଇ କରିଆସିଛି। ରାଜ୍ୟ ସରକାର ଚାଷୀଙ୍କ ସମସ୍ୟା ବିଷୟରେ ଆଦୌ କର୍ଣ୍ଣପାତ କରନ୍ତିନାହିଁ। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା, ଇନ୍‌ପୁଟ୍ ସବ୍‌ସିଡିରୁ ଚାଷୀ ବଞ୍ଚିତ ହେବା, ଫସଲବୀମାରେ ଚାଷୀ କ୍ଷତିପୂରଣ ନ ପାଇବା, ଅଭାବୀ ବିକ୍ରିରୁ ନେଇ ଜଳସେଚନର ଅଭାବ ଏସବୁ ପାଇଁ ରାଜ୍ୟ ସରକାର ଦାୟୀ। ରାଜ୍ୟ ସରକାରଙ୍କ ଏହି ଚାଷୀମାରଣ ନୀତି ବିରୋଧରେ ଭାଜପା ବ୍ୟାପକ ଜନ ଆନ୍ଦୋଳନ କରିବ ବୋଲି ଭାଜପା ରାଜ୍ୟ ସଭାପତି ସମୀର କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର କ୍ରିୟାନ୍ୱୟନ ରାଜ୍ୟ ସରକାରଙ୍କ ହାତରେ ନ୍ୟସ୍ତ ରହିଛି। ରାଜ୍ୟ ସରକାର ବୀମା କମ୍ପାନୀ ନିଯୁକ୍ତି କରନ୍ତି। କାହିଁକି ୬ଟି ସରକାରୀ ବୀମା କମ୍ପାନୀ ଥାଇ ମଧ୍ୟ ରାଜ୍ୟ ସରକାର ଏଚ୍‌ଡିଏଫ୍‌ସିକୁ ନିଯୁକ୍ତି କରିଥିଲେ। ସେହିପରି ୨୦୧୭ରେ ଗଙ୍ଗାଧର ମେହେର ଲିଫ୍ଟ ଇରିଗେଶନ ପ୍ରକଳ୍ପ ବିଷୟରେ ଘୋଷଣା କରାଯାଇଥିଲା। କିନ୍ତୁ ଏହି ପ୍ରକଳ୍ପକୁ ୫ ବର୍ଷ ବିତିସାରିଥିଲେ ମଧ୍ୟ ଏଯାଏଁ ପ୍ରକଳ୍ପ କାମ ସରିଲା ନାହିଁ। ସେହିପରି ୨୦୧୬ରେ ମୁଖ୍ୟମନ୍ତ୍ରୀ ସୋହେଲାଠାରେ ଆୟୋଜିତ ଏକ ଜନସଭାରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଦେବାର ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟକାରୀ ନ କରି ଚାଷୀଙ୍କୁ ପ୍ରତାରଣା କରିଛନ୍ତି। ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ଚାଷୀମାନଙ୍କ ସମସ୍ୟାର ସମାଧାନ କରିନାହାନ୍ତି ଭାଜପା ଚୁପ୍ ବସିବ ନାହିଁ ବୋଲି ସମୀର କହିଛନ୍ତି।

### ଭାଜପାର ଏହା ନାଟକବାଜି: ବିଜେଡି

ଓଡ଼ିଶା ଚାଷୀଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟବାସୀ ଭାଜପାର ନାଟକବାଜି, ମିଥ୍ୟା ପ୍ରଚାର ଏବଂ ନକଲି କାରବାରକୁ ଦେଖୁଥିବା ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି । ଭାଜପା ଖବରଦାତା ସମ୍ମିଳନୀରେ ଆଣିଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଶ୍ରୀମୟୀ କହିଛନ୍ତି, ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦ୍ମପୁରରେ ତାଙ୍କ ଅଭିଭାଷଣରେ ଅଭିଯୋଗ କରିଥିଲେ ଯେ ଓଡ଼ିଶା ସରକାର କାହିଁକି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀରେ ଏଚ୍‌ଡିଏଫ୍‌ସିକୁ ମନୋନୀତ କରିଛନ୍ତି। ବୋଧହୁଏ ସେ ଜାଣିନାହାନ୍ତି ଯେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, କର୍ନାଟକ, ଆସାମ, ତ୍ରିପୁରା ଏବଂ ମହାରାଷ୍ଟ୍ର ଭଳି ଭାଜପା ଶାସିତ ରାଜ୍ୟ ମଧ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ଏକ କାର୍ଯ୍ୟକାରୀ କମ୍ପାନୀ ଭାବେ ଏଚ୍‌ଡିଏଫ୍‌ସିକୁ ବାଛିଛନ୍ତି । ଏହି ଭାଜପା ଶାସିତ ରାଜ୍ୟଗୁଡିକ ମଧ୍ୟ ଅନ୍ୟାୟ କରିଥିବା ସେ କହିବାକୁ ଚାହୁଁଛନ୍ତି କି ବୋଲି ଶ୍ରୀମୟୀ ପ୍ରଶ୍ନ କରିଛନ୍ତି । ଓଡ଼ିଶାର ଲୋକମାନେ ସତ କ'ଣ ଜାଣିବାକୁ ଚାହାନ୍ତି । ପିଏମ୍‌ଏଫ୍‌ବିୱାଇ ପାଇଁ ବୀମା ଏଜେନ୍ସିଗୁଡ଼ିକ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ଟେଣ୍ଡର ଜରିଆରେ ମନୋନୀତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ହୋଇଛନ୍ତି । ଚାଷୀ ପ୍ରସଙ୍ଗରେ ଭାଜପା ଦ୍ୱାରା ପ୍ରଦର୍ଶିତ ହେଉଥିବା ନାଟକବାଜି ଏବଂ ମିଥ୍ୟାକୁ ଓଡ଼ିଶାର ଲୋକମାନେ ପସନ୍ଦ କରନ୍ତି ନାହିଁ ଏବଂ ଏଥିପାଇଁ ସେମାନଙ୍କୁ ଉପଯୁକ୍ତ ଜବାବ ଦେବେ ବୋଲି ଶ୍ରୀମୟୀ କହିଛନ୍ତି ।

## ଫସଲ ବୀମା ବିଫଳତା ପାଇଁ ଭାଜପା ଦାୟୀ: ବିଜେଡି

- **ବରଗଡ଼ ଗାନ୍ଧୀଛକରେ ଚାଷୀଙ୍କୁ ନେଇ ଧାରଣା**
- **ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ**

ବରଗଡ଼ ଅଫିସ, ୧୫।୧୧

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବାଟବଣା ହୋଇପଡିଛି। ବୀମା ପ୍ରିମିୟମ ରାଶି ଜମା କରିବା ସତ୍ତ୍ୱେ ବରଗଡ଼ ଜିଲାର ଅନେକ କ୍ଷତିଗ୍ରସ୍ତ ଚାଷୀ ଏଯାଏ ବୀମା ସହାୟତା ପାଇନାହାନ୍ତି। ଏହାକୁ ନେଇ ପଦ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ଚାଷୀଙ୍କ ଧାରଣା ଜାରି ରହିଛି। ଏହା ଏବେ ସବୁ ଦଳ ପାଇଁ ଉପନିର୍ବାଚନରେ ଏକ ପ୍ରସଙ୍ଗ ପାଲଟିଛି। ଏହାକୁ ପ୍ରମୁଖ ପ୍ରସଙ୍ଗ ରଖିବା ସହିତ ପରସ୍ପର ଦୋଷାରୋପ କରି ସବୁଦଳ ନିର୍ବାଚନ ବୈତରଣୀ ପାରି ହେବାକୁ ଉଦ୍ୟମ କରୁଛନ୍ତି। ଏହି କ୍ରମରେ କେନ୍ଦ୍ରରେ ଶାସନରେ ଥିବା ଭାଜପା ଏବଂ ରାଜ୍ୟ ଶାସନରେ ରହିଥିବା ବିଜେଡି ଫସଲବୀମା ବିଫଳତାରେ ପରସ୍ପର ଦୋଷ ଲଦାଲଦି ହେଉଛନ୍ତି। ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାରରେ ଆସି ଏଥିପାଇଁ ବିଜେଡିକୁ ଦାୟୀ କରିଥିଲେ। ଏହାପରେ ବିଜେଡି ବୀମା ବିଫଳତା ପାଇଁ ସିଧାସଳଖ କେନ୍ଦ୍ରର ଭାଜପା ସରକାରକୁ ଦାୟୀ କରିଛି।

ଏହି ପରିପ୍ରେକ୍ଷୀରେ ଫସଲବୀମା ସହାୟତା ପ୍ରଦାନରେ କେନ୍ଦ୍ରର ଅପାରଗତା ପ୍ରତିବାଦରେ ମଙ୍ଗଳବାର ବରଗଡ଼ ଗାନ୍ଧୀଛକରେ ଚାଷୀଙ୍କୁ ନେଇ ବିଜେଡି ପକ୍ଷରୁ ଧାରଣା ଦିଆଯାଇଥିଲା। ଦଳର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ଚାଷୀନେତା କିଶୋର ଦେବତା ପ୍ରମୁଖ ଉଦ୍‌ବୋଧନ ଦେଇ ବୀମା ବିଫଳତା ପାଇଁ କେନ୍ଦ୍ରର ଭାଜପା ସରକାରକୁ ଦାୟୀ କରିଥିଲେ ଏବଂ ଚାଷୀଙ୍କୁ ଭୁଆଁ ବୁଲାଇବା ପାଇଁ ଭାଜପା କୁମ୍ଭୀର କାନ୍ଦଣା କରୁଛି ବୋଲି କହିଥିଲେ। ଫସଲ ବୀମା ଯୋଜନାର ବିଫଳତାକୁ ଲୁଚାଇବାର ଅପଚେଷ୍ଟା କରି ଭାଜପା ଖସିଯିବା ପାଇଁ ଉଦ୍ୟମ କରୁଛି। ବୀମାରେ ବିଫଳତା ପାଇଁ କିଏ ଦାୟୀ, ତାହା ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ନାମକରଣରୁ ହିଁ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ବିଜେଡି ନେତୃବୃନ୍ଦ କହିଥିଲେ। ଏହି ଯୋଜନାଟି କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ରହିଛି। କିନ୍ତୁ ଯୋଜନା ବିଫଳ ହେବା ପରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ମୁଣ୍ଡ ଉପରେ ଦୋଷ ଲଦି ଦେଇ ଖସିଯିବାର ହୀନ ଉଦ୍ୟମ କରୁଛନ୍ତି ଏବଂ ଚାଷୀମାନେ ତାହା ଭଲଭାବେ ହୃଦୟଙ୍ଗମ କରିସାରିଲେଣି। କେନ୍ଦ୍ରର ଭାଜପା ସରକାର ଦେଶର କିଛି ଘରୋଇ କମ୍ପାନୀକୁ ଫସଲବୀମା ଯୋଜନାର ଦାୟିତ୍ୱ ପ୍ରଦାନ କରି କୃଷି ଓ କୃଷକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଉଭୟ ମୌଖିକ ଏବଂ ଲିଖିତ ଭାବେ ଜଣାଇବା ସତ୍ତ୍ୱେ ବୀମା ପ୍ରଦାନରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ଏଥିରେ ହସ୍ତକ୍ଷେପ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଯେଭଳି ସେମାନଙ୍କ ପ୍ରାପ୍ୟ ବୀମା ସହାୟତା ରାଶି ମିଳିବ, ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ବିଜେଡି ନେତାମାନେ କହିଥିଲେ। ଏହାପରେ ବିଜେଡି ନେତୃବୃନ୍ଦ ଜିଲାପାଳଙ୍କ ଅଫିସକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ବହୁ ଚାଷୀ ପ୍ରତିନିଧି ଏବଂ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ମରୁଡ଼ି ସହାୟତା ଘୋଷଣା ପ୍ରଚାର ସର୍ବସ୍ୱ: ଜୟନାରାୟଣ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ସମୟରେ ମଙ୍ଗଳବାର ତରବରିଆ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସବ୍‌ସିଡି ଘୋଷଣା କରିଛନ୍ତି, ଏହା ପ୍ରଚାର ସର୍ବସ୍ୱ। ସରକାରଙ୍କ ଦିନରେ ଲଣ୍ଠନ ଦେଖାଇବା ସଦୃଶ ବୋଲି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର କହିଛନ୍ତି। ଜୟନାରାୟଣ ଟୁଇଟ୍ କରି କହିଛନ୍ତି, ସୋମବାର ବରଗଡ଼ ଜିଲା ପଦ୍ମପୁରଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଦୋଳନରତ ଚାଷୀଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନାକରି ଦିଲ୍ଲୀ ଫେରିଯାଇଥିଲେ। ସେ ମଙ୍ଗଳବାର କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମରଙ୍କୁ ଭେଟି ପଦ୍ମପୁର ସହିତ ଓଡ଼ିଶାର ଚାଷୀଙ୍କ ଫସଲ ବୀମା ଓ ଚାଷୀମାନଙ୍କ ସମସ୍ୟା ବିଷୟରେ ଅବଗତ କରାଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ କୃଷିମନ୍ତ୍ରୀ ଓଡ଼ିଶାର ଚାଷୀଙ୍କ ପ୍ରତି ପ୍ରତିବଦ୍ଧତା କଥା ଦର୍ଶାଇଛନ୍ତି, ଯାହାକି ମୁଖ୍ୟମନ୍ତ୍ରୀଙ୍କୁ ବିଚଳିତ କରିଥିଲା। ତରବରିଆ ଭାବେ ସରକାର ଇନ୍‌ପୁଟ୍ ସବ୍‌ସିଡି ଘୋଷଣା କରିଛନ୍ତି, ଯାହା ପ୍ରଚାର ସର୍ବସ୍ୱ। ସରକାର ଆଉ ଏକ ମିଛ ପ୍ରହେଳିକାର ପୁନରାବୃତ୍ତି କରିବା ଭଳି ମନେହେଉଛି ବୋଲି ସେ କହିଛନ୍ତି।

**NOTICE FOR ONLINE SPOT COUNSELING OF OUTR AGAINST VACANT SEATS IN B. Tech. / B. Arch./ B. Plan. / Int. M.Sc. COURSE**

**No: 3631/OUTR** **Date: 14.11.2022**

**No.KK-242:** Spot counseling of OUTR for the admission into 1st year B.Tech, B.Plan, B.Arch. & Int. M.Sc. courses for the Academic Year 2022-23 for both the unallotted seats as notified by OJEE and the non-reported seats after the final allotment. Interested candidates are advised to visit the website of OUTR i.e. www.cet.edu.in for detailed information regarding the admission process, schedules, vacant seat matrix, etc. and participate accordingly.

**Sd./- Officer on Special Duty**
**OUTR, Bhubaneswar**
**OIPR-16005/11/0045/2223**

No. C-1568

**OFFICE OF THE MUNICIPAL COUNCIL, BHAWANIPATNA**

**Tender Call Notice**

**No. 4521/BPM** **Date: 11.11.2022**

1. Executive Officer, Bhawanipatna Municipality, Kalahandi invites sealed Tenders from the intending reputed Suppliers/Dealers for supply of material in annexure-I for Bhawanipatna Municipality.
2. Tender papers required for the tender can be obtained from the website http:/www.kalahandi.nic.in.
3. The Tender Paper form must be submitted with the cost of tender paper for an amount of Rs.6000/- (Rupees Six Thousand) and EMD for an amount of Rs. 10,000/- (Rupees Ten Thousand) only through Demand Draft in favour of Executive Officer, Bhawanipatna Municipality payable at Bhawanipatna.
4. The tender shall reach the Office of the Executive Officer, Bhawanipatna Municipality, Kalahandi by Registered post / Speed post only on or before 23.11.2022 at 04:00 PM. The tender received beyond the date and time mentioned above shall not be taken into consideration.
5. Tender paper must be accompanied with the cost of tender paper, EMD and other relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.
6. The sealed tenders will be opened on 25.11.2022 at 11.00 AM by the undersigned in this Office in presence of the tenderers or their authorized representatives and members of the District level purchase Committee constituted for the purpose.
7. The undersigned reserves the right to cancel or reject any or all the tenders without assigning any reason thereof.
8. The detail of this tender is available in the Notice Board/ District Website **http://www.kalahandi.nic.in**.

OIPR-13100/11/0022/2223
**Sd./- Executive Officer,**
**Bhawanipatna Municipality**

Govt. of Odisha

**Government of Odisha**
**"e" Procurement Notice**
**Bid Identification No.PWDK-23/2022-23**
**No.B-822:** **No.G2/8838, Dt. 03.11.2022**
**e-mail: eepwdkeonjhar@yahoo.com**

| | | | |
|---|---|---|---|
| 1 | No. of the work | :- | 03 Nos. Building Work |
| 2 | Estimated cost | :- | From Rs.20.90 Lakh to Rs.78.60 Lakh |
| 3 | Period of completion | :- | 6 (Six) Calendar Months |
| 4 | Date and Time of availability of Bid document in the portal | :- | From 10.00 Hrs of 15.11.2022 to 17.00 Hrs of 24.11.2022 |
| 5 | Last date / Time for receipt of bids in the portal | :- | 17.00 Hrs of 24.11.2022 |
| 6 | Date of opening of Bid from Portal | :- | 11.30 Hrs of 25.11.2022 |
| 7 | Name and address of the Officer inviting Bid | :- | Superintending Engineer Keonjhar (R&B) Division, Keonjhar |

Further details can be seen from the e-procurement portal **"http://tendersodisha.gov.in"**.

**Sd./- S.K. Behera**
**Superintending Engineer,**
**Keonjhar (R&B) Division**
**OIPR-34004/11/0008/2223**

**NOTICE REGARDING SPOT ADMISSION AGAINST VACANT SEATS IN B. Tech./ B.Arch./ B. Plan./ Int. M.Sc. COURSE IN DIFFERENT GOVERNMENT TECHNICAL UNIVERSITIES / COLLEGES/ INSTITUTES OF ODISHA**

**No: 3632/OUTR** **Date: 14.11.2022**

**No.KK-241:** This is for the information of all concerned that Spot Admission against vacant seats in **B.Tech./ B.Arch./ B.Plan./ Int.M.Sc. Course in the following Government Technical Universities / Colleges/ Institutes will be conducted by the respective institutes during 15.11.2022 to 20.11.2022.**

1. Odisha University of Technology and Research(OUTR), (formerly, known as CET), Bhubaneswar
2. Veer Surendra Sai University of Technology (VSSUT), Burla
3. Centre for Advanced PG Studies (CAPGS), BPUT, Rourkela, Odisha.
4. Indira Gandhi Institute of Technology (IGIT), Sarang
5. Parala Maharaja Engineering College (PMEC), Berhampur
6. Govt. College of Engineering (GCE), Keonjhar
7. Govt. College of Engineering (GCE), Kalahandi, Bhawanipatna

Interested candidates are advised to visit the websites of the concerned institutes and OJEE website i.e. ojee.nic.in for detailed information regarding the admission process, schedules, vacant seat matrix, etc. and participate accordingly.

**Sd./- Officer on Special Duty**
**OUTR, Bhubaneswar**
**OIPR-16005/11/0043/2223**

**GOVERNMENT OF ODISHA**
**"e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER KHORDHA (R&B) CIRCLE, KHORDHA**
**WORKS DEPARTMENT**
**Tender Call Notice**
**E-mail: rbcirclekhurda@gmail.com**
**Bid Identification No. CCE-Khordha (R&B) Circle-19/2022-23**
**Memo No.2191, Dt.11.11.2022**

**No.B-820:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building work as detailed in the table below:

| | | | |
|---|---|---|---|
| 1. | Nature of Work | : | Building Work |
| 2. | No. of Work | : | 1 No. |
| 3. | Tender Cost | : | Rs.10000.00 (On-Line) |
| 4. | Class of Contractor | : | B Class & A Class |
| 5. | Available of Bid document in the Website | : | From 10.00 AM of Dt.17.11.2022 upto 05.00 P.M. of Dt.28.11.2022 upto 5.00 P.M. |
| 6. | Date of opening of Bid | : | Dt.29.11.2022 at 11.30 AM |

7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum / Cancellation of tender can also be seen in the said website.

**Sd./- Chief Construction Engineer**
**Khordha (R&B) Circle, Khordha**
**OIPR-34127/11/0028/2223**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI**
**Phone:06842-254004, Email: sernbphulbani@gmail.com**
**INVITATION FOR BIDS (IFB)**
**Bid Identification No. CCE_R and B_PLB_07 of 2022_23**
**No.B-826:** **No.1839, Dated 11.11.2022**

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building, Road & Bridge works as detailed in the table below from eligible contractors. | | |
| 2 | Nature of Work | : | Building, Road & Bridge Works |
| 3 | No. of tenders | : | Four Nos. |
| 4 | Tender Cost | : | Rs.10,000/- (through online) only |
| 5 | Class of Contractor | : | B Class, A Class & Special Class |
| 6 | Date & Time of sale & receipt of bids | : | 10.00 AM of 21.11.2022 to 5.00 PM of 06.12.2022 |
| 7 | Date of Opening of Bid | : | 11.00 AM of 07.12.2022 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Chief Construction Engineer**
**Phulbani (R&B) Circle, Phulbani**
**OIPR-34129/11/0011/2223**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: .............................


ବାପୁନ୍
ପରିବାରବର୍ଗ


ଆୟାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# 'ଲଭ୍ ରିପଲ୍ସ'ର ପ୍ରଥମ କପି ରାଷ୍ଟ୍ରପତିଙ୍କୁ ପ୍ରଦାନ



## ରାଧା-କୃଷ୍ଣଙ୍କ ପ୍ରେମ ଉପରେ ଆଧାରିତ କବିତା ସଂକଳନ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ରାଧା-କୃଷ୍ଣଙ୍କ ପ୍ରେମ ଉପରେ ଆଧାରିତ ଇଂଲିଶ କବିତା ସଂକଳନ ପୁସ୍ତକ 'ଲଭ୍ ରିପଲ୍ସ'ର ପ୍ରଥମ କପିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରାଯାଇଛି। ଗତ ୧୦ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ଏହି ପୁସ୍ତକକୁ ଗ୍ରହଣ କରିବା ସହିତ କବିଙ୍କୁ ଅଭିନନ୍ଦନ ଜଣାଇଥିଲେ। 'ଲଭ୍ ରିପଲ୍ସ' ପୁସ୍ତକର ମୂଳ ରଚୟିତା ହେଉଛନ୍ତି ଆଧ୍ୟାତ୍ମବାଦୀ ଲେଖକ ତଥା କବି ଡ. ପ୍ରଦୀପ କୁମାର ଚୌଧୁରୀ। ସେ 'ପ୍ରେମ ତରଙ୍ଗ' ନାମରେ ଏହି କବିତା ପୁସ୍ତକକୁ ଓଡ଼ିଆରେ ରଚନା କରିଥିଲେ। ଡ. ନିଶାମଣି କର ଏହି କବିତା ପୁସ୍ତକକୁ ଇଂଲିଶ ଭାଷାରେ ଅନୁବାଦ କରିଛନ୍ତି। ମୂଳ ପୁସ୍ତକ ୨୦୧୮ରେ ପ୍ରକାଶିତ ହୋଇଥିଲା। ୨୦୧୯ରେ ଏହାର ହିନ୍ଦୀ ସଂସ୍କରଣ ପ୍ରକାଶ ପାଇଥିଲା। ଚଳିତ ବର୍ଷ ଏଥେନା ବୁକ୍ସ ଦ୍ୱାରା ଇଂଲିଶ ସଂସ୍କରଣ ପ୍ରକାଶ ପାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକର ସଂକ୍ଷିପ୍ତ ସମୀକ୍ଷା କରିଛନ୍ତି, ଯାହାକି ପୁସ୍ତକରେ ସ୍ଥାନିତ ହୋଇଛି। ଏହି କବିତା ସଂକଳନରେ ରାଧା-କୃଷ୍ଣଙ୍କ ପ୍ରେମ ଉପରେ ଆଧାରିତ ୫୧ଟି କବିତା ସ୍ଥାନ ପାଇଛି। ରାଷ୍ଟ୍ରପତିଙ୍କୁ ପୁସ୍ତକର ପ୍ରଥମ କପି ପ୍ରଦାନ କରାଯିବା ଅବସରରେ ଲେଖକ ଡ. ପ୍ରଦୀପ ଚୌଧୁରୀ, ତାଙ୍କ ସହଧର୍ମିଣୀ ଶର୍ମିଷ୍ଠା ଚୌଧୁରୀ ଏବଂ ପୁସ୍ତକର ଅନୁବାଦକ ଡ. ନିଶାମଣି କର ପ୍ରମୁଖ ଉପସ୍ଥିତ ଥିଲେ।

'ଲଭ ରିପଲ୍ସ' କବିତା ସଂକଳନ ପୁସ୍ତକରେ ପ୍ରେମ ମାଧ୍ୟମରେ ଭଗବତ୍ ପ୍ରାପ୍ତିର ଆନନ୍ଦ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଶରୀରରୁ ମନ, ମନରୁ ହୃଦୟ ଏବଂ ହୃଦୟରୁ ଆତ୍ମାରେ ପ୍ରକଟ ହେଉଥିବା ଦିବ୍ୟଚେତନାର ଅନୁଭବ ଏଥିରେ ପ୍ରକଟିତ ହୋଇଛି। ଶାରୀରିକ ଇଚ୍ଛାକୁ ଶୁଦ୍ଧ କରିବା, ମନ ଓ ଆତ୍ମାର ଅଶୁଦ୍ଧତାକୁ ଦୂର କରିବା, ଅନ୍ତରର ଆଲୋକକୁ ପ୍ରଜ୍ୱଳନ କରିବା ସହିତ ପରମାନନ୍ଦ ପ୍ରାପ୍ତିର ଭାବନା ଏଥିରେ ଥିବା ଆଧାତ୍ମିକ କବିତାଗୁଡ଼ିକରେ ପ୍ରତିଫଳିତ ହୋଇଛି। ଆଧାତ୍ମିକ ସାହିତ୍ୟ କ୍ଷେତ୍ରରେ ପୁସ୍ତକଟି ବିଶେଷ ଆଦୃତି ଲାଭ କରିବ ବୋଲି ଆଶା କରାଯାଉଛି।

# ୨୯୦ ସିରିଜ୍‌ର ଅତ୍ୟାଧୁନିକ ଜୁମ୍ କଲୋନୋସ୍କୋପି ଉପଲବ୍ଧ

ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)

ପେଟ ଓ ଯକୃତ ରୋଗ ବିଶେଷଜ୍ଞ ଆଶୁତୋଷ ମହାପାତ୍ରଙ୍କ ବ୍ୟକ୍ତିଗତ ଉଦ୍ୟମରେ ଭୁବନେଶ୍ୱର ଶହୀଦନଗରସ୍ଥିତ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ୍ ଲିଭର ସାଇନ୍ସରେ ୨୯୦ ସିରିଜ୍‌ର ଅତ୍ୟାଧୁନିକ ଜୁମ୍ କଲୋନୋସ୍କୋପି ଉପଲବ୍ଧ ହେଲା। ଏଭଳି ଏକ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ସିଷ୍ଟମ୍ ସମଗ୍ର ପୂର୍ବ ଭାରତରେ ପ୍ରଥମ। ଡାକ୍ତର ମହାପାତ୍ର ଏହି କଲୋନୋସ୍କୋପ୍ ସମ୍ବନ୍ଧରେ ସୂଚନା ଦେଇ କହିଛନ୍ତି, ଏହା ହେଉଛି ସବୁଠାରୁ ଉନ୍ନତମାନର ନ୍ୟାରୋ ବ୍ୟାଣ୍ଡ୍ ଇମେଜିଂ ଉପଯୋଗ ହେଉଥିବା ୨୯୦ ସିରିଜ୍‌ର କଲୋନୋସ୍କୋପ୍। ମେଡିକାଲ ଉପକରଣ ନିର୍ମାଣରେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଅଲମ୍ପସ୍ କମ୍ପାନୀ ଦ୍ୱାରା ଏହା ନିର୍ମିତ। ଏଥିରେ ଲାର୍ଜ ଇନ୍‌ଟେଷ୍ଟାଇନ ବା ବୃହଦନ୍ତ୍ରର ଅନେକ ରୋଗ ଯଥା କୋଲାଇଟିସ୍, କୋଲନ କ୍ୟାନ୍‌ସର ଓ କୋଲୋନିକ୍ ପଲିପ୍ ଇତ୍ୟାଦି ପ୍ରାରମ୍ଭିକ ଅବସ୍ଥାରୁ ନିରୂପିତ ହୋଇପାରିଥାଏ। ଫଳରେ ଏସବୁ ରୋଗର ଉପଯୁକ୍ତ ଚିକିତ୍ସା ହୋଇପାରିଥାଏ ଏବଂ ରୋଗୀ ଆରୋଗ୍ୟ ହେବା ସମ୍ଭାବନା ଅଧିକ ହୋଇଥାଏ। ଏହି ଉପକରଣ ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ରୋଗୀ ଯଥେଷ୍ଟ ଉପକାର ପାଇପାରିବେ। ମହାପାତ୍ର ଜାପାନରେ ଦୁଇଥର ଏଣ୍ଡୋସାଇଟୋସ୍କୋପି ପ୍ରଶିକ୍ଷଣ ନେଇଛନ୍ତି। ଟୋକିଓସ୍ଥିତ ନ୍ୟାଶନାଲ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଓସାକା ଇଣ୍ଟରନ୍ୟାଶନାଲ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ରେ ପୂର୍ଣ୍ଣ ପ୍ରଶିକ୍ଷଣ ନେଇଛନ୍ତି। ଏପରିକି ସେ ଜାପାନ ସରକାରଙ୍କ ପକ୍ଷରୁ ମେଡିକାଲ ଲାଇସେନ୍ସ ମଧ୍ୟ ପାଇଛନ୍ତି। ଗତ ୨ବର୍ଷରେ ସେ ୧୦ଟି ପ୍ରାରମ୍ଭିକ ଗ୍ୟାଷ୍ଟ୍ରିକ କ୍ୟାନ୍‌ସର ନିରୂପଣ କରିପାରିଛନ୍ତି। ତାଙ୍କ ଉଦ୍ୟମରେ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଲିଭର ସାଇନ୍ସ ପୂର୍ବ ଭାରତର ଏକ ଆଡଭାନ୍ସ ଏଣ୍ଡୋସ୍କୋପିକ୍ ଇମେଜିଂ ସେଣ୍ଟର ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।


ଆଶୁତୋଷ ମହାପାତ୍ର

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
0674-2580385

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧନୁ, ତୀର ସହ ବନ୍ଧୁକ ଜବତ: ଜଣେ ଗିରଫ

କେନ୍ଦୁଝର, ୧୫।୧୧ (ସ୍ୱ.ପ୍ର./ ଡି.ଏନ୍.ଏ)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ଅନ୍ତର୍ଗତ କଳାପାଟ ସଂରକ୍ଷିତ ଜଙ୍ଗଲ ତାଳପଦା ସେକ୍ସନରେ ଏକ ଗର୍ଭିଣୀ ହାତୀକୁ ତୀରବିନ୍ଧି ମାରିବା ଘଟଣାରେ ବନ ବିଭାଗ ଜଣଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ସହିତ ଧନୁ ଓ ତୀର ଜବତ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ ସ୍ଥାନୀୟ ଶିମିଳିପାଳ ଗ୍ରାମର ଚଗଲୁ ପାତ୍ର (୨୨)। ଓଆର୍ କେସ୍ ନଂ. ୨୭/୨୦୨୨-୨୩ରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି ଧନ୍‌ରାଜ କହିଛନ୍ତି। ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତିକୁ ନେଇ ବନ ବିଭାଗ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ବନ ବିଭାଗ ଗତ ୭ ତାରିଖରେ ତୀରବିଦ୍ଧ ଗର୍ଭିଣୀ ହାତୀ ଓ ନବଜାତ ଶିଶୁ ହାତୀର ଗଳିତ ମୃତଦେହ ଜବତ କରିଥିଲା। ଘଟଣାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଗର୍ଭିଣୀ ହାତୀକୁ ତୀରବିନ୍ଧି ମାରିବା ଘଟଣା

■ ବେଆଇନ ହୁକିଂ, ବନ୍ଧୁକ ରଖିବା ଅଭିଯୋଗ ୩ ଅଟକ

ପୂର୍ବରୁ ବନ ବିଭାଗ ଜଣେ ଫରେଷ୍ଟରଙ୍କୁ ନିଲମ୍ବିତ କରିଥିବା ବେଳେ ଫରେଷ୍ଟ ଗାର୍ଡ ଓ ରେଞ୍ଜ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ କରିଛି। ସେହିପରି ଚଢ଼ାଉ ସମୟରେ ବନ ବିଭାଗ ଏକ ବେଆଇନ ହୁକିଂ ଘଟଣାରେ ସମ୍ପୃକ୍ତ ଉକ୍ତ ଗ୍ରାମର ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେମାନେ ହେଲେ ନାରାୟଣ ପାତ୍ର ଓ ନୟନ ପାତ୍ର ବୋଲି ଜଣାପଡ଼ିଛି। ସେହିପରି ଝାରବେଡ଼ା ଗ୍ରାମରୁ ସୁମନ୍ତ ଶବରଙ୍କ ନିକଟରୁ ଏକ ବେଆଇନ ବନ୍ଧୁକ ଜବତ କରି ତାଙ୍କୁ ଅଟକ ରଖିଛି। ସେମାନଙ୍କୁ ପଚରାଉଚୁରା ପରେ କୋର୍ଟଚାଲାଣ କରାଯିବ ବୋଲି ତେଲକୋଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ ସୂଚନା ଦେଇଛନ୍ତି।

# Classified Everyday 0674-2580101, 2549949


MATRIMONIAL

## BRIDE WANTED

48 ବୟସ୍କ Business କରୁଥିବା Widower ଖଣ୍ଡାୟତ ପୁଅଙ୍କୁ Divorce/Widow/ Unmarried ଝିଅ ଦରକାର। 7381366103. D-1999

**Gopal Boy height 5'9", Age-40 fair good looking contractor (Govt.) Father Engineer (Late) Gopal girl Fair, Tall, Educated from a good family wanted without S.E., S.T., others can contact. M- 9777665912.** D-1966

Brahmin Boy 1995, 5'7" B.Tech Serving Manager, Nationalised Bank "Sunasansar". 9937512659, 8249969649. D-1988

Handsome Khandayat boy, M.Tech/ MBA, Infosys Engineer. "SUHAG".9938199964, 9090486408. D-2018

## GROOM WANTED

ଏକାକୀ ରହୁଥିବା 54 ବୟସ୍କା ବିଧବା ସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଝିଅଙ୍କ ପାଇଁ ଯୋଗ୍ୟ ଘରଜ୍ୱାଇଁ ଆବଶ୍ୟକ। 7606067313. D-1998

ବାପା ମାଁ ନ ଥିବା Unmarried 34 ବୟସ୍କା Govt. Lecturer ଖଣ୍ଡାୟତ ଝିଅଙ୍କୁ ବିବାହିତ/ଅବିବାହିତ ପୁଅ ଦରକାର। 8327715036. D-2000

47 ବୟସ୍କା Widow Pharmacist Bengali ଏକାକୀ ରହୁଥିବା ଝିଅଙ୍କୁ ସନ୍ତାନ/ନିଃସନ୍ତାନ anycaste ପୁଅ ଦରକାର। 6371085658. D-1996


REAL ESTATE

## SALE

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

Commercial Cum residential gharabari plot for sale in Khurda Puri Road, just 2K.M. from Khurda Collector Office, Plot size- 90'x112'. Contact Owner- 9439101373, 7750068828. D-2013

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-73996

New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

Sale 3BHK Duplex 38 lakhs Gudiapokhari, Bhubaneswar gated community. 7327043914. D-78895

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200 mtr.** ଦୂରତାରେ **BDA yellow zone** ପ୍ଲଟ୍ **Boundary** ସହ ମିଳୁଛି। **7848882166.** D-74142

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଘରବାରୀ ପାଟେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127


CONSTRUCTION

**Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1823


BUSINESS

Get professional Hair, Nail, Beauty Training Classes at affordable fees. Contact- 9692671608. D-1957

### ଜନ୍ମଦିନ ଶୁଭେଚ୍ଛା


(ବାପୁନ୍)

**ଦିବ୍ୟାଂଶୁ**

ପିତା: ଦୀପକ ସେଠୀ, ମାତା: ସୋନାଲି ସେଠୀ
ବରିଷଣ, କଟକ

ଆଜି ତୁମର ପ୍ରଥମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ଉଜ୍ଜ୍ୱଳ ଭବିଷ୍ୟତ ଓ ସୁସ୍ଥ ଜୀବନର କାମନା କରୁଅଛୁ।

-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା, ପ୍ରଦିପ୍ତ, ଆଲୋକ, ବନ୍ଧୁ ଓ ପରିବାରବର୍ଗ।

ଧ-୨୦୧୯


FOR RENT

Three Bedroom house for rent at Jagannath Nagar, Laxmisagar with Ample Space for Car Parking. Contact: 9437960960, 9439200445, 8249910180. D-2020


Healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995

**Full body massage by smart/expert therapist @999 only. 9078484455.** D-73660

Newly open Spa positively health benefit with expert. Contact: 7749976301. D-73894

Newly open full body massage ladies and gents. 8327740003, 8093860513. D-73999

### ସପ୍ତମ ଜନ୍ମଦିନ ଶୁଭେଚ୍ଛା




**ଆୟାନ ପ୍ରଧାନ**

ଗ୍ରା: ଲୁଟୁରପଙ୍କ, ବାରମହାରାଜପୁର, ଜି: ସୁବର୍ଣ୍ଣପୁର

ଆଜି ତୋର "ସପ୍ତମ" ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଶୁଭେଚ୍ଛା ସହ: ମାତା: ଅର୍ଚ୍ଚିତା ପ୍ରଧାନ, ପିତା: ସୁଶୀଳ ପ୍ରଧାନ, ରାଖି, ବନ୍ଧନ, ପିଣ୍ଟୁ, ପପୁ, ପୂଜା, ସୋନାଲି, ଶକ୍ତି, ଦାଦା, ଆଈ, ବଡ଼ମା, ବଡ଼ବାପା, ମାମୁ, ମାଇଁ।

ଧ-୨୦୧୭

**LEGAL NOTICE**

Notice under order-5, rule 20 of C.P.C. Read with Section 372 of Indian succession Act In the Court of the Civil Judge (Sr.Div), Dhenkanal
Intestate Case No.2/2022

Satyaranjan Satpathy ..... Petitioner

Versus

Rudra Kumar Satpathy And Others ….Opp. Parties

WHEREAS the petitioner Satyaranjan Satpathy, Son of Rudra Kumar Satpathy and Late Jyotsnarani Satpathy of Deulasahi, PS- Town, Dist.- Dhenkanal has filed the above Case for Grant of Succession Certificate for getting deposited amount in Postal Savings Account No 9084149193, At- Jubilee Town Sub Post Office, in the name of his deceased Mother Jyotsnarani Satpathy who had already been expired on 01.05.2021.

As such, it is hereby noticed that if anybody else having any interest or objection for grant of such Certificate, he/ she/they may contest the Case in Support of His/her/their Claim and to appear before this Court in person or through his/her/their pleader on this the 7th Day of December 2022 at about 10.30 AM, failing which the Case will be heard and determined in his /her/their absence .

Given under my hand and seal of this Court, this 26th Day of Oct, 2022.

Sd./- S. Satpathy,
Civil Judge (Sr.Div)
Dhenkanal

D-74024

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓କାମିନୀ ସାହୁ**

ଆବିର୍ଭାବ : ୨୫.୧୧.୧୯୫୭ | ତିରୋଧାନ : ୨୭.୧୧.୨୦୨୧
ପୂର୍ବତନ କାଉନ୍‌ସିଲର,
ଭୁବନ ଏନ୍.ଏ.ସି. ୱାର୍ଡ ନଂ-୭, ଢେଙ୍କାନାଳ

ଚାହୁଁ ଚାହୁଁ ବର୍ଷେ ବିତିଗଲା, ଏବେ ବି ଲାଗୁଛି ତୁମେ ଆମମାନଙ୍କ ପାଖରେ ଅଛ। ତୁମ ଆଶୀର୍ବାଦ ସଦା ସର୍ବଦା ଆମମାନଙ୍କ ଉପରେ ରହିଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

• ଶୋକସନ୍ତପ୍ତ •
ହତଭାଗ୍ୟ- ସ୍ୱାମୀ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ତଥା ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୭୧୫୪୬

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ବିଜୟ କୁମାର ରଣସିଂହ**

ଗଜପତି ନଗର, ପୁରୀ

ଆବିର୍ଭାବ: ତା୦୩।୦୪।୧୯୪୬ରିଖ
ତିରୋଧାନ: ତା୦୬।୧୧।୨୦୨୨ରିଖ

ତୁମର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ସରଳ ଜୀବନ ଯାପନ, ନିଷ୍କପଟ ମନୋଭାବ ଏବଂ ସତ୍‌ମାର୍ଗ ଦର୍ଶନ ଆମ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:** ତୁମର ହତଭାଗ୍ୟ ସ୍ତ୍ରୀ (କୁନି), ଶରତ, ଆରତୀ, ରାଉଳ, ଟୁନି, ସଂଗ୍ରାମ, ଅନିତା, ରୁନୁ, ଅଜିତ୍, ଆଲୋକ, ଦିଶା, ଇଶା,ସାଞ୍ଚି, ଚିଣ୍ଟୁ ଓ ବନ୍ଧୁବର୍ଗ।

ଧ-୨୦୧୪

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା କୁନି ସାହୁ**

ଈଶ୍ୱରପୁର, କଟକ

ଆବିର୍ଭାବ: ୦୮।୦୭।୧୯୭୪
ତିରୋଧାନ: ୧୨।୧୧।୨୦୨୨

ବିଶ୍ୱାସ ହେଉ ନାହିଁ ତୁମେ ଆମମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ସବୁଦିନ ମନେ ପଡ଼ିବ, ତୁମ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ: ଅନୀଲ୍, ପୁତ୍ର: ପିଙ୍କୁ, ପୁତ୍ରୀ: ଚିଙ୍କି, ନିରଞ୍ଜନ, ପଦ୍ମାବତୀ, ଅକ୍ଷୟ, କବିତା, ପ୍ରତାପ, ଝୁନିଆ, ସୁନୀଲ୍ ଗୁରୁ, ଲିଙ୍କି, ବବି, ବିଦ୍ୟାଧର, ଧନେଶ୍ୱର, ଗୁଲୁ।

ଧ-୧୪୫୮୮

### ଶ୍ରଦ୍ଧାଞ୍ଜଳି



**✓ଶ୍ରୀମତୀ ରେଣୁବାଳା ପାଢ଼ୀ**

ତିରୋଧାନ: ୨୦।୧୧।୨୦୦୮
ତିଥି: ପ୍ରଥମାଷ୍ଟମୀ

ମା', ତମେ ଯିବାର ଚାହୁଁ ଚାହୁଁ ୧୪ବର୍ଷ ବିତିଗଲେ ମଧ୍ୟ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭା ସ୍ମୃତି ହୋଇ ରହିଛ। ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପରିବାରବର୍ଗ, ପୁତ୍ର: ଅଜିତ୍, ପୁତ୍ରବଧୂ: ସସ୍ମିତା ଓ ସୁନନ୍ଦା ଏବଂ ନାତି ନାତୁଣୀଗଣ।

ଧ-୭୩୭୨୮

### ୨୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଳରାମ ପଟ୍ଟନାୟକ**

ଆବିର୍ଭାବ- ୦୯.୦୮.୧୯୨୮
ତିରୋଧାନ- ୦୬.୧୨.୧୯୯୩

ଆଜି ଏହି ୨୯ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭେମାନେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସ୍ୱଭାବ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ।

ଶୋକସନ୍ତପ୍ତ
ତୁମର ଧର୍ମପତ୍ନୀ, ବାବୁ, ଟୁକୁ, ସୁନା, ମନି ଏବଂ ବନ୍ଧୁ ଓ ପରିବାରବର୍ଗ

ଧ-୭୧୫୪୫

ଧରିତ୍ରୀ DHARITRI **Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ₹୨୧୦/- ରେ। ରଙ୍ଗୀନ ₹୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୂର୍ଯ୍ୟମୁଖୀ ଚାଷ



ସୂର୍ଯ୍ୟମୁଖୀ ମଞ୍ଜିବୁଣା କାମ ଚଳିତ ସପ୍ତାହ ଭିତରେ ଶେଷ କରନ୍ତୁ । ଏହାର ଉନ୍ନତ କିସମ ମଧ୍ୟରେ ରହିଛି ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା- କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪, ପି.ଏ.ସି.-୩୬, ଏମ୍.ଏସ୍.ଏଫ୍.ଏଚ୍.-୮, ଜ୍ୱାଳାମୁଖୀ ଆଦି ବିହନ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ଲାଗି ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନ କରି ବୁଣନ୍ତୁ । ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ସକାଶେ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ଲାଗି ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

# ଚିନାବାଦାମ କିସମ ଚୟନ

ଚିନା ବାଦାମ କିସମ: ଦେବୀ, ଜେ.ଏଲ୍.-୨୪, ଟି.ଏ.ଜି.-୨୪, ଟି.ଜି.-୩୮ ବି, ଟି.ଜି.-୩୭ ଏ, କାଦିରି-୩, କାଦିରି-୬, ଧରଣୀ । ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ୍ କଲ୍‌ଚର ୨୫୦ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡିଏପି(୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।



# ଉନ୍ନତ କିସମ ଆଖୁ

ଉନ୍ନତ କିସମର ଆଖୁ ବିହନ ଯଥା- ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା, ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ । ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଲି ଶଢ଼ାରୋଗ ଆକ୍ରମଣ କଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ବିଷ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।



# ସମନ୍ୱିତ କୃଷି : ମାଛଚାଷ ଓ ପ୍ରାଣୀପାଳନ



ଡା. ବୀରକିଶୋର ପରିଡ଼ା

ଆମ ରାଜ୍ୟ ନଦୀନାଳ ପରିପୂର୍ଣ୍ଣ ଓ ଖାଲୁଆ ଜମିର ଅଭାବ ନ ଥିବାରୁ ସମନ୍ୱିତ କୃଷି କରି ଆମ ଲୋକମାନେ ଅଧିକ ରୋଜଗାରକ୍ଷମ ହେବା ପାଇଁ ମନ ବଳେଇବା ଆବଶ୍ୟକ। କାରଣ ରାଜ୍ୟର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ମୁଣ୍ଡ ପିଛା ଜମିର ଉପଲବ୍ଧ ପରିମାଣ କମିଯାଉଥିବାରୁ ସମନ୍ୱିତ କୃଷି ବା ମାଛଚାଷ ସହ ପ୍ରାଣୀପାଳନର ଆବଶ୍ୟକତା ଢେର ରହିଛି । ତେଣୁ ଖାଲୁଆ ଜମି ଓ ପୋଖରୀରେ ମାଛଚାଷ କରିବା ସହ ଗୋପାଳନ, ଛେଳିମେଣ୍ଢା ପାଳନ, କୁକୁଡ଼ା ପାଳନ, ଘୁଷୁରି ପାଳନ କଲେ ଆମେ ଅଧିକ ଲାଭବାନ୍ ହେବା ସହିତ ପ୍ରାଣିଜ ପୁଷ୍ଟିସାର ଖାଦ୍ୟର ଆବଶ୍ୟକତା ମେଣ୍ଟାଇ ପାରିବା।

**ମିଶ୍ରିତ କୃଷି ବନାମ ସମନ୍ୱିତ କୃଷି**

ମିଶ୍ରିତ କୃଷି : ଏକ ସାଧାରଣ ଭିତ୍ତିଭୂମିର ଆଧାରରେ ନିର୍ଦ୍ଦିଷ୍ଟ ଏକକ ଅଞ୍ଚଳରେ ପରସ୍ପର ଚାଷ ପ୍ରଣାଳୀ ମଧ୍ୟରେ ସମନ୍ୱୟ ରକ୍ଷାକରି ଯେଉଁ ଚାଷ କରାଯାଏ ତାହାକୁ ମିଶ୍ରିତ ଚାଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ ଗୋଟିଏ ଜାଗା ବା ସ୍ଥାନରେ ଗୋଟିଏ ଫସଲ ମଧ୍ୟରେ ଏକାଧିକ କିସମର ଫସଲ କରିବା । ଉଦାହରଣ - ଚିନାବାଦାମ ଫସଲ ସହ ଯଥା - ସୋରିଷ, ଯଅ ଆଦି ଚାଷ କରିବା। ପୋଖରୀର ବିଭିନ୍ନ ସ୍ତରରେ ରହି କାର୍ପ ବା କାତିଲଗା ମାଛ ଯଥା- ଭାକୁଡ଼, ରୋହି, ମିରିକାଳି, ରୂପାପେଟି, ଦଳଖାଇ, ବିଲାତି ରୋହି ଖାଦ୍ୟ ସଂଗ୍ରହ କରନ୍ତି । ଏ ସମସ୍ତ ମାଛଙ୍କୁ ଏକାଠି ପୋଖରୀରେ ପାଳନ କରିବାକୁ ମିଶ୍ରିତ ମାଛଚାଷ କୁହାଯାଏ। ସେହିପରି ସବୁଜ ଗୋଖାଦ୍ୟ ଫସଲ ମିଶ୍ରିତ ଚାଷ ହିସାବରେ ସଙ୍କର ହାତିଆ ଘାସ ସହିତ ବରଗୁଡ଼ି, ଓଟ୍, ବରସିମ୍ ଆଦି ଋତୁ ଅନୁଯାୟୀ କରାଯାଇଥାଏ । ମକା, ଏସ୍‌ପି ଚେରୀ, ବାଜରା ବରଗୁଡ଼ି ଆଦି ମିଶ୍ରିତ ଚାଷ ଭାବରେ ଗ୍ରହଣ କରାଯାଇଥାଏ । ପ୍ରତି ୩ ଧାଡ଼ି ମକା, ଏସ୍‌ପି ଚେରୀ ବା ବାଜରା ଲଗାଇବା ପରେ ଧାଡ଼ିଏ ଲେଖାଏଁ ବରଗୁଡ଼ି ମିଶ୍ରିତ ଚାଷଭାବେ ଲଗାଯାଇଥାଏ। ସେହିପରି ଛଟାବୁଣାରେ ୩:୧ ଅନୁପାତରେ ଉପରୋକ୍ତ ମିଶ୍ରିତ ଚାଷ କରାଯାଇପାରିବ । ପ୍ରାଣୀ ପାଳନରେ ମିଶ୍ରିତ ଚାଷ ଭାବରେ ଗୋପାଳନ ସହ ମେଣ୍ଢା ପାଳନ ସହଜରେ କରାଯାଇପାରିବ । କୁକୁଡ଼ା ପାଳନ ସହିତ ବତକ ପାଳନ କରିବା ଅନୁଚିତ। କାରଣ ବତକ ବାର୍ଡ ଫ୍ଲୁରେ ବାହକ ସାଜିଥାନ୍ତି । ସେହିଭଳି ମାଂସଳ କୁକୁଡ଼ା ସହିତ ଅଣ୍ଡାଦିଆ କୁକୁଡ଼ା ପାଳନ କରିବା ଅନୁଚିତ ।



**ସମନ୍ୱିତ କୃଷି :** ଯେଉଁ ସବୁ ଚାଷ ପରସ୍ପର ଉପରେ ନିର୍ଭରଶୀଳ ଓ ଉତ୍ପାଦନ ବଢ଼ାଇବାରେ ପରସ୍ପରକୁ ସାହାଯ୍ୟ କରନ୍ତି, ସେସବୁ ଚାଷକୁ ସମନ୍ୱିତ ଚାଷ କୁହନ୍ତି । ଏକାଧିକ ଚାଷ ଗୋଟିଏ ଜାଗାରେ ହେଉଥିବାରୁ ପରିଚାଳନାରେ ସୁବିଧା ହୁଏ । ସମନ୍ୱିତ ମାଛଚାଷ ପ୍ରଣାଳୀ ବହୁବର୍ଷ ପୂର୍ବେ ପ୍ରଥମ କରି ଚାଇନାରେ ଆରମ୍ଭ ହୋଇଥିଲା । ଦଶମ ଶତାବ୍ଦୀରେ ତାଙ୍ଗ୍ ସାମ୍ରାଜ୍ୟରେ ମାଛଚାଷୀମାନେ ଧାନ ବିଲରେ ଗ୍ରାସ୍ କାର୍ପ ଛାଡ଼ି ଧାନଚାଷ କ୍ଷେତକୁ ଦଳ ନିରାକରଣ କରିବା ସଙ୍ଗେ ସଙ୍ଗେ ଗୋଟିଏ କ୍ଷେତରୁ ଧାନ ଓ ମାଛ ଅମଳ କରିପାରୁଥିଲେ। ପରବର୍ତ୍ତୀ ସମୟରେ ସିଙ୍ଗ୍ ସାମ୍ରାଜ୍ୟରେ ମାଛଚାଷୀମାନେ ମାଛ ସହିତ ପୋଖରୀ ହୁଡ଼ାରେ ମଲ୍‌ବେରୀ ଚାଷ, ଫଳଚାଷ, ପ୍ରାଣୀପାଳନ ଆଦି କରି ଅଧିକ ଲାଭବାନ୍ ହୋଇପାରିଲେ। ଚାଇନାରେ ଏହି ଚାଷ ପ୍ରଣାଳୀରେ ବିକାଶ ହୋଇଥିବାରୁ ଏହାକୁ ଚୀନ୍‌ଦେଶୀୟ ସମନ୍ୱିତ ମାଛଚାଷ ପ୍ରଣାଳୀ କୁହାଯାଏ । ଆମ ଦେଶରେ ମଧ୍ୟ ଶହ ଶହ ବର୍ଷ ପୂର୍ବରୁ ଧାନ-ମାଛଚାଷ ହେଉଥିବାର ପ୍ରମାଣ ରହିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ କାରଣରୁ ଚାଷ ଉପଯୋଗୀ ଜମିର ଅଭାବ ସହିତ ବର୍ତ୍ତମାନ ମନୁଷ୍ୟ ପିଢ଼ିର ଖାଦ୍ୟ ଖାଇବା ଶକ୍ତି ହ୍ରାସ ଯୋଗୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ତେଣୁ ଅଧିକ ପ୍ରାଣିଜ ପୁଷ୍ଟିସାର ଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ସମନ୍ୱିତ ଚାଷ ପ୍ରଣାଳୀର ଯଥେଷ୍ଟ ଗୁରୁତ୍ୱ ରହିଅଛି ।

**ସମନ୍ୱିତ ମାଛଚାଷ :** ମାଛଚାଷକୁ ମୁଖ୍ୟ ଚାଷ ଭାବେ ଗ୍ରହଣ କରିବା ସହିତ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମକୁ ମିଶାଇ ଯେଉଁ ଚାଷ କରାଯାଏ, ତାହାକୁ ସମନ୍ୱିତ ମାଛଚାଷ ବୋଲି କୁହାଯାଏ । ମାଛଚାଷ ସହ ପୋଖରୀ ହୁଡ଼ାରେ ଅନ୍ୟାନ୍ୟ କୃଷିଜାତ ଶସ୍ୟ ଓ ପ୍ରାଣୀପାଳନ କରି ଅଧିକ ଅର୍ଥ ଉପାର୍ଜନ କରାଯାଇପାରିବ । ଉଦାହରଣ - ମାଛ-ଗୋପାଳନ, ମାଛ-କୁକୁଡ଼ା ପାଳନ, ମାଛ-ବତକ ପାଳନ, ମାଛ-ଘୁଷୁରି ପାଳନ, ମାଛ-ଧାନଚାଷ । ପୋଖରୀ ହୁଡ଼ାରେ ହୁଡ଼ା ପାଖ ବଳକା ଜମିରେ ପନିପରିବା, କଦଳୀ, ନଡ଼ିଆ ଏବଂ ଫୁଲଚାଷ ଇତ୍ୟାଦି କରାଯାଇପାରିବ ।

**ମାଛ ଓ ପ୍ରାଣୀପାଳନ :** ସମନ୍ୱିତ ଚାଷରେ ପ୍ରାଣୀମାନଙ୍କ ମଳମୂତ୍ର ପୋଖରୀରେ ଉର୍ବରତା ବଢ଼ାଇ ମାଛ ବଢ଼ିବାରେ ସାହାଯ୍ୟ କରେ ଏବଂ ଅନ୍ୟ ଦିଗରେ ପୋଖରୀ ହୁଡ଼ାରେ ଚାଷ ହେଉଥିବା ଘାସ ପନିପରିବାର ଅବଶିଷ୍ଟାଂଶ ପ୍ରାଣୀମାନେ ଖାଇ ବଢ଼ନ୍ତି। ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ ।

**ମାଛ-ଗୋପାଳନ :** ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ। ମାଛଚାଷ କରିବା ପାଇଁ ଗୋଟିଏ ଏକର ଜାଗାରେ ବର୍ଷକୁ ଯେତିକି ଗୋବର ଆବଶ୍ୟକ, ତାହା ୩-୪ଟି ଗାଈ ପାଳିଲେ ମିଳିଥାଏ । ପୋଖରୀ ହୁଡ଼ା ଉପରେ ଗୁହାଳ କଲେ, ଗାଈ ମାନଙ୍କ ମଳ, ମୂତ୍ର ଓ ଗୁହାଳରେ ଥିବା ପାଣି ସବୁ ସିଧା ପୋଖରୀକୁ ଛାଡ଼ିହୁଏ। ପୋଖରୀରେ ମାଛଚାଷଜନିତ ହୋଇଥିବା ପଙ୍କକୁ ହୁଡ଼ା ଉପରେ ପକାଇ ସବୁଜ ଗୋଖାଦ୍ୟ ଫସଲ କରି ଗାଈମାନଙ୍କୁ ଦିଆଯାଇପାରିବ। ଏପରି ସମନ୍ୱିତ ଚାଷ କଲେ କ୍ଷୀର ସହିତ ବର୍ଷକୁ ୧୬୦୦ରୁ ୧୮୦୦ କି.ଗ୍ରା. ପର୍ଯ୍ୟନ୍ତ ମାଛ ମିଳିଥାଏ। ସେହିପରି ଗୋଟିଏ ହେକ୍ଟର ମାଛଚାଷ ପୋଖରୀରେ ଉର୍ବରତା ବଜାୟ ରଖିବା ପାଇଁ ଯେତିକି ଜୈବିକ ଖତର ଆବଶ୍ୟକତା ରହିଛି, ସେତିକି ୮-୧୦ଟି ଗାଈ ପାଳନରୁ ମିଳିଥାଏ ।

**ଆୟ :** ଗୋଟିଏ ଗାଈରୁ ବାର୍ଷିକ ୩ ହଜାର ହିସାବରେ ୮-୧୦ଟି ଗାଈଠାରୁ ୨୪ରୁ ୩୦ ହଜାର ଲିଟର କ୍ଷୀର ମିଳିପାରିବ। ଦାନା ଓ ଅନ୍ୟାନ୍ୟ ଖର୍ଚ୍ଚ ବାଦ୍ ଦେଲେ ଗୋଟିଏ ଗାଈରୁ ମାସିକ ଅତିକମ୍‌ରେ ୧୦୦୦ ଟଙ୍କା ଲାଭ ମିଳିଥାଏ। ତଦନୁଯାୟୀ ୮ରୁ ୧୦ଟି ଗାଈଠାରୁ ବର୍ଷକୁ ୯୬ ହଜାରରୁ ୧ଲକ୍ଷ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। ସେହିପରି ୨ ରୁ ୩ ଟନ୍ ମାଛରୁ ୩୦ରୁ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ।

(କ୍ରମଶଃ..)

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨



# ଡାଲି ଜାତୀୟ ଫସଲ ପାଇଁ ଜମି ଚାଷ

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷ କରନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଉନ୍ନତ ମୁଗ କିସମ - ଟାର୍ମ-୧, ଟାର୍ମ-୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨-୧୪, ଆଇପିଏମ୍ ୨-୩। ବିରି କିସମ - ପିୟୁ ୩୦, ଟିୟୁ ୯୪-୨, ସାରଳା, ପ୍ରସାଦ, ପିୟୁ-୧୯, ଉଜାଲା, ମହୁରୀ, ଶଶୀ। ବୁଟ - ଶ୍ୱେଥା, ଭାରତୀ, ବିହାର, ଜେଜି-୬୨, ସି-୨୩୫, ଆଇସିସି-୪, ରାଧେ, ଆନେଗିରି, ଜେଜି-୧୪, ଏଚ୍-୨୦୮ । ମଟର କିସମ - ରଚନା, ଏଚ୍‌ୟୁଡିପି-୧୫, ଜେପି-୮୮୫, ଉତ୍ତରା, ଡିଡିଆର୍-୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ



ଶୁଖାଇ ବୁଣନ୍ତୁ। ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ହୋଇଥିଲେ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ଲାଗିଥିଲେ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋ ସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ। ଦରକାର ହେଲେ ୧୫-୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଜରୁରୀ।

# ଶୀତଋତୁ ପାଇଁ ଉନ୍ନତ ଫସଲ

ଶେଷ ଭାଗ

ଶୀତଦିନିଆ ତୈଳବୀଜ ଫସଲ ମଧ୍ୟରେ ସୋରିଷ ଅନ୍ୟତମ । ଉତ୍ତାପ ୧୭ ° ରୁ ୨୨° ସେଲ୍‌ସିୟସ ମଧ୍ୟରେ କୁହିଡ଼ି ବିହନ ଶୁଷ୍କ ଜଳବାୟୁରେ ସୋରିଷ ଭଲ ବଢ଼େ। କାର୍ତ୍ତିକ ମାସ ଶେଷ କିମ୍ବା ମାର୍ଗଶିର ପ୍ରଥମ ସପ୍ତାହରେ ଦୋରସା କିମ୍ବା ବାଲିଆ ଦୋରସା ମାଟିରେ ସୋରିଷ ବୁଣାଯାଏ । ସୋରିଷ କିସମ ମଧ୍ୟରେ ଏମ୍-୨୭ ନମ୍ବର, ଟି ୯ ନମ୍ବର, ପିଟି-୩୦୩ ଏବଂ ୱାଇଏସ୍-ବି-୯ ନମ୍ବର ସଅଳ କିସମ ଅର୍ଥାତ୍ ୭୫ ରୁ ୯୦ ଦିନ ମଧ୍ୟରେ ଅମଳ ହୁଏ । ବିଳମ୍ବ କିସମ ଯଥା ପୁଷାବାହାର ଏବଂ ପୁଷା ବୋଲ୍‌ଡ ୧୦୦ ରୁ ୧୦୫ଦିନରେ ଅମଳ ହୁଏ । ଏକର ପ୍ରତି ୩ କି.ଗ୍ରା. ବିହନ, ଧାଡ଼ିକୁ ଧାଡ଼ି ୩୦ ରୁ ୩୩ ସେ.ମି. ଏବଂ ଗଛକୁ ଗଛ ୮ ରୁ ୧୦ ସେ.ମି .ବ୍ୟବଧାନରେ ବୁଣାଯାଏ । ବିହନ ବୁଣାବେଳେ ଏକରକୁ ୨ ଟନ୍ ଗୋବରଖତ ସହ ୧୨କିଲୋ ଯବକ୍ଷାରଯାନ ଏବଂ ସମପରିମାଣ ଫସ୍‌ପେଟ୍ ଏବଂ ପଟାସ୍ ସାର ଧାଡ଼ିରେ ପ୍ରୟୋଗ କରି ବିହନ ବୁଣାଯାଏ । ବିହନ ଗଜା ହେବାର ୨୧ ଦିନରେ କୋଡ଼ାଖୁସା କରି ବହଳ ଗଛକୁ ପତଳା କରାଯାଇ ଅବଶିଷ୍ଟ ୧୨କିଲୋ ଯବକ୍ଷାରଯାନ ପ୍ରୟୋଗ କରାଯାଏ। ସୋରିଷ ୧୫ରୁ ୨୦ ଦିନରେ ଥରେ ଜଳସେଚନ ଆବଶ୍ୟକ କରେ ଏବଂ ସମୁଦାୟ ୪ ରୁ ୫ ଗୋଟି ଜଳସେଚନ ଆବଶ୍ୟକ ହୁଏ । ଏକର ପ୍ରତି ୩ ରୁ ୪ କୁଇଣ୍ଟାଲ ଅମଳ ମିଳେ ।

କୁସୁମି ଏକ ଶୀତଦିନିଆ ତୈଳବୀଜ ଫସଲ ଯାହା ମରୁଡ଼ି ଓ ଲୁଣା ସହଣୀ ଏବଂ ମାଟିର ଅବଶିଷ୍ଟ ଜଳରେ ଭଲ ବଢ଼େ । ଅଧିକ କର୍ଦ୍ଦମ ଥିବା ମାଟିରେ କୁସୁମି ବିନା ଜଳସେଚନରେ ଚାଷ ହୋଇପାରିବ । ଉପକୂଳବର୍ତ୍ତୀ ଲୁଣାମାଟି ଏବଂ ଆଭ୍ୟନ୍ତରୀଣ ଜିଲାର କଳାମାଟିରେ କୁସୁମି ଲାଭଜନକ ଭାବେ ଚାଷ କରାଯାଇପାରିବ । ମାଟିରେ ଅଧିକ ପାଣି ଏବଂ ସନ୍ତସନ୍ତିଆ ମାଟି କୁସୁମି ଚାଷ ପାଇଁ ଅନୁପଯୁକ୍ତ । ଶୁଷ୍କ ଜଳବାୟୁ ଏବଂ ୧୭°ରୁ ୨୨° ସେଲ୍‌ସିୟସ ଉତ୍ତାପରେ କୁସୁମି ଭଲ ବଢେ। କିନ୍ତୁ ବିହନ ପାକଳ ବେଳେ ଉତ୍ତାପ ୨୯° ରୁ ୩୧° ସେଲ୍‌ସିୟସ ରହିବା ଆବଶ୍ୟକ । ରାଜ୍ୟରେ ଦୁଇଟି କିସମର କୁସୁମି ଚାଷ ହୁଏ । ଏହା ଏକ ୩୦୦ ବିଳମ୍ବ କିସମ । ଏହା ୧୪୦ ଦିନରେ ଅମଳ ହେଉଥିବା ବେଳେ ବିହନ ୪୩୭ ସଅଳ କିସମ ଏବଂ ଏହା ୯୫ ଦିନରେ ଅମଳ ହୁଏ । କୁସୁମି ବିହନ ମାଟିରେ ଶୀଘ୍ର ଗଜା ହୁଏ ନାହିଁ । ତେଣୁ ବିହନକୁ ୨୪ ଘଣ୍ଟା ପର୍ଯ୍ୟନ୍ତ ୪୦° ରୁ ୪୩° ସେଲ୍‌ସିୟସ ଉତ୍ତାପ ପାଣିରେ ବୁଡାଇ ବୁଣିଲେ ଠିକ ୍ ଗଜା ହୁଏ । ଧାଡିକୁ ଧାଡି ୩୦ ସେ.ମି ଦୂରତ୍ୱ ଏବଂ ଗଛକୁ ଗଛ ୧୦ ସେ.ମି ଦୂରତାରେ ବୁଣାଯାଏ । ଏକରକୁ ୮ କିଲୋଗ୍ରାମ ବିହନ ଆବଶ୍ୟକ ହୁଏ । ଏକର ପ୍ରତି ଯବକ୍ଷାରଯାନ ଏବଂ ଫସ୍‌ଫେଟ୍ ପ୍ରତ୍ୟେକରୁ ୧୦ କିଲୋଗ୍ରାମ ପ୍ରୟୋଗ କରାଯାଇ ବିହନ ବୁଣାଯାଏ । କୁସୁମି ପଟାସ ସାର ଆବଶ୍ୟକ କରେ ନାହିଁ । ବିଳମ୍ବ କିସମ କୁସୁମି ଜଳସେଚନରେ ସୁବିଧା ଥିଲେ ଫୁଲ ଆସିବା ସମୟରେ ଗୋଟିଏ ଜଳସେଚନ କଲେ ଅମଳ ବଢ଼େ । କୁସୁମିକୁ ସକାଳ ସମୟରେ କାକର ପଡିଥିବା ବେଳେ ଅମଳ କରାଯାଏ । ଏକରକୁ ୨୦୦ ରୁ ୨୫୦ କିଲୋଗ୍ରାମ ଅମଳ ହୁଏ।

**ପରିବା ଫସଲ :** ଶୀତଦିନିଆ ପରିବା ଫସଲ ମଧ୍ୟରେ ଆଳୁ ମୁଖ୍ୟ । ଏହା ଏକ କାଣ୍ଡ ଜାତୀୟ ଫସଲ । ମାଟି ଯେତେ ହାଲୁକା ହେବ ଆଳୁର କାଣ୍ଡ ମାଟି ଭିତରକୁ ଯାଇ ଫୁଲିବ । ତେଣୁ ମଧ୍ୟମ ଅମ୍ଳ ହୋଇଥିବା ନଦୀପଠା ପଟୁ, ଦୋରସା , ବାଲିଆ ଦୋରସା ଆଳୁ ଚାଷ ପାଇଁ ଉପଯୁକ୍ତ । ବାୟୁମଣ୍ଡଳ ଏବଂ ମାଟିର ଉତ୍ତାପ ୧୫° ରୁ ୨୨° ସେଲ୍‌ସିୟସ ମଧ୍ୟରେ ରହିଲେ ଆଳୁର କାଣ୍ଡ ଭଲ ଫୁଲେ । ତେଣୁ ଆଳୁ ଲଗାଇବାର ଉପଯୁକ୍ତ ସମୟ ମାର୍ଗଶିର ମାସ । ଆଳୁ ଲଗାଇବାର ୩ ରୁ ୪ ମାସ ମଧ୍ୟରେ ଅମଳ ହୁଏ । ସେଥିପାଇଁ ଉପଯୁକ୍ତ କିସମଗୁଡିକ ହେଲା କୁଫ୍ରିଚନ୍ଦ୍ରମୁଖୀ, କୁଫ୍ରି ଜ୍ୟୋତି, କୁଫ୍ରି ସୁନ୍ଦରୀ, କୁଫ୍ରି ବାଦସାହା ଏବଂ କୁଫ୍ରି ଲାଳିମା । କଟା କିମ୍ବା ଗୋଟା ଆଳୁ ବିହନ ପାଇଁ ବ୍ୟବହାର କରାଯାଇପାରେ । ସେଥିପାଇଁ ଏକରକୁ ୫ ରୁ ୮ କୁଇଣ୍ଟାଲ ବିହନ ଆବଶ୍ୟକ ହୁଏ । ଗୋଟା ଆଳୁ ଲଗାଇଲେ ଛୋଟ ଅର୍ଥାତ୍ ୨.୫ ରୁ ୩.୦ ସେ.ମି. ଆକାରର ଗୋଲାକାର ଆଳୁ ଲଗାଯାଏ । କଟା ଆଳୁ ଲଗାଗଲେ ଦୁଇ ଆଖି ଥିବା ଆଳୁ ବାଛିବା ଉଚିତ୍ । ଥଣ୍ଡା ଯୋଗୁ ଆଳୁ ଶୀଘ୍ର



ଗଜାହେବା ପାଇଁ ଲିଟର ପ୍ରତି ୧୦ ଗ୍ରାମ ଥାଓୟୁରିଆ ସହ ୧ ମିଲିଗ୍ରାମ ଜିବରଲିକ ଅମ୍ଳ ନାମକ ହରମୋହନ ବା ଜୀବରସ ପାଣିରେ ମିଶାଇ ୩୦ ମିନିଟ୍ ବୁଡାଇ ଛାଇରେ ଶୁଖାଇ ଲଗାଯାଇପାରେ। ଏକର ପ୍ରତି ୨ ଟନ୍ ଗୋବରଖତ ସହ ୧୨ କିଲୋଗ୍ରାମ ଯବକ୍ଷାରଯାନ, ୨୪ କିଲୋ ଫସ୍‌ପେଟ୍ ଏବଂ ୧୬ କିଲୋ ପଟାସ୍ ପ୍ରୟୋଗ କରାଯାଇ ହୁଡ଼ାରେ ଆଳୁ ଲଗାଯାଏ । ଧାଡ଼ିକୁ ଧାଡ଼ି ୪୫ ସେ.ମି . ଏବଂ ଗଛକୁ ଗଛ ୧୫ ସେ.ମି. ରଖିବା ଆବଶ୍ୟକ । ଆଳୁ ଗଜା ହେବାର ୧ ମାସ ଓ ୨ ମାସ ବ୍ୟବଧାନରେ ପ୍ରତ୍ୟେକ ଥର ଯବକ୍ଷାରଯାନ ଏବଂ ପଟାସ୍ ପ୍ରତ୍ୟେକରୁ ଆଉ ୧୬ କିଲୋ ଲେଖାଏ ପ୍ରୟୋଗକରି ହୁଡା ଟେକି ହୁଡାର ଦୁଇ ତୃତୀୟାଂଶ ଓଦା ହେବା ପର୍ଯ୍ୟନ୍ତ ନାଳିରେ ଜଳସେଚନ କରାଯାଏ । ଗଛର ପତ୍ର ହଳଦିଆ ରଙ୍ଗ ହେବା ଆରମ୍ଭ ହେଲେ ଅମଳ ଉପଯୁକ୍ତ ହୋଇଥାଏ । ଏକରକୁ ଆଳୁ ଅମଳ ୧୧୦ ରୁ ୧୫୦ କୁଇଣ୍ଟାଲ ହୁଏ।

-ପ୍ର. ସୁବୋଧ କୁମାର ସାହୁ
ଶୈଳଶ୍ରୀବିହାର, ଭୁବନେଶ୍ୱର,
ମୋ : ୯୫୫୬୨୬୬୦୮୫

